R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୨୭
ତିଥି : ଷଷ୍ଠୀ
୨୩ ମେ' ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 227
23 May 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ସିଂହାସନୀ ଦର୍ଶନ ଅଧୁରା ରହିଲା

## ବସ୍-ଅଟୋ ମୁହାଁମୁହିଁ ଧକ୍କା

# ୬ ମୃତ, ୬ ଆହତ

ବ୍ରହ୍ମପୁର, ୨୨।୫ (ସବ୍ୟୁ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୂତସରସିଙ୍ଗି -ଶିକୁଳା ରାସ୍ତାର ଲଡକାପଲ୍ଲୀ ଠାରେ ଶୁକ୍ରବାର ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି। ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟୁଛି । ଏକ ଯାତ୍ରୀବାହୀ ବସ୍ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଦୁଇଜଣ

### ମୁଖ୍ୟମନ୍ତ୍ରୀଙ୍କ ଶୋକ, ସହାୟତା ଘୋଷଣା



ନାବାଳିକା, ତିନି ମହିଳାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହାତ ହୋଇଛନ୍ତି । ସେମାନେ ହେଲେ ଗୋଳନ୍ଥରା ଥାନା ଏରେଣ୍ଡ୍ରା କୋଠାରିସିଙ୍ଗି ଗ୍ରାମର ମଲ୍ଲୀବେହେରା (୭୫), ନରସିଂହ ବେହେରା(୪୩), ପାତ୍ରପୁର ସାମନ୍ତରାପଲ୍ଲୀର ଲିଳାବତି ବେହେରା(୪୫), ରତନୀ ବେହେରା(୪୬) ପଶ୍ଚିମବଙ୍ଗ କଲିକତା, ପୁରୁଷୋତ୍ତମପୁରର ସ୍ନେହା ବେହେରା (୧୦), ଭଦ୍ରକ ଜିଲ୍ଲା ବଉଳା ଗ୍ରାମର କିରଣ ବେହେରା (୧୦) । ଆହତମାନେ ହେଲେ ବାବୁ ପ୍ରଧାନ, ଅଳକା ବେହେରା, ଭାଗ୍ୟ ବେହେରା, ଝିଲିବେହେରା, ନୂପୁର ବେହେରା ଓ କନକ ବେହେରା।

ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଆହତମାନଙ୍କର ଉତ୍ତମ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯାଇ ଥିବାବେଳେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଘଟଣାରୁ ଜାଣିବାକୁ ମିଳିଛି ଯେ ମୃତ ଓ ଆହାତଙ୍କ ସମ୍ପର୍କିୟ କୋଦଳାର ଆଲୋକ ବେହେରାଙ୍କ ଝିଅଙ୍କ ପୋଲସରା ସ୍ଥିତ ମା' (୯ ପୃଷ୍ଠାରେ)

# ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆଉଜଣେ ଗିରଫ

ନୂଆଦିଲ୍ଲୀ,୨୨।୫ : ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ ଘଟଣାରେ ସିବିଆଇ ଆଉ ଜଣେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସିବିଆଇ ପକ୍ଷରୁ କୁହାଯାଇଛି ଯେ, ସେ ପଦାର୍ଥ ବିଜ୍ଞାନର ପ୍ରଶ୍ନପତ୍ର ଲିକ କରିଥିଲେ। ଅଭିଯୁକ୍ତ ଜଣକ ଏନଟିଏ ପକ୍ଷରୁ ବିଶେଷଜ୍ଞ ଭାବେ ନିଯୁକ୍ତି ହୋଇଥିଲେ। ପ୍ରକୃତ ପରୀକ୍ଷାର ପ୍ରଶ୍ନକୁ ସେ ଅନ୍ୟମାନଙ୍କୁ ଦେଇଥିବା ଅଭିଯୋଗ ହୋଇଛି।

ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମନୀଷା ସଞ୍ଜୟ ହାବିଲଦାରଙ୍କୁ ମଧ୍ୟ ସିବିଆଇ ଗିରଫ କରି ବ୍ୟାପକ ପଚରା ଉଚରା କରୁଛି। ସେ ଏବେ ପୁନେରେ ଚାକିରି କରିଛନ୍ତି। ଏନଟିଏ ପକ୍ଷରୁ

### ଗିରଫ ସଂଖ୍ୟା ୧୧କୁ ବୃଦ୍ଧି

ଏମାନଙ୍କୁ ବିଶାରଦ ଭାବେ ନିଯୁକ୍ତି କରାଯାଇଥିଲା। ସିବିଆଇ ଅନୁଯାୟୀ ପଦାର୍ଥ ବିଜ୍ଞାନ ପ୍ରଶ୍ନପତ୍ରକୁ ଏମାନେ ପ୍ରସ୍ତୁତ କରିଥିଲେ। ଅନ୍ୟତମ ସହ ଅଭିଯୁକ୍ତ ମନୀଷା ମାନ୍ଧାରେ ମଧ୍ୟ ପଦାର୍ଥ ବିଜ୍ଞାନ ପ୍ରଶ୍ନପତ୍ର ସହ ସମ୍ପୃକ୍ତ ଥିଲେ। ସିବିଆଇ ପକ୍ଷରୁ ଏବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଇ ଆପତ୍ତିଜନକ ତଥ୍ୟ, ଲ୍ୟାପଟପ, ମୋବାଇଲ ଫୋନ, ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ଅନ୍ୟ କାଗଜପତ୍ର ଜବତ କରାଯାଉଛି। ଏହାର ଫରେନସିକ୍ ଓ ବୈଶୟିକ ବିଶ୍ଳେଷଣ ଚାଲିଛି। ମେ ୧୨ରେ ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଲିଖିତ ଅଭିଯୋଗ ପରେ ସିବିଆଇ ମାମଲା ପଞ୍ଜିକୃତ କରାଇ (୯ ପୃଷ୍ଠାରେ)

## ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍‌ରେ ରହିବ ୪ ଗାଡ଼ି

ଭୁବନେଶ୍ୱର, ୨୨।୫ (ସବ୍ୟୁ) : ପେଟ୍ରୋଲ ଓ ଡିଜେଲ ବ୍ୟବହାର କମାଇବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମେ ନିଜେ ନିଜର କାରକେଡ୍ ସଂଖ୍ୟାକୁ ଅଧାକୁ ହ୍ରାସ କରିଥିଲେ। ଆଜି ପୁଣି ଏକ ନିଷ୍ପତ୍ତି ନେଇ ତାଙ୍କ କାରକେଡ୍‌ରେ ମାତ୍ର ୪ଟି ଗାଡ଼ି ରହିବ ବୋଲି ସ୍ଥିର କରିଛନ୍ତି। ତଦନୁଯାୟୀ ପଦକ୍ଷେପ ନେବାକୁ କୁହାଯାଇଛି।

ଗତକାଲି ବିଭିନ୍ନ ବିଭାଗ ଗୁଡ଼ିକୁ ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ଲାଗି ବିହିତ ପଦକ୍ଷେପ ନେବାକୁ ଏକ ୮ ସୂତ୍ରୀ ନିର୍ଦ୍ଦେଶାବଳୀ (୯ ପୃଷ୍ଠାରେ)

### ରଥଯାତ୍ରା ଶୃଙ୍ଖଳିତ ନୀତିକାନ୍ତି ନେଇ ଉଚ୍ଚସ୍ତରୀୟ ବୈଠକ

## ସ୍ନାନଯାତ୍ରାରୁ ନିଳାଦ୍ରୀ ବିଜେ, ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ

ଭୁବନେଶ୍ୱର, ୨୨।୫ (ସବ୍ୟୁ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟେକ ଯାନିଯାତ୍ରା ଓ ଉତ୍ସବ ପ୍ରତ୍ୟେକ ଓଡ଼ିଶାବାସୀ ଓ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ହେବାକୁ ଥିବା ସ୍ନାନଯାତ୍ରା, ରଥଯାତ୍ରା, ଆଡ଼ପ ମଣ୍ଡପ ବିଜେ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଏବଂ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ଉତ୍ସବର ଶୃଙ୍ଖଳିତ ଆୟୋଜନ ଆମ ସମସ୍ତଙ୍କ ପାଇଁ ଆହ୍ୱାନ । ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ



ଏବଂ ଦଇତାପତି ନିଯୋଗଠାରୁ ଆରମ୍ଭ କରି ସମସ୍ତ ସେବାୟତ, ନିଯୋଗ ଏବଂ ରାଜ୍ୟବାସୀଙ୍କ ଏକାନ୍ତ ସହଯୋଗର ଆବଶ୍ୟକତା ରହିଛି । (୯ ପୃଷ୍ଠାରେ)

# ଗୁଳୁଗୁଳି କରୁଛି ଅଣନିଶ୍ୱାସୀ

ଭୁବନେଶ୍ୱର, ୨୨।୫ (ସବ୍ୟୁ) : ରାଜ୍ୟରେ ତାତିଠୁ ଗୁଳୁଗୁଳି ଅଣନିଶ୍ୱାସୀ କରିପକାଉଛି । ସକାଳ ସାଢ଼େ ୫ଟାରୁ ଆର୍ଦ୍ରତା ୮୪% ପାର୍ କରୁଛି । ଫଳରେ

### ଆଜି ବି ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ
### ଆଉ ସପ୍ତାହେ ତାତିରୁ ନିସ୍ତାର ନାହିଁ
### ଦକ୍ଷିଣରେ ବର୍ଷା ଦେଲା ଆଶ୍ୱସ୍ତି

ତାପମାତ୍ରା ୩୧.୪° ରହିଥିଲେ ମଧ୍ୟ ୪୪° ତାତିର ଅନୁଭୂତ ହେଉଛି । ସମଗ୍ର ଉପକୂଳରେ ଆର୍ଦ୍ରତା ବା ଜଳୀୟବାଷ୍ପ



୫୦%ରୁ ଅଧିକ ରହୁଥିବାରୁ ଦେହରୁ ଝାଳ ସୁଖୁନି । ଏହାଯୋଗୁ ଅଂଶୁଘାତ ଜନିତ ସମସ୍ୟା ଦେଖାଦେଉଛି । ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଗ ଜାରି ରହିବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏକ୍ସ'ରେ କହିଛନ୍ତି ଯେ ଉପକୂଳ ଅଞ୍ଚଳରେ ଆର୍ଦ୍ରତା ବୃଦ୍ଧି ଯୋଗୁ ପ୍ରକୃତ ତାପମାତ୍ରାଠାରୁ ୧୦° ଅଧିକ ତାତି ଅନୁଭୂତ ହେଉଛି । ଶୁକ୍ରବାର ଦିନ ସାଢ଼େ ୧୧ଟାରେ ଗୋପାଳପୁରରେ ଆର୍ଦ୍ରତା ୮୪% ଥିବାବେଳେ ବାଲେଶ୍ୱରରେ ୭୬%, ପାରାଦୀପରେ ୭୫%, ପୁରୀରେ ୭୫%, ଭୁବନେଶ୍ୱରରେ ୬୮%, ଚାନ୍ଦବାଲିରେ (୯ ପୃଷ୍ଠାରେ)

### ଏନ୍‌ସିଆର୍‌ଟି ପାଠ୍ୟକ୍ରମରେ ନ୍ୟାୟପାଳିକା ସମ୍ପର୍କରେ ବିବାଦୀୟ ଅଧ୍ୟାୟ

## ୩ ଶିକ୍ଷାବିତ୍‌ଙ୍କ ନିଷିଦ୍ଧାଦେଶ ଉଠାଇଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୨୨।୫ : ଏନସିଇଆର୍‌ଟି ଅଷ୍ଟମଶ୍ରେଣୀ ପାଠ୍ୟକ୍ରମରେ ୩ ଶିକ୍ଷାବିତଙ୍କୁ ନିଷିଦ୍ଧ କରିବା ପାଇଁ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବଦଳାଇଛନ୍ତି । ପୁରୁଣା ରାୟକୁ ଫେରାଇ ନେଇଛନ୍ତି। ଏହି ଶିକ୍ଷାବିତମାନଙ୍କୁ ସରକାରୀ ଏବଂ ସାର୍ବଜନୀନ ଶିକ୍ଷା ଯୋଜନା ଶିକ୍ଷା ସଂସ୍ଥାର ଏକାଡେମୀକୁ ପରିଯୋଜନାରୁ ଦୂରେଇ ରଖିବା ପାଇଁ ଦେଇଥିବା ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି।

ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜୟମାଲା ବାଗ୍‌ଚୀ ଓ ବିପୁଳ ପାଞ୍ଚୋଲୀକୁ ନେଇ ଗଠିତ ଖଣ୍ଡପୀଠ ମାର୍ଚ୍ଚ ୧୧ରେ ଯେଉଁ ରାୟ ଦେଇଥିଲେ ତାହା ସେଥିରେ ପରିବର୍ତ୍ତନ କରିଛନ୍ତି। ପ୍ରଫେସର ମିଶେଲ ଡେନିନୋ, ସୁପର୍ଣ୍ଣ ଦିବାକର ଓ ଆଲୋକ ପ୍ରସନ୍ନା କୁମାରଙ୍କ ମାର୍ଚ୍ଚ ୧୧ ରାୟକୁ ଫେରାଇ ନେବା ପାଇଁ ଯେଉଁ ଆବେଦନ କରିଥିଲେ ତାହା ଉପରେ ଉପରୋକ୍ତ ରାୟ ମିଳିଛି। ରାୟ ପରେ ଏହି ୩ ଶିକ୍ଷାବିତ ଏଣିକି ଏକଡେମୀ କାର୍ଯ୍ୟରେ ଭାଗ ନେଇପାରିବେ। ସୁପ୍ରିମକୋର୍ଟ ତାଙ୍କ ପୁରୁଣା ରାୟରେ କହିଥିଲେ ଯେ, ଏହି ଶିକ୍ଷାବିତମାନେ ଜାଣିଶୁଣି ତଥ୍ୟବିତ ମାନେ ଉପସ୍ଥାପନ (୯ ପୃଷ୍ଠାରେ)

## ଓଡିଶାରେ ହେବ ସିଆଇଆଇ ପୂର୍ବାଞ୍ଚଳ ପରିଷଦ ସମ୍ମିଳନୀ



ଭୁବନେଶ୍ୱର, ୨୨।୫ (ସବ୍ୟୁ) : ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ସିଆଇଆଇ, ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ଅନୀଲ ସିଂ ଏବଂ ଉପାଧ୍ୟକ୍ଷ ମଣିକାନ୍ତ ନାୟକ ସୌଜନ୍ୟମୂଳକ ସାକ୍ଷାତ କରି ଓଡ଼ିଶାରେ ଆଗାମୀ (୯ ପୃଷ୍ଠାରେ)

## ସୌମ୍ୟ ହତ୍ୟା ମାମଲାରେ ଏନ୍‌ଏଚ୍‌ଆର୍‌ସିଙ୍କ ହସ୍ତକ୍ଷେପ

ଭୁବନେଶ୍ୱର, ୨୨।୫ (ସବ୍ୟୁ) : ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ହସ୍ତକ୍ଷେପ କରିଛନ୍ତି । ଘଟଣାସ୍ଥଳକୁ ମାନବାଧିକାର ଆୟୋଗ ଡିଜି ପରିଦର୍ଶନରେ ଆସି ଜୁନ୍ ୪ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ପକ୍ଷରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିପିଙ୍କୁ କମିଶନ ନୋଟିସ୍ କରିଛନ୍ତି । କ'ଣ

### ମୁଖ୍ୟ ସଚିବ, ଡିଜିପିଙ୍କୁ ନୋଟିସ୍

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଦୁଇ ସପ୍ତାହ ମଧ୍ୟରେ ଜଣାଅ ।

ସୌମ୍ୟଙ୍କୁ ଅମାନବୀୟ ଭାବେ ପିଟି ପିଟି ହତ୍ୟା ଓ ବରିଷ୍ଠ ଆଇପିଏସ୍‌ଙ୍କ ବାସଭବନରେ ଅର୍ଡରଲି କାମ କରିବା ଘଟଣାରେ ଜାତୀୟ ମାନବାଧିକାର (୯ ପୃଷ୍ଠାରେ)




# ଅସହ୍ୟ ଗରମକୁ ବିଜୁଳି କାଟ୍

ଭୁବନେଶ୍ୱର,୨୨।୫(ସବ୍ୟୁ): ଅସହ୍ୟ ଗରମରେ ସମଗ୍ର ରାଜ୍ୟ ଆଉଟପାଉଟ୍ ହେଉଥିବା ବେଳେ ଅଘୋଷିତ ବିଜୁଳିକାଟ ଓ ଲୋ ଭୋଲ୍ଟେଜ ଏହି ସମସ୍ୟାକୁ ବଢ଼ାଉ ଦେଇଛି। ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ସବୁ ପ୍ରାନ୍ତରେ ବିଜୁଳିକାଟ ହେଉଛି। ଧୈର୍ଯ୍ୟଚ୍ୟୁକ୍ତି ଯୋଗୁଁ ଲୋକମାନେ ବିଜୁଳି କାର୍ଯ୍ୟାଳୟକୁ ଘେରାଉ କରି କର୍ମଚାରୀଙ୍କୁ ଅଟକାଇ ରଖିବା ଭଳି ପଦକ୍ଷେପ ନେଉଥିବା ଜାଣିବାକୁ ମିଳିଛି।



### ସମସ୍ୟାକୁ କରୁଛି ଦ୍ୱିଗୁଣିତ
### ରାଜଧାନୀଠୁ ଆରମ୍ଭ କରି ସବୁଠି ହେଉଛି ବିଜୁଳି ବିଭ୍ରାଟ

ଭୁବନେଶ୍ୱରରେ ଭରତପୁର ଅଞ୍ଚଳରେ ବିଜୁଳିକାଟକୁ ନେଇ ବିଳମ୍ବିତ ରାତିରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା । ବୁଧବାର ରାତିରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେଲା ପରେ କୌଣସି ପଦକ୍ଷେପ ନିଆନଯିବାରୁ ଲୋକମାନେ ଅତିଷ୍ଠ ହୋଇ ବିଜୁଳି କାର୍ଯ୍ୟାଳୟକୁ ଫେରିଥିଲେ। ସେହିଭଳି ଗଞ୍ଜାମ ଜିଲ୍ଲାର ସାମଖେମୁଣ୍ଡିରେ ମଧ୍ୟ ଏଭଳି ସମସ୍ୟା ଦେଖିବାକୁ ମିଳୁଛି । ଘଣ୍ଟା ଘଣ୍ଟା ଧରି ବିଦ୍ୟୁତକାଟ ଯୋଗୁଁ ସମଗ୍ର ମେଡିକାଲ ଅନ୍ଧାରରେ ବୁଡି ରହିଛି। ରାୟଗଡ଼ାରେ ମଧ୍ୟ ଅନୁରୂପ ସମସ୍ୟା ଦେଖିବାକୁ ମିଳୁଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସମାଧାନ ନହେବାରୁ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରି ବିଦ୍ୟୁତ ବିଭାଗର ୫ ଜଣ କର୍ମଚାରୀଙ୍କୁ ଅଟାଇ ରଖିଥିଲେ। ବିଦ୍ୟୁତ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ସବଷ୍ଟେସନରେ ସ୍ଥାୟୀ କର୍ମଚାରୀ ନିଯୁକ୍ତି କରି ବିଜୁଳି ସମସ୍ୟାର ସମାଧାନ ଲାଗି ସ୍ଥାୟୀ ପ୍ରତିଶ୍ରୁତି ଦେଲା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସେହିଭଳି ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବିଦ୍ୟୁତ ସେକସନ ଅଫିସ ସମ୍ମୁଖରେ ପ୍ରତିବାଦ ଦେଖିବାକୁ ମିଳୁଛି। ବଲାଙ୍ଗୀର ସହରରେ ଲଗାତାର ବିଦ୍ୟୁତ ବିଭାଗ ଖାଲି ରହିଛି। ଏହାର ପ୍ରତିବାଦରେ ସହରବାସୀ ଓ ବିଜେଡି ପକ୍ଷରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା।

## ପିକ୍ ସମୟରେ ରହୁଛି ଅଧିକ ଚାହିଦା : କେଭି

ଭୁବନେଶ୍ୱର, ୨୨।୫ (ସବ୍ୟୁ) : ରାଜ୍ୟରେ ଯେଉଁଭଳି ଭାବରେ ଗ୍ରୀଷ୍ମ ପ୍ରବାହ ଦେଖାଦେଇଛି ସେଥିଲାଗି ପିକ୍ ସମୟରେ ବିଜୁଳିର ଅଧିକ ଚାହିଦା ରହୁଛି। ଅଧିକ ଏସି ବ୍ୟବହାର ଫଳରେ ଓଭରଲୋଡ୍ ହେତୁ ଟ୍ରାନ୍ସଫର୍ମର ପୋଡ଼ି ଯାଉଛି। ତଥାପି ଶୀଘ୍ର ରିଷ୍ଟୋର ପାଇଁ ବ୍ୟବସ୍ଥା କରାଯାଉଛି। ଲୋକ ଯେପରି ନିରନ୍ତର ବିଦ୍ୟୁତ୍ ପାଇବେ ସେଥିପାଇଁ ଚେଷ୍ଟା ଜାରି ରହିଛି ବୋଲି ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। (୯ ପୃଷ୍ଠାରେ)



## କାନ୍ସ ଉତ୍ସବରେ ସାମିଲ ହେବେ ଐଶ୍

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ପ୍ରସିଦ୍ଧ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଭାଗ ନେବାକୁ ଯାଉଛନ୍ତି । ସେ ସର୍ବଦା ଲୋରିଆଲ୍ ବ୍ରାଣ୍ଡ ତରଫରୁ ଏଠାରେ ପ୍ରତିନିଧିତ୍ୱ କରନ୍ତି, କିନ୍ତୁ ଏଥର ଓପନିଙ୍ଗ ସେରେମନିରେ ଆଲିଆ ଭଟ୍ଟଙ୍କ ଉପସ୍ଥିତି ଦେଖି ଅନେକେ ଭାବୁଥିଲେ ଯେ ହେଲେ ହୁଏତ ଐଶ୍ୱର୍ଯ୍ୟା ଏଥର କାନ୍ସରେ ନଜର ଆସିବେ ନାହିଁ । ମାତ୍ର ସବୁ ଚର୍ଚ୍ଚାର ଅନ୍ତ ଘଟାଇ ସେ କାନ୍ସରେ ସାମିଲ ହେବେ ବୋଲି ଜଣା ପଡ଼ିଛି । ମୁମ୍ବାଇ ଏୟାରପୋର୍ଟରୁ ସାମ୍ନାକୁ ଆସିଥିବା ଏକ ଭିଡିଓରେ ସେ ଝିଅ ଆରାଧ୍ୟାଙ୍କ ସହ କଳା ରଙ୍ଗର ପୋଷାକରେ ଟ୍ୱିନିଂ କରିଥିବା ଦେଖିବାକୁ ମିଳିଛି । ଏହି ସମୟରେ ସେ ଫ୍ୟାନ ଓ ପାପରାଜିଙ୍କୁ ପୋଜ ମଧ୍ୟ ଦେଇଥିଲେ । ସୂଚନାଯୋଗ୍ୟ ଯେ, ୨୦୦୨ ମସିହାରେ 'ଦେବଦାସ'ର ସ୍କ୍ରିନିଂ ସହ ହଳଦିଆ ଶାଢ଼ି ପିନ୍ଧି କାନ୍ସରେ ଡେବ୍ୟୁ କରିଥିବା ଐଶ୍ୱର୍ଯ୍ୟାଙ୍କ ଗତ ବର୍ଷର ମନୀଷ ମଲହୋତ୍ରାଙ୍କ ଡିଜାଇନ କରାଯାଇଥିବା ପାରମ୍ପରିକ ଧଳା-ସୁନେଲି ଶାଢ଼ି ଏବଂ ଗୌରବ ଗୁପ୍ତାଙ୍କ କଳା ଗାଉନ ଲୁକ୍ ବେଶ୍ ଚର୍ଚ୍ଚାରେ ଥିଲା । ଏହା ବ୍ୟତୀତ ୨୦୦୪ର ଫ୍ଲାଟ୍ ଫୁଟୱେର୍ ଲୁକ୍ ଏବଂ ପର୍ପଲ-ବ୍ଲୁ ଲିପଷ୍ଟିକ ପାଇଁ ସେ ଅନେକ ସମାଲୋଚନା ଓ ଟ୍ରୋଲିଂର ମଧ୍ୟ ସାମ୍ନା କରିଛନ୍ତି । ଏସବୁ ସତ୍ତ୍ୱେ, ଐଶ୍ୱର୍ଯ୍ୟା ଅନେକ ସମୟରେ ଏହି ବିଶ୍ୱସ୍ତରୀୟ ସିନେମା ଉତ୍ସବରେ ଭାରତକୁ ଗୌରାବନୀତ କରିଛନ୍ତି । ଐଶ୍ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜ୍ୟୁରି ସଦସ୍ୟା ହେବାର ଗୌରବ ମଧ୍ୟ ହାସଲ କରିଥିଲେ । ତାଙ୍କ କାନ୍ସ ଲୁକ ଦେଖିବା ପାଇଁ ଫ୍ୟାନମାନେ ସବୁବେଳେ ଉତ୍ସାହିତ ଥାଆନ୍ତି ।



## ବିଶ୍ୱ କଇଁଛ ଦିବସ

ପୃଥିବୀର ଅନ୍ୟତମ ପ୍ରାଚୀନ ଜୀବ କଇଁଛଙ୍କ ସଂରକ୍ଷଣ ଏବଂ ସେମାନଙ୍କର ହ୍ରାସ ପାଉଥିବା ପ୍ରାକୃତିକ ବାସସ୍ଥଳୀ ପ୍ରତି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୨୩ ତାରିଖକୁ ସମଗ୍ର ବିଶ୍ୱରେ 'ବିଶ୍ୱ କଇଁଛ ଦିବସ' ଭାବେ ପାଳନ କରାଯାଇଥାଏ । ଏହି ଦିବସ ପାଳନର ଇତିହାସ ପ୍ରାୟ ଦୁଇ ଦଶନ୍ଧିରୁ ଅଧିକ ପୁରୁଣା, ଯାହାର ଆରମ୍ଭ ୨୦୦୦ ମସିହାରେ ଆମେରିକାର ଏକ ଅଣ-ଲାଭଦାୟକ ସଂଗଠନ 'ଆମେରିକାନ୍ ଟୋର୍ଟଏଜ୍ ରେସକ୍ୟୁ' ଦ୍ୱାରା କରାଯାଇଥିଲା । ପରିବେଶ ସନ୍ତୁଳନ ରକ୍ଷା କରିବାରେ କଇଁଛମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; ବିଶେଷ କରି ସାମୁଦ୍ରିକ କଇଁଛମାନେ ସମୁଦ୍ରର ଘାସ ପ୍ରଣାଳୀକୁ ସୁସ୍ଥ ରଖିବା ସହ ସାମୁଦ୍ରିକ ଜୈବ ବିବିଧତାକୁ ନିୟନ୍ତ୍ରିତ କରିଥାନ୍ତି । ସେହିଭଳି ଓଡ଼ିଶା ପରିପ୍ରେକ୍ଷୀରେ ଏହି ଦିବସର ତାତ୍ପର୍ଯ୍ୟ ଆହୁରି ଅଧିକ, କାରଣ ରାଜ୍ୟର ଗହୀରମଥା, ଋଷିକୂଲ୍ୟା ଏବଂ ଦେବୀ ମୁହାଣ ଭଳି ଉପକୂଳ ଅଞ୍ଚଳ ବିରଳ 'ଅଲିଭ୍ ରିଡ୍‌ଲେ' ସାମୁଦ୍ରିକ କଇଁଛମାନଙ୍କର ବିଶ୍ୱର ସବୁଠାରୁ ବଡ଼ ଗଣ-ଅଣ୍ଡାଦାନ କ୍ଷେତ୍ର ପାଲଟିଛି । ବର୍ତ୍ତମାନ ସମୟରେ ସାମୁଦ୍ରିକ ପ୍ରଦୂଷଣ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ, ବେଆଇନ ଶିକାର ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହି ଶାନ୍ତ ପ୍ରାଣୀଙ୍କ ଅସ୍ତିତ୍ୱ ବିପନ୍ନ ହେବାରେ ଲାଗିଛି, ତେଣୁ କେବଳ ସରକାରୀ ସ୍ତରରେ ନୁହେଁ, ବରଂ ପ୍ରତ୍ୟେକ ନାଗରିକ ସଚେତନ ହୋଇ ପ୍ଲାଷ୍ଟିକ ବର୍ଜନ କରିବା ସହ ଏହି ଜୀବମାନଙ୍କୁ ସୁରକ୍ଷା ଦେବା ହିଁ ଚଳିତ ବିଶ୍ୱ କଇଁଛ ଦିବସର ପ୍ରକୃତ ସଂକଳ୍ପ ହେବ ।

## ବୁଲଡୋଜର ବିବାହ

ଯୁଦ୍ଧ ପରିସ୍ଥିତି ମଧ୍ୟରେ ଗାଜାର ଶେଖ ରଦୱାନ ଅଞ୍ଚଳରେ ଜଣେ ବର ବୁଲଡୋଜରରେ ବସି ବିବାହ କରିବାକୁ ପହଞ୍ଚିଛନ୍ତି । ଏହି ସମୟରେ ବର ବୁଲଡୋଜରର ଆଗ ପଟେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା ଏବଂ ବରଯାତ୍ରୀମାନେ ଗାଡ଼ି ସାମ୍ନାରେ ନାଚୁଥିବା ନଜର ଆସିଥିଲେ । ବର ଜଣକ ବୃତ୍ତିରେ ଜଣେ କନଷ୍ଟ୍ରକସନ ଗାଡ଼ିର ଡ୍ରାଇଭର ହୋଇଥିବାରୁ ଏବଂ ବୁଲଡୋଜର, ଲୋଡର ଓ କ୍ରେନ ଭଳି ଗାଡ଼ି ଚଲାଉଥିବାରୁ ସେ ନିଜ ବାହାଘର ପାଇଁ ବୁଲଡୋଜର ବାଛିଥିଲେ । ଏହା ସହିତ ଗାଜାରେ ଚାଲିଥିବା ଯୁଦ୍ଧ ଓ ସମ୍ବଳର ଅଭାବ ଯୋଗୁଁ ଲୋକମାନେ ଏଭଳି ସାଧାରଣ ଢଙ୍ଗରେ ବାହାଘର କରୁଥିବା ଦେଖିବାକୁ ମିଳୁଛି । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଭିଡିଓରେ ବର ବୁଲଡୋଜରରେ ଛିଡ଼ା ହୋଇ ନାଚୁଥିବା ଏବଂ ପାଖରେ କନ୍ୟାର ଗାଉନ ରଖାଯାଇଥିବା ଦେଖାଯାଇଛି । ସେଭଳି ଆଖପାଖରେ ଚାରିଆଡ଼େ ଭଙ୍ଗା ଘର ଏବଂ ଆବର୍ଜନା ଥିଲେ ବି ବରଯାତ୍ରୀମାନେ ବେଶ୍ ଖୁସିରେ ଉପଭୋଗ କରୁଥିବା ଦେଖିବାକୁ ମିଳୁଛି । ସୋସିଆଲ ମିଡିଆରେ ଏହାର ଖୁବ ପ୍ରଶଂସା ହେଉଥିବା ଦେଖିବାକୁ ମିଳିଛି ।



## ସୋସିଆଲ କୋଟ୍ସ



ଅନୁରାଗ ଦାଦାଙ୍କ ପାଇଁ ମୁଁ କିଛି ବି କରିବି । ଯଦି ସେ ମୋତେ କୌଣସି ବି ଫିଲ୍ମରେ ଅଭିନୟ ପାଇଁ କୁହନ୍ତି ମୁଁ କିଛି ନଭାବି କରିବି । ତାଙ୍କ ପାଇଁ ମୋର ଯଥେଷ୍ଟ ସମ୍ମାନ ରହିଛି ।

**ଫାତିମା ସନା ଶୈଖ, ଅଭିନେତ୍ରୀ**



ହୃଦଘାତ ପରେ ମୋତେ ବିଭିନ୍ନ ସ୍ଥାନରୁ ସମର୍ଥନ ମିଳିଥିଲା । ଏହି ସମର୍ଥନ ମୋତେ ସୁଟିଂ ସେଟ୍‌କୁ ଫେରିବାକୁ ସାହସ ଦେଇଥିଲା ।

**ସୁସ୍ମିତା ସେନ୍, ଅଭିନେତ୍ରୀ**



ଅଭିନୟ ମୋତେ ଅନେକ କିଛି ଦେଇଛି, ଯାହା ମୁଁ ଜୀବନରେ କେବେ ବି ଭୁଲିବିନି । ଅଭିନୟ ମୋର ସବୁବେଳେ ପ୍ରଥମ ପ୍ରେମ ହୋଇ ରହିବ ।

**ଜିମ୍ ଶର୍ମା, ଅଭିନେତା**

## କେକ କାଟିବାକୁ ୧୦ ହଜାର ବିଲ୍

ଆମେରିକାର ଏକ ବିଳାସପୂର୍ଣ୍ଣ ରେଷ୍ଟୁରାଣ୍ଟ ଜଣେ ଗ୍ରାହକଙ୍କଠାରୁ କେବଳ କେକ୍ କାଟିବା ବାବଦକୁ ୧୦,୬୫୦ ଟଙ୍କା ଆଦାୟ କରିଥିବା ଘଟଣା ସାମ୍ନାକୁ ଆସିଛି । ଜଷ୍ଟିନ ନାମକ ଜଣେ ଫୁଡ୍ ଇନ୍‌ଫ୍ଲୁଏନ୍‌ସର ନିଜର ୧୦ ଜଣ ସାଙ୍ଗଙ୍କ ସହ କାଲିଫର୍ଣ୍ଣିଆର ଏକ ରୁଫ୍‌ଟପ୍ ରେଷ୍ଟୁରାଣ୍ଟକୁ ରାତ୍ରି ଭୋଜନ ପାଇଁ ଯାଇଥିଲେ । ସେଠାରେ ସେମାନେ ଜଣେ ବନ୍ଧୁଙ୍କ ଜନ୍ମଦିନ ପାଳନ କରିବା ପାଇଁ ବାହାରୁ ଏକ କେକ୍ ନେଇ ଯାଇଥିଲେ । ରାତ୍ରି ଭୋଜନ ପରେ ଯେତେବେଳେ ବିଲ୍ ଆସିଲା, ସେଥିରେ 'କେକ୍ କଟିଂ ଫିସ୍' ବାବଦକୁ ୧୧୦ ଡଲାର ଅର୍ଥାତ୍ ପ୍ରାୟ ୧୦,୬୫୦ ଟଙ୍କା ଅଲଗା ଭାବେ ଯୋଡ଼ା ଯାଇଥିଲା । ଯାହାକି ସେଠାରେ ଉପସ୍ଥିତ ଥିବା ୧୧ ଜଣ ଲୋକଙ୍କ ହିସାବରେ ଜଣ ପ୍ରତି ପ୍ରାୟ ୯୭୦ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଥିଲା । ଏହି ଇନ୍‌ଫ୍ଲୁଏନ୍‌ସର ଜଣକ ସୋସିଆଲ ମିଡିଆରେ ବିଲ୍ ସହ ସମ୍ପୂର୍ଣ୍ଣ କାହାଣୀ ସେୟାର କରିବା ପରେ ଏହା ଖୁବ୍ ଭାଇରାଲ ହୋଇଥିଲା । ବିବାଦ ବଢ଼ିବା ପରେ ରେଷ୍ଟୁରାଣ୍ଟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ ବାହାରୁ ଅଣାଯାଇଥିବା କେକ୍ କାଟିବା ଏବଂ ପରଷିବା ପାଇଁ ସେମାନଙ୍କର ପୂର୍ବରୁ ଫିସ୍ ସ୍ଥିର ରହିଛି । ତେବେ ଗ୍ରାହକଙ୍କୁ ଏହି ଚାର୍ଜ ବିଷୟରେ ସଠିକ୍ ଭାବେ ସୂଚନା ଦିଆଯାଇ ନଥିବା ସେମାନେ ସ୍ୱୀକାର କରିଛନ୍ତି ଏବଂ ଏଥିପାଇଁ କ୍ଷମା ମାଗିବା ସହ ଟଙ୍କା ଫେରସ୍ତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।



## ଇତିହାସ

୧୪୨୦- ଅଷ୍ଟ୍ରିଆ ଓ ସିରିଆରୁ ବିଦାହେଲେ ଇହୁଦି ।
୧୯୧୫- ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅଷ୍ଟ୍ରିଆ, ହଙ୍ଗେରି ଓ ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା କଲା ଇଟାଲୀ ।
୧୯୧୯- ଜୟପୁର ମହାରାଣୀ ଗାୟତ୍ରୀ ଦେବୀଙ୍କ ଜନ୍ମ ।
୧୯୩୧- ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକାର ବସୁନ୍ଧରା କୋମକଲିଙ୍କ ଜନ୍ମ ।
୧୯୮୪- ପ୍ରଥମ ଭାରତୀୟ ମହିଳା ଭାବେ ଏଭରେଷ୍ଟ ଆରୋହଣ କଲେ ବଚ୍ଛେନ୍ଦ୍ରୀପାଲ ।
୨୦୦୮ - ପୃଥ୍ୱୀ-୨ର ମିସାଇଲର ସଫଳ ପରୀକ୍ଷଣ ।



## ନକଲି ଝରଣା

ରାଜସ୍ଥାନର ଜୈସଲମେର ମରୁଭୂମି ଅଞ୍ଚଳରେ ଏକ ବିଶାଳ କୃତ୍ରିମ ହ୍ରଦ ନିର୍ମାଣ କରାଯାଇଛି, ଯାହା ଜୈସଲମେର ଏବଂ ବାଡ଼ମେର ଜିଲ୍ଲାରେ ବର୍ଷସାରା ଜଳ ଯୋଗାଣ ବଜାୟ ରଖିବାରେ ସହାୟକ ହେବ । ପ୍ରାୟ ୨୮ କିଲୋମିଟର ଲମ୍ବ ଏବଂ ୩୩ ଫୁଟ ଗଭୀର ବିଶିଷ୍ଟ ଏହି ହ୍ରଦର ଜଳ ସଂରକ୍ଷଣ କ୍ଷମତା ୧୪୧୩ ମିଲିୟନ କ୍ୟୁବିକ୍ ଫୁଟ୍ ରହିଛି । ମରୁଭୂମିର ବାଲିଆ ମାଟି ଯେପରି ଶୀଘ୍ର ପାଣି ଶୋଷି ନନେବ, ସେଥିପାଇଁ ହ୍ରଦ ଶଯ୍ୟାରେ ୩୦୦ ମାଇକ୍ରୋନର ଏକ ବିଶେଷ 'ଏଚଡିପିଇ' ପ୍ଲାଷ୍ଟିକ ସିଟ୍ ବିଛାଯାଇଛି । ଏହାସହ ଏହାକୁ ପ୍ରାୟ ୧୦୦ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ପାଇଁ ତା' ଉପରେ ଅଢେଇ ଫୁଟର ମାଟି ସ୍ତର ଦିଆଯାଇଛି । ଇନ୍ଦିରା ଗାନ୍ଧୀ କେନାଲ ସହ ସଂଯୁକ୍ତ ଏହି ହ୍ରଦରୁ ବଡ଼ ବଡ଼ ପାଇପ୍ ମାଧ୍ୟମରେ ପାଣିକୁ ପ୍ରଥମେ ମୋହନଗଡ଼ ଫିଲ୍ଟର ପ୍ଲାଣ୍ଟକୁ ପଠାଯିବ ଏବଂ ସେଠାରୁ ବିଶୁଦ୍ଧ କରାଯାଇ ପାଇପଲାଇନ ଯୋଗେ ଲୋକଙ୍କ ଘରକୁ ଯୋଗାଇ ଦିଆଯିବ । ପ୍ରତିବର୍ଷ କେନାଲ ମରାମତି ସମୟରେ ପ୍ରାୟ ଏକ ମାସ ପାଇଁ ଜଳ ଯୋଗାଣ ବନ୍ଦ ରହୁଥିବାରୁ ଏହି ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଦେଖାଦେଉଥିବା ଉତ୍କଟ ଜଳାଭାବକୁ ଦୂର କରିବା ପାଇଁ ଏହି ପ୍ରକଳ୍ପ ଏକ ବର୍ଷର ଜଳ ବ୍ୟାକଅପ୍ ପ୍ରଦାନ କରିବ । ପ୍ରାୟ ୪୦୦ ଶ୍ରମିକ ଏବଂ ୧୦ ଜଣ ଇଞ୍ଜିନିୟରଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସଫଳତାର ସହ ସମ୍ପୂର୍ଣ୍ଣ ହୋଇପାରିଛି ।



**ମେଷ:** ଅଣ୍ଡାଜନିତ ସମସ୍ୟା, ଅର୍ଥଲାଭ, ଦାମ୍ପତ୍ୟଖୁସି, ସମ୍ମାନଲାଭ ଭ୍ରମଣସୁଖ, ଦ୍ରବ୍ୟନଷ୍ଟ, ସମ୍ପତ୍ତିବିବାଦ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପଲାଭ, ବିଦ୍ୟାରେ ସଫଳ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୫, ଆରାଧନା-ମା' ଭଗବତୀ ।

**ବୃଷ:** କର୍ମକ୍ଷେତ୍ରେ ଅଶାନ୍ତି, ଦୂରଯାତ୍ରା, ଶରୀର ସୁସ୍ଥ, ଶୁଭକାର୍ଯ୍ୟରେ ଧନବ୍ୟୟ, ବ୍ୟବସାୟିକ ଖୁସି, ଯାନବାହନେ ସତର୍କ, ସମ୍ପତ୍ତିଲାଭ, ଦାମ୍ପତ୍ୟସୁଖ, ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କ୍ରିମ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**ମିଥୁନ:** କାର୍ଯ୍ୟରେ ଅଗ୍ରଗତି, ଦୂରଯାତ୍ରା, ବ୍ୟବସାୟରେ ଉନ୍ନତି, ନୂତନ ଆୟବୃଦ୍ଧି, ଶରୀର ସୁସ୍ଥ, ଶୁଭଖବର, ମାନସିକ ଶାନ୍ତି, ଶତ୍ରୁ ପରାଜିତ, ବିଦ୍ୟାରେ ସଫଳତା, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କର୍କଟ:** ମାନସିକ ଅଶାନ୍ତି, ଦୂରଯାତ୍ରାରେ ସତର୍କ, କାର୍ଯ୍ୟକ୍ଷେତ୍ରେ ଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ସମ୍ପତ୍ତିଲାଭ, ଅର୍ଥବିନିଯୋଗରେ ଲାଭ, ବିଦ୍ୟାରେ ସଫଳତା, ଅଶ୍ଲେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କ୍ରିମ, ସଂଖ୍ୟା-ପ୍ରଭୁ, ଆରାଧନା-ପ୍ରଭୁ ଗଣେଶ ।

**ସିଂହ:** ମନରେ ଉତ୍ସାହ, ସହକର୍ମୀଙ୍କ ସହଯୋଗ, କର୍ମକ୍ଷେତ୍ରେ କଠିନ ପରିଶ୍ରମ, ଶତ୍ରୁବୃଦ୍ଧି, କିଛି ବିବାଦ ରହିବ, ସମ୍ପତ୍ତିଲାଭ, ଶୁଭଖବର, ଉଚ୍ଚପଦସ୍ଥ ଅଧି କାରୀଙ୍କ ସାହାଯ୍ୟ, ଶରୀର ସୁସ୍ଥ, ବିଦ୍ୟାରେ ଉନ୍ନତି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ଗ୍ରାମଦେବତୀ ।

**କନ୍ୟା:** ଶୁଭଖବର, ଧନବ୍ୟୟ, କାର୍ଯ୍ୟରେ ବିଳମ୍ବ, ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି, ଦ୍ରବ୍ୟପ୍ରାପ୍ତି, ସମ୍ମାନଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ଆର୍ଥିକ ଚିନ୍ତା, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**ତୁଳା:** ଭ୍ରମଣସୁଖ, ବିବାଦ ସମାଧାନ, ସମ୍ମାନଲାଭ, ପାରିବାରିକ ଖୁସି, କର୍ମକ୍ଷେତ୍ରେ ସହଯୋଗ, ପଦବୀଲାଭ, ସନ୍ତାନକଷ୍ଟ, ମୋକଦ୍ଦମାରେ ପଡ଼ିପାରନ୍ତି, ଦାମ୍ପତ୍ୟଖୁସି, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ଗୋସେବା କରନ୍ତୁ ।

**ବିଛା:** କର୍ମକ୍ଷେତ୍ରେ ସାହାଯ୍ୟ, ବନ୍ଧୁଦ୍ୱାରା ଲାଭ, ବ୍ୟବସାୟରେ ଉନ୍ନତି, ଲୋକସମ୍ପର୍କ ବୃଦ୍ଧି, ବିଦେଶ ଭ୍ରମଣ, ଶତ୍ରୁ ପରାଜିତ, ଦ୍ରବ୍ୟପ୍ରାପ୍ତି, ଶରୀର ସୁସ୍ଥ, ବଡ଼ କାର୍ଯ୍ୟରେ ମାନସିକ ଅଶାନ୍ତି, ବିଦ୍ୟାରେ ସଫଳ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ଧାର୍ମିକ କାର୍ଯ୍ୟରେ ଯୋଗଦାନ, କାର୍ଯ୍ୟ ସଫଳ, ମାନସିକ ଅସ୍ଥିରତ, ପାରିବାରିକ ବିବାଦ, ଅର୍ଥଲାଭ, ଶରୀର ସୁସ୍ଥ, ବ୍ୟବସାୟିକ ଖୁସି, ଦୂରଯାତ୍ରାରେ ସତର୍କ, ସନ୍ତାନଲାଭ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପିତାମାତାଙ୍କ ସେବା କରନ୍ତୁ ।

**ମକର:** ମାନସିକ ଅସ୍ଥିର, ଅଯଥା ଭୟ, ଦୂରଯାତ୍ରା ନିଷେଧ, ବ୍ୟବସାୟରେ ସ୍ୱଳ୍ପଲାଭ,ଶରୀର ଅସୁସ୍ଥ, ଲୋକସମ୍ପର୍କବୃଦ୍ଧି, ବନ୍ଧୁସହଯୋଗ, ଦାମ୍ପତ୍ୟଖୁସି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୧୦, ଆରାଧନା-ମା' ବଗଳାମୁଖୀ ।

**କୁମ୍ଭ:** ଅର୍ଥଲାଭ, ସାମାଜିକ ପ୍ରତିଷ୍ଠା, ନୂତନ କାର୍ଯ୍ୟରେ ଖୁସି, ବିଦେଶ ଭ୍ରମଣ, ଶରୀର ସୁସ୍ଥ, ଶତ୍ରୁ ପରାଜିତ, ସୁମିଷ୍ଟ ଭୋଜନପ୍ରାପ୍ତି, ବନ୍ଧୁଗୃହେ ଯାତ୍ରା, ପିଲାଙ୍କଖୁସି, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।

**ମୀନ:** ନୂତନ ଦ୍ରବ୍ୟଲାଭ, ଶତ୍ରୁ ପରାଜିତ, କର୍ମକ୍ଷେତ୍ରେ ପ୍ରଶଂସା, ଶରୀର ସୁସ୍ଥ, ବ୍ୟବସାୟିକ ଶତ୍ରୁତା, ସମ୍ପତ୍ତିଲାଭ, ବିଶିଷ୍ଟ କାର୍ଯ୍ୟରେ ଖୁସି, ଦ୍ରବ୍ୟଲାଭ, ପଦସ୍ଥ ଅଧି କାରୀଙ୍କ ସହଯୋଗ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମା' ଦକ୍ଷିଣକାଳୀ ।

**ଜ୍ୟେଷ୍ଠ (ମଳ) ଶୁକ୍ଳପକ୍ଷ ଅଷ୍ଟମୀ**
**୨୩.୫.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ରାଜ୍ୟ ସରକାରଙ୍କ କଠୋର ପଦକ୍ଷେପ

## ଶକ୍ତିକ୍ଷେତ୍ର ସଂସ୍ଥାରେ ୬ ମାସ ଲାଗି ଧର୍ମଘଟ ଅସିଦ୍ଧ

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମ ଏସିଆର ଯୁଦ୍ଧସ୍ଥିତି ଗମ୍ଭୀର ହେଉଥିବା ବେଳେ ଦେଶରେ ତେଲ ସଙ୍କଟର ଚାପ ଦିନକୁ ଦିନ ବଢ଼ିଚାଲିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର "ଇନ୍ଧନ ଖର୍ଚ୍ଚର ସଂଯମତା' ରକ୍ଷା କରିବା ଆରମ୍ଭ କରିଥିବା ବେଳେ ଶକ୍ତିକ୍ଷେତ୍ର ସହ ଜଡ଼ିତ ସଂସ୍ଥାଗୁଡ଼ିକରେ ସମସ୍ତ ପ୍ରକାର ଧର୍ମଘଟକୁ ୬ ମାସ ନିମନ୍ତେ ନିଷିଦ୍ଧ କରାଯାଇଛି ।

ଗୃହ ବିଭାଗର ବିଶେଷ ଶାଖା ପକ୍ଷରୁ ଶୁକ୍ରବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ଅତ୍ୟାବଶ୍ୟକ ସେବା (ପରିଚାଳନା) ଆଇନ ୧୯୮୮ ବଳରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ନୂତନ ଆଦେଶ ଅନୁସାରେ, ଗ୍ରିଡକୋ, ଓପିଟିସିଏଲ୍, ଓଏଚପିସି, ଓପିଜିସି, ଟିପିସିଓଡିଏଲ୍, ଟିପିଏନ୍ଓଡିଏଲ୍, ଟି ପି ଏ ସ୍ ଓ ଡି ଏ ଲ୍, ଟିପିଡବ୍ଲ୍ୟୁଓଡିଏଲ୍ ଭଳି ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡ଼ିକୁ ମଧ୍ୟ ଏହି ନିଷେଧାଦେଶର ପରିସରକୁ ଅଣାଯାଇଛି । ଏଥିସହ ରାଜ୍ୟର ଅନ୍ୟାନ୍ୟ ଶକ୍ତି ଉତ୍ପାଦନ ସଂସ୍ଥାମାନଙ୍କ କ୍ଷେତ୍ରରେ ମଧ୍ୟ ଏହି କଟକଣା ଲାଗୁ ହେବ ।

ଏହାର ଫଳରେ ଏହି ସଂସ୍ଥାଗୁଡ଼ିକର କର୍ମଚାରୀ, ଇଞ୍ଜିନିୟର ଓ ଅନ୍ୟ ସଂପୃକ୍ତ ସେବାକର୍ମୀମାନେ ଧର୍ମଘଟ କିମ୍ବା କାମ ବନ୍ଦ ଆନ୍ଦୋଳନ କରିପାରିବେ ନାହିଁ । ଅନଧିକୃତ ଭାବେ କାର୍ଯ୍ୟରୁ ଅନୁପସ୍ଥିତ ରହିବାକୁ ମଧ୍ୟ ଏହି ଆଇନ ଅନୁଯାୟୀ ଧର୍ମଘଟର ଶ୍ରେଣୀରେ ଗଣାଯିବ ବୋଲି ଆଦେଶରେ ସ୍ପଷ୍ଟ କରାଯାଇଛି ।

### ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ, ଆଇଆଇଟି, ଏସ୍‌ପିଏ ମଧ୍ୟରେ ଏମ୍‌ଓୟୁ

## ଐତିହାସିକ କୀର୍ତ୍ତିରାଜିର ସୁରକ୍ଷା, ବିକାଶ ଦିଗରେ କାର୍ଯ୍ୟ କରାଯିବ : ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ସଂସ୍କୃତି ଭବନ ଠାରେ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ, ଆଇଆଇଟି ଖଡ଼ଗପୁର ଏବଂ ଭୋପାଳର ସ୍କୁଲ ଅଫ୍ ପ୍ଲାନିଙ୍ଗ ଆଣ୍ଡ ଆର୍କିଟେକ୍‌ଚର ମଧ୍ୟରେ ଏକ ଅଣ ଆର୍ଥିକ ବୁଝାମଣା ପତ୍ର ସ୍ୱାକ୍ଷରିତ(ଏମଓୟୁ) ହୋଇଛି । ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥଳୀ ଓ ସ୍ଥାପତ୍ୟକୁ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରାଯିବା ସହ ଡ଼ିଜିଟାଲ ଦସ୍ତାବିଜ ପ୍ରସ୍ତୁତ କରିବା ନିମନ୍ତେ କାର୍ଯ୍ୟ କରାଯିବ । ଏଲଆଇଡ଼ିଆର, ଥ୍ରୀଡ଼ି ଆନିମେସନ୍, ଡିଜିଟାଲ ମ୍ୟାପିଙ୍ଗ, ଜିଓଗ୍ରାଫିକ ଇନ୍‌ଫରମେସନ୍ ସିଷ୍ଟମ୍, ରିମୋଟ ସେନସିଙ୍ଗ ଆଦି ପ୍ରଯୁକ୍ତିବିଦ୍ୟାର ସହଯୋଗରେ ଐତିହ୍ୟ କୀର୍ତ୍ତିରାଜି, ସ୍ଥାପତ୍ୟ, ମନ୍ଦିର, ଐତିହାସିକ ସ୍ଥାନ ଗୁଡ଼ିକର ସଂରକ୍ଷଣ କରାଯିବା



ସହ ଏହାର ବିକାଶ ନିମନ୍ତେ ପଦକ୍ଷେପ ନିଆଯିବ । ଓଡ଼ିଶାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧୀନରେ ଥିବା ପ୍ରାୟ ୮୨ ଏବଂ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବା ପ୍ରାୟ ୨୧୨ ଟି ଐତିହାସିକ କୀର୍ତ୍ତିରାଜିର ବିକାଶ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି ।

ଏଥିସହ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଆଇଆଇଟି ଖଡ଼ଗପୁରରେ ଐତିହ୍ୟ ଓ ସ୍ଥାପତ୍ୟର ସଂରକ୍ଷଣ କ୍ଷେତ୍ରରେ ଇଣ୍ଟର୍ନସିପ୍ କରିବା ପାଇଁ ଓଡ଼ିଶାର ୧୦ଜଣ ଛାତ୍ରଛାତ୍ରୀଙ୍କୁ

**ଆଇଆଇଟି ଖଡ଼ଗପୁରରେ ଇଣ୍ଟର୍ନସିପ୍ ନେବେ ଓଡ଼ିଶାର ୧୦ ଛାତ୍ରଛାତ୍ରୀ**

ସୁଯୋଗ ମିଳିବ ବୋଲି ଆଜିର ବୈଠକରେ ଘୋଷଣା କରାଯାଇଛି । ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପ ନିର୍ଦ୍ଦେଶକ ଡ଼. ଦେବଯାନୀ ଭୂୟାଁ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଆଇଆଇଟି ଖଡ଼ଗପୁରର ପ୍ରଫେସର ଗୌରବ ଦାସ ମହାପାତ୍ର, ସ୍କୁଲ ଅଫ୍ ପ୍ଲାନିଙ୍ଗ ଆଣ୍ଡ ଆର୍କିଟେକ୍‌ଚରର ନିର୍ଦ୍ଦେଶକ ପ୍ରଫେସର କୈଳାସ ରାଓ, ଉତ୍କଳ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ୧.୧୮ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ସୁଯୋଗ

## ଛାତ୍ରଛାତ୍ରୀମାନେ ପ୍ରାକ୍ଟିକାଲ ଏକ୍ସପୋଜର ପାଇପାରିବେ : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ):୨୦୨୫-୨୬ ଶିକ୍ଷାବର୍ଷରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୧ ଲକ୍ଷ ୧୮ ହଜାରରୁ ଉର୍ଦ୍ଧ୍ୱର୍ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ସୁଯୋଗ ପ୍ରଦାନ କରାଯାଇଛି । ଜାତୀୟ ଶିକ୍ଷା ନୀତି-୨୦୨୦ ଏବଂ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଗାଇଡ଼ଲାଇନ ଅନୁଯାୟୀ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଚତୁର୍ଥ ସେମିଷ୍ଟାରରେ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ସୁଯୋଗ ପ୍ରଦାନ କରାଯିବାର ପ୍ରାବଧାନ ରହିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ତତ୍ତ୍ୱାବଧାନରେ ଶିକ୍ଷା ବର୍ଷ ୨୦୨୫-୨୬ରେ ପ୍ରାୟ ୧ ଲକ୍ଷ ୧୮ ହଜାରରୁ ଉର୍ଦ୍ଧ୍ୱର୍ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସରେ ନିୟୋଜିତ କରାଯାଇଛି । ଏହି ଇଣ୍ଟର୍ନସିପର ସମୟସୀମା ୬ ସପ୍ତାହ ରହିଛି । ଇଣ୍ଟର୍ନସିପର ଛାତ୍ରଛାତ୍ରୀମାନଙ୍କୁ ମେଣ୍ଟରସିପ୍ ପ୍ରଦାନ କରାଯିବ । ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି, ପଞ୍ଚାୟତସମିତି କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର, ବିତ୍ତୀୟ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ ଓ ଏନଜିଓମାନଙ୍କରେ ଇଣ୍ଟର୍ନସିପ୍ ସୁଯୋଗ ପ୍ରଦାନ କରାଯାଇଛି । ଇଣ୍ଟର୍ନସିପ୍ ପାଇଁ ସ୍ୱତନ୍ତ୍ର ଗାଇଡ଼ଲାଇନ ରହିଛି । ଏଥିସହ ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ପ୍ରକଳ୍ପ ଉପସ୍ଥାପନ, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାପ୍ତାହିକ ରିପୋର୍ଟ ଏବଂ କାର୍ଯ୍ୟଦକ୍ଷତା ଆଧାରରେ ଛାତ୍ରଛାତ୍ରୀମାନଙ୍କୁ କ୍ରେଡ଼ିଟ ପ୍ରଦାନ କରାଯିବା ସହ ଏହାକୁ ତାଙ୍କ ଆକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟରେ ମଧ୍ୟ ସ୍ଥାନିତ କରାଯିବ । ଇଣ୍ଟର୍ନସିପ୍ ସରିବା ପରେ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରାଯିବ । ଚଳିତ ବର୍ଷ ସର୍ବାଧିକ ଗଞ୍ଜାମ, ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ, ବଲାଙ୍ଗୀର ଜିଲ୍ଲାର ଛାତ୍ରଛାତ୍ରୀମାନେ ଇଣ୍ଟର୍ନସିପରେ ଯୋଗଦେଇଛନ୍ତି । ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ କୃଷକ ସଶକ୍ତିକରଣ, ଉଚ୍ଚଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟର୍ନସିପରେ ନିୟୋଜିତ କରାଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ଗୁଣାତ୍ମକ ଓ ଗବେଷଣାତ୍ମକ ଶିକ୍ଷା ପ୍ରଦାନ ଉପରେ ପ୍ରାଧାନ୍ୟ ଦିଆଯାଉଛି । ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ମାଧ୍ୟମରେ ଛାତ୍ରଛାତ୍ରୀମାନେ ପ୍ରାକଟିକାଲ ଏକ୍ସପୋଜର ପାଇପାରିବେ । ଏଥିସହ ତୃଣମୂଳସ୍ତରରେ ହେଉଥିବା କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ମଧ୍ୟ ଅବଗତ ହୋଇପାରିବେ । ବିଭିନ୍ନ ସରକାରୀ ଅନୁଷ୍ଠାନ, ବେସରକାରୀ ଉଦ୍ୟୋଗ, ଏନଜିଓ ମାନଙ୍କରେ ଇଣ୍ଟର୍ନସିପ୍ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ପାଠ୍ୟକ୍ରମର ପ୍ରୟୋଗାତ୍ମକ ଦିଗ ଉପରେ ଅବଗତ ହୋଇପାରିବେ, ଯାହାକି ଭବିଷ୍ୟତରେ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ଓ ଉଦ୍ୟମିତା କ୍ଷେତ୍ରରେ ସହାୟକ ହେବ ।

## କାର୍ ଭିତରେ ମହିଳାଙ୍କୁ ଦୁଷ୍କର୍ମ, ନକଲି ଏନ୍‌ଆଇଏ ଅଫିସର ଗିରଫ

ଭୁବନେଶ୍ୱର, (ସବ୍ୟୁ) : କାର୍ ଭିତରେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଜଣେ ନକଲି ଏନ୍‌ଆଇଏ ଅଫିସରଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି । ନକଲି ଏନ୍‌ଆଇଏ ଅଫିସର ଆଶିଷ ରେଟ୍ଡୀ (୪୫) କାର୍‌ରେ ବସି ଜଣେ ମହିଳାଙ୍କ ମାଧ୍ୟମରେ ପୀଡିତାଙ୍କୁ ଫୋନ୍‌ରେ ଡକାଇଥିଲା । ସେ ରେଳ ଷ୍ଟେସନ ପାଖରେ ପହଞ୍ଚିବା ବେଳକୁ ତାଙ୍କୁ ଡାକିଥିବା ମହିଳା ଏକ କାର୍‌ରେ ବସିଥିବା ଦେଖିଥିଲେ । ସେଥିରେ ସେ ବସିବା କ୍ଷଣି ବାହାରେ ଠିଆ ହୋଇଥିବା ଦୁଇଜଣ କାର୍ ଭିତରକୁ ଯାଇ ତାଙ୍କୁ ଶାରୀରିକ ନିର୍ଯାତନା ଦେଇଥିଲେ । ସେଠାରୁ ପୁରୀ-କୋଣାର୍କ ରାସ୍ତାକୁ ନେଇ କାର୍ ଭିତରେ ବଳାତ୍କାର କରିଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ । ଅଭିଯୋଗ ଅନୁଯାୟୀ ଖାରବେଳନଗର ଥାନା ପୋଲିସ ମାମଲାର ତଦନ୍ତ କରି ନକଲି ଏନ୍‌ଆଇଏ ଅଫିସର ଦିଲ୍ଲୀର ଆଶିଷ ରେଡ୍ଡୀ (୪୫) କୁ ଗିରଫ କରିବା ସହ ତା'ନିକଟରୁ ଦୁଇଟି ଧାରୁଆ ଛୁରି, ଭୁଜାଲି, ଗୋଟିଏ କାଠବାଡି, ଗୋଟିଏ ରଡ, ଏନ୍‌ଆଇଏ ଲେଖାଥିବା ଏକ ଟି'ସାର୍ଟ, ଫେକ୍ ଆଇକାର୍ଡ, ଏକ ବୋଲେରୋ କାର୍, ଦୁଇଟି ଆଇଫୋନ୍, ଗୋଟିଏ ପ୍ୟାନ୍‌କାର୍ଡ, ଚାରୋଟି ଏଟିଏମ୍ କାର୍ଡ, ଗୋଟିଏ ସୁନାଚେନ ସହ ରୂପାଚେନ ଓ ଲକେଟ୍ ଜବତ ହୋଇଛି । ଫୋନରେ ଡାକିଥିବା ମହିଳା ଓ ପୀଡିତାଙ୍କ ଘର କୋଲ୍‌କାତାରେ । ଉଭୟ ଭୁବନେଶ୍ୱରରେ ରହୁଥିବା ପୋଲିସ କହିଛି । ଅଭିଯୁକ୍ତ ନକଲି ଏନ୍‌ଆଇଏ ଅଫିସର ଆଶିଷଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏହି ଦୁଇ ମହିଳା ଓ ନକଲି ଏନ୍‌ଆଇଏ ଅଫିସରଙ୍କୁ ନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ ହୋଇଥିଲା । ଜିରୋ ଏଫ୍‌ଆଇଆର୍ କରି ଇନ୍‌ଫୋସିଟି ଥାନା ପୋଲିସ ଖାରବେଳନଗର ଥାନାକୁ ମାମଲା ପଠାଇ ଦେଇଥିଲା ।

### ଏଫଏଫଏଫଏଆଇର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକ

## ଅର୍ଥନୈତିକ ରୂପାନ୍ତରଣରେ ଲଜିଷ୍ଟିକ୍ସ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି: ରାଜ୍ୟପାଳ




ଭୁବନେଶ୍ୱର(ସବ୍ୟୁ): ଦକ୍ଷତା ସହିତ ଭିତ୍ତିଭୂମି, ବିଶ୍ୱାସ ସହିତ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥିରତା ସହିତ ଅଭିବୃଦ୍ଧିକୁ ସଂଯୋଗ କରିପାରୁଥିବା ରାଷ୍ଟ୍ରମାନଙ୍କ ପାଇଁ ଭବିଷ୍ୟତ ସମ୍ଭାବନାପୂର୍ଣ୍ଣ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି । ଶୁକ୍ରବାର ପୁରୀ ଠାରେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଫେଡେରେସନ ଅଫ୍ ଫ୍ରେଟ୍ ଫରଓ୍ୱାର୍ଡର୍ସ ଆସୋସିଏସନ ଇନ୍ ଇଣ୍ଡିଆର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଭାରତର ଅର୍ଥନୈତିକ ରୂପାନ୍ତରଣରେ ଲଜିଷ୍ଟିକ୍ସ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତର ଲଜିଷ୍ଟିକ୍ସ କ୍ଷେତ୍ର କେବଳ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଆକାଂକ୍ଷାକୁ ସଂଯୋଗ କରିବା, ବ୍ୟବସାୟକୁ ସଶକ୍ତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଜାତୀୟ ସମୃଦ୍ଧିକୁ ସୁଦୃଢ଼ କରିବା ଦିଗରେ ଜଡ଼ିତ । ଦେଶର ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଇକୋସିଷ୍ଟମରେ ଏଫଏଫଏଫଏଆଇର ଅବଦାନ ପାଇଁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟପାଳ କହିଥିଲେ ଯେ ଏହି ସଂଗଠନ ସାରା ଦେଶରେ କଷ୍ଟମ୍ସ ବ୍ରୋକର ଏବଂ ଫ୍ରେଟ୍ ଫରଓ୍ୱାର୍ଡର୍ସଙ୍କ ପ୍ରତିନିଧିତ୍ୱ କରୁଥିବା ସର୍ବୋଚ୍ଚ ସଂସ୍ଥା ଭାବରେ ଉଭା ହୋଇଛି । ଆଜି ଅନ୍ତର୍ଜାତୀୟ ବାଣିଜ୍ୟକୁ ସୁଗମ କରୁଥିବା ହଜାର ହଜାର ବୃତ୍ତିଗତ ଏବଂ ଉଦ୍ୟୋଗକୁ ସମର୍ଥନ କରିଆସୁଛି ।

## ଅପହୃତା ନାବାଳିକା ଉଦ୍ଧାର, କୁଆଡେ ଗଲେ ଅପହର୍ତ୍ତା

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଥାନା ଅଞ୍ଚଳ ଡୁମୁଡୁମା ଅଞ୍ଚଳରୁ ଅପହରଣ ହୋଇଥିବା ନାବାଳିକାକୁ ପୋଲିସ ଉଦ୍ଧାର କରିଛି । ହେଲେ ଅପହର୍ତ୍ତା ସୁବାସନଗର ବସ୍ତିର ବାଦଲଙ୍କୁ ପୋଲିସ ଛାଡିଦେଇଥିବା ନାବାଳିକାଙ୍କ ମା'ଅଭିଯୋଗ କରିଛନ୍ତି । ଖଣ୍ଡଗିରି ଥାନା ପୋଲିସ ଝିଅର ମା'ଙ୍କୁ କହୁଛି, ଝିଅକୁ ପାଇଲ, ଏତେ କଥାରେ ମୁଣ୍ଡ ପୂରାଉଛ କାହିଁକି । ଝିଅଙ୍କ ମା'ଙ୍କ କହିବା କଥା ଅପହର୍ତ୍ତା ବାଦଲ ଓ ତା'ବାପା-ମା'ଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ।

ଅପହୃତା ନାବାଳିକା ଟିଉସନକୁ ଯାଇ ଆଉ ଘରକୁ ଫେରିନଥିଲେ । ମା' ଚାକିରିରୁ ଫେରିବା ପରେ ଦେଖିଥିଲେ ଘରେ ଝିଅ ନାହିଁ । ଖୋଜଖବର କରିବା ପରେ ଝିଅର ସାଙ୍ଗମାନଙ୍କ ଠାରୁ ଜାଣିବାକୁ ପାଇଥିଲେ ଯେ, ବାଦଲ ଝିଅକୁ ଅପହରଣ କରିନେଇଛି । ବାଦଲ ନାବାଳିକାଙ୍କୁ ଭୁବନେଶ୍ୱର ସୁବାସନଗର ଘରକୁ ନେବା ପରେ ନିଜ ଗାଁ ପୋଲସରାରେ ନେଇ ରଖିଥିଲା । ଏତଲା ହେବା ପରେ ପୋଲିସ ପୋଲସରା ବାଦଲଙ୍କ ଘରୁ ଝିଅକୁ ଉଦ୍ଧାର କଲା । ଝିଅ ସହ ଅପହର୍ତ୍ତା ବାଦଲକୁ ପୋଲିସ ସାଙ୍ଗରେ ଆଣିଥିଲେ ମଧ୍ୟ ଥାନା ଗେଟ୍ ପାଖରୁ ତାକୁ ବିଦା କରିଦେଇଥିଲା ବୋଲି ଅପହୃତା ନାବାଳିକା ତାଙ୍କ ମା'ଙ୍କୁ କହିଥିବା ସେ ଗଣମାଧ୍ୟମକୁ କହିଛନ୍ତି । ଅଭିଯୋଗକାରିଣୀଙ୍କ କହିବାନୁଯାୟୀ ଯଦି ନାବାଳିକାଙ୍କୁ ବାଦଲ ଗାଁ ଘରୁ ଉଦ୍ଧାର କରାଗଲା ତେବେ ତାଙ୍କ ବାପା-ମା'ଙ୍କୁ ପୋଲିସ ଗିରଫ କରୁନାହିଁ କ'ଣ ପାଇଁ ।

ନାବାଳିକାଙ୍କୁ ବାଦଲ ଧମକାଇ କହିଛି ଯେ, ମୁଁ ଯେତିକି କହୁଛି, ତୁ ସେତିକି ପୋଲିସ ଓ ଘର ଲୋକଙ୍କୁ କହିବୁ । ଅଧିକ କିଛି କହିଲେ ତୋ ବଡଭଉଣୀ ଓ ତୋତେ ଅପହରଣ କରିନେବୁ । ମା' ପଚରାଉଚରା କରିବା ବେଳେ ବାଦଲ ଧମକାଇଥିବା ଅପହୃତା କହିଥିବା ତାଙ୍କ ମା' କହିଛନ୍ତି । ପୋଲିସ ଅପହୃତାଙ୍କୁ ଥାନାରେ ରଖି ବୟାନ ରେକର୍ଡ କରିଛି । କୋର୍ଟରେ ହାଜର କରାଯିବା ପରେ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବ । ନାବାଳିକାଙ୍କୁ ଏଭଳି ପ୍ରଭାବିତ କରାଯାଇଛି ଯେ, ବାଦଲ ଯେଉଁ ଅନୁସାରେ ତାଙ୍କୁ ପ୍ରଭାବିତ କରିଛନ୍ତି, ସେ ତାହା ହିଁ ପୋଲିସରେ କହୁଛନ୍ତି ଓ କୋର୍ଟରେ କହିବେ ବୋଲି ତାଙ୍କ ମା' ଅଭିଯୋଗ କରିଛନ୍ତି । ଉପରିସ୍ଥ ପୋଲିସ ଅଫିସରଙ୍କୁ ତାଙ୍କ ମା'ଭେଟି ଏ ସମ୍ପର୍କରେ ଅଭିଯୋଗ କରିବେ ବୋଲି କହିଛନ୍ତି ।

## ପୁଲିସ୍ ସବ୍ ଇନ୍ସପେକ୍ଟର(ଏସ୍‌ଆଇ) ପ୍ରଶ୍ନପତ୍ର କେଳେଙ୍କାରୀ : ୧୭ଜଣ ଅଭିଯୁକ୍ତଙ୍କ ଜାମିନ୍ ଆବେଦନ ଖାରଜ କଲେ ହାଇକୋର୍ଟ

କଟକ(ସବ୍ୟୁ): ପୁଲିସ୍ ସବ୍ ଇନ୍ସପେକ୍ଟର(ଏସ୍‌ଆଇ) ପ୍ରଶ୍ନପତ୍ର କେଳେଙ୍କାରୀ ଘଟଣାରେ ହାଇକୋର୍ଟ ଆଜି ୧୭ଜଣ ଅଭିଯୁକ୍ତଙ୍କ ଜାମିନ୍ ଆବେଦନକୁ ଖାରଜ କରି ଦେଇଛନ୍ତି। ଏହି ଅଭିଯୁକ୍ତମାନେ ହେଲେ ଟି. ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ଲୋକନାଥ ସାହୁ, ଶ୍ରୀକାନ୍ତ ମହାରଣା, ବିଶ୍ୱଜିତ୍ ହରିଚନ୍ଦନ, ସାଗର କୁମାର ଗୌଡ଼ା, ଟଫିମ୍ ଅହମ୍ମଦ ଖାନ, ସୁରେଶ ଚନ୍ଦ୍ର ନାୟକ, ବିରଞ୍ଚି କୁମାର ନାୟକ, ନିମାଇଁ ଚରଣ ସାହୁ, ଅର୍ଜୁନ ନାୟକ, ବିଶ୍ୱରଞ୍ଜନ ବେହେରା, ଇପିଲି ସୀତାରାମ, ଅମିତ୍ ଭାରତୀ, ନୀତିଶ କୁମାର, ଅରବିନ୍ଦ ଦାସ। ପ୍ରଶ୍ନପତ୍ର ଭଳି ସଙ୍ଗୀନ ଅଭିଯୋଗରେ ଏହି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବାରୁ ଏବଂ ସେମାନେ ରାଜ୍ୟର ଯୁବକମାନଙ୍କ ଭବିଷ୍ୟତ ସହ ଖେଳିଥିବାରୁ ଅଦାଲତ ଏହି ଅଭିଯୁକ୍ତମାନଙ୍କୁ ଜାମିନ୍ ଦେବାଲାଗି ମନା କରି ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏହି ଆଦେଶ ଦେଇଛନ୍ତି। ଅପରପକ୍ଷରେ ଏହି ମାମଲାରେ ଚିକିତ୍ସା ପାଇଁ ଜାମିନ୍‌ରେ ଥିବା ମୁନା ମହାନ୍ତିର ଆଉ ଅନ୍ତରୀଣ ସୁରକ୍ଷା ବଢ଼ାଯିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଚିକିତ୍ସା ପରେ ବିଶ୍ରାମ ନେବାର ୨୧ ଦିନ ପରେ ସେ ନିମ୍ନ ଅଦାଲତରେ ଆତ୍ମ ସମର୍ପଣ ପାଇଁ କୁହାଯାଇଛି। ପୁଲିସ୍ ଏସ୍ଇ ପ୍ରଶ୍ନପତ୍ର କେଳେଙ୍କାରୀ ଘଟଣାରେ ସିବିଆଇ ପକ୍ଷରୁ ପ୍ରାୟ ୧୭ଜଣଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ଅଭିଯୁକ୍ତମାନେ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ପ୍ରାଥମିକ ପ୍ରମାଣ ନାହିଁ । ସେମାନେ ଇତିମଧ୍ୟରେ ୭ରୁ ୮ମାସ ଧରି ଜେଲ୍‌ର ଚାରିକାନ୍ଥ ମଧ୍ୟରେ କଟାଇ ସାରିଲେଣି। ସେମାନଙ୍କ ବିରୋଧରେ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇ ସାରିଲାଣି। ତେଣୁ ଏହି ପରିପ୍ରେକ୍ଷୀରେ ଅଭିଯୁକ୍ତମାନଙ୍କୁ ଜାମିନ୍ ପ୍ରଦାନ କରାଯାଉ। କିନ୍ତୁ ଏହାକୁ ସିବିଆଇ ପକ୍ଷରୁ ବିରୋଧ କରାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ଥିବା ଦର୍ଶାଯାଇଥିଲା । ଉଭୟ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ କହିଛନ୍ତି ଯେ, ଅଭିଯୁକ୍ତମାନେ ଯେଉଁଭଳି ଅପରାଧ କରିଛନ୍ତି ତାହା ସମାଜ ବିରୋଧରେ ଅପରାଧ ବୋଲି ଧରାଯିବ। ଅଭିଯୁକ୍ତମାନଙ୍କ ଏଭଳି କାର୍ଯ୍ୟ ଉଭୟ ସାମାଜିକ ଏବଂ ଆର୍ଥିକ ଭାବେ ସମାଜ ଉପରେ ବିରାଟ ପ୍ରଭାବ ପକାଇଛି । କୌଣସି ସଭ୍ୟ ସମାଜରେ ପ୍ରଶ୍ନପତ୍ର ଚୋରି ଭଳି ଘଟଣାକୁ ବରଦାସ୍ତ କରାଯାଇ ପାରିବ ନାହିଁ । ଯଦିଓ ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇସାରିଛି କିନ୍ତୁ ଜାମିନ୍ ପାଇଁ ଏହା ଯଥେଷ୍ଟ ନୁହେଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଗୋଟେ ଗଳାବାଟ ଦେଇ ଜଣେ ଅଯୋଗ୍ୟ ପ୍ରାର୍ଥୀ ଯଦି ସରକାରୀ ଚାକିରି ପାଇଯାଏ ଏହାଦ୍ୱାରା କେବଳ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ପାଇବାରୁ ସମାଜ ବଞ୍ଚିତ ହେବନି ଜଣେ ଯୋଗ୍ୟ ତଥା ପରିଶ୍ରମୀ ପ୍ରାର୍ଥୀ ପାଇଁ ଏହା ଅନ୍ୟାୟ ହେବ।

## କଟକ, ବରଗଡ଼ ଓ ଯାଜପୁରରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ବୈଠକ

ଭୁବନେଶ୍ୱର (ସବ୍ୟୁ): କଟକ, ବରଗଡ଼ ଏବଂ ଯାଜପୁର ଜିଲ୍ଲାରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ୩ଟି ଜିଲ୍ଲାରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିରେ କଟକ ଜିଲ୍ଲାର ଅଭିମାନପୁରଠାରେ ୧୩.୫୧ କୋଟି ଟଙ୍କା ବ୍ୟୟରେ ୨.୭୭ ଏକର ସ୍ଥାନରେ ଏ.ଆଇ ଓ ବ୍ଲକ ଚେନ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା । ଏଠାରେ ପ୍ରଶାସନିକ କାର୍ଯ୍ୟାଳୟ ସହ ଅତିଥି ଗୃହ, ଡିସ୍‌ପ୍ଲେ ସପ୍, କପଡ଼ା ବୟନ କେନ୍ଦ୍ର ପ୍ରଦର୍ଶନୀ ଅଞ୍ଚଳ ସହ ବିକ୍ରୟ ଷ୍ଟଲ, ଗୋଦାମ ଗୃହ ଆଦି କ୍ଷେତ୍ର ନିର୍ମିତ ହେବ । ଏହା ସ୍ଥାନୀୟ ଅଞ୍ଚଳରେ ହସ୍ତତନ୍ତ, ହସ୍ତଶିଳ୍ପ ଓ ଟେରାକୋଟା କ୍ଷେତ୍ରକୁ ଏକ ନୂତନ ଦିଗ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ପ୍ରୋତ୍ସାହିତ କରିବ ।

ସେହିପରି ବରଗଡ଼ ଜିଲ୍ଲାରେ



୨୦ କୋଟି ଟଙ୍କା ବ୍ୟୟରେ ହସ୍ତତନ୍ତ ଓ ପୋଷାକ ପାର୍କ ପ୍ରତିଷ୍ଠା ନେଇ ଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଛି । ବରଗଡ଼ର ଗୋବିନ୍ଦପୁର ମଉଜାରେ ୯.୩୫ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ପାର୍କ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁବର୍ଣ୍ଣପୁର ଓ ବଲାଙ୍ଗିର ଅଞ୍ଚଳ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ । ଏଠାରେ ଲଙ୍ଗ ୱାରଫିଂ, ୱାଇଡ଼ିଂ, ବୁଣା କାର୍ଯ୍ୟ ସହିତ ଉଚ୍ଚ ମାନର ସିଲାଇ ମେସିନ୍‌ର ବ୍ୟବହାର କରି ୩୦୦ରୁ ଅଧିକ କାରିଗରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପୋଷାକ ପ୍ରସ୍ତୁତି ସମ୍ଭବ ହୋଇପାରିବ । ବରଗଡ଼ ଜିଲ୍ଲାର ବେହେରା ବାଲିଜୁରୀ ଠାରେ ବୁଣାକାର ହାଟ ସ୍ଥାପନ ନେଇ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ହସ୍ତତନ୍ତ ପଣ୍ୟ ପ୍ରଦର୍ଶନ ଓ ବିକ୍ରୟ ପାଇଁ ୨୦୦୦ଟି ପିଣ୍ଡିର ବିକାଶ ସହ ସାମଗ୍ରୀ ପରିବହନ ଓ ଯାତାୟତ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ, ପାର୍କିଂ ବ୍ୟବସ୍ଥା ଓ ଫୁଡ୍ ଷ୍ଟଲ୍‌ର ବ୍ୟବସ୍ଥା ରହିବ । ୨୯.୧୨ ଏକର ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ବୁଣାକାର ହାଟ ଲାଗି ୨୭.୫୭ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି ।

ସେହିପରି ଯାଜପୁର ଜିଲ୍ଲାର ଗୋପାଳପୁରଠାରେ ଏଆଇ ଏବଂ ବ୍ଲକ୍‌ଚେନ୍ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ହୋଇଛି । ପ୍ରାୟ ୨ ଏକର ଜମିରେ ୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ହବ୍ ସିଲ୍‌କ ଶାଢ଼ି, ବସ୍ତ୍ର ଓ ଗୃହସଜ୍ଜା ସାମଗ୍ରୀ ଉତ୍ପାଦନ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ । ଏଠାରେ ଉତ୍ପାଦନ ଭିତ୍ତିଭୂମି, ଯୋଗାଣ ଶୃଙ୍ଖଳ, ପ୍ରଶିକ୍ଷଣ ଓ ବିପଣନ ସୁବିଧା, ସ୍ୱତନ୍ତ୍ର ଷ୍ଟଲ୍, ପ୍ରଶାସନିକ କାର୍ଯ୍ୟାଳୟ ରହିବା ସହ ରେଶମ ଓଡ଼ିଶା ଆଉଟ୍‌ଲେଟ୍ ପ୍ରତିଷ୍ଠା କରାଯିବ । ଏହି ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ପର୍ଯ୍ୟଟନ ବିଭାଗ କମିଶନ ତଥା ଶାସନ ସଚିବ ବଲବନ୍ତ ସିଂ, ନିର୍ମାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଇଂ ଏଲ୍.କେ. ପାଢ଼ୀ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଅତିରିକ୍ତ ନିର୍ଦ୍ଦେଶକ (ରେଶମ) ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଉପନିର୍ଦ୍ଦେଶକ( ବୟନଶିଳ୍ପ ) ଆଶୁତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ଜଳେଶ୍ୱର ବିଧାନସଭା ଫଳାଫଳକୁ ବିରୋଧ ମାମଲା

## ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ଆଶ୍ୱସ୍ତି

କଟକ,(ସବ୍ୟୁ): ଜଳେଶ୍ୱର ବିଧାନସଭା ନିର୍ବାଚନ ଫଳାଫଳକୁ ଚାଲେଞ୍ଜ କରି ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବ୍ରଜମୋହନ ପ୍ରଧାନ ନିର୍ବାଚନୀ ପିଟିସନ ଦାଖଲ କରିଥିଲେ । ନିର୍ବାଚନ ଏଜେଣ୍ଟ ନିଯୁକ୍ତିକୁ ନେଇ ହୋଇଥିବା ଅଭିଯୋଗ ଆଧାରରେ ନିର୍ବାଚନ ବାତିଲ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର କହିବା ସହ ଏହି ନିର୍ବାଚନୀ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ବିଧାୟକ ଶ୍ରୀ ପାତ୍ରଙ୍କୁ ଆଶ୍ୱସ୍ତି ମିଳିଛି। ୨୦୨୪ ସାଧାରଣ ନିର୍ବାଚନରେ ଜଳେଶ୍ୱର ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ୮୩ ହଜାର ୧୦୫ ଭୋଟ ପାଇ ବିଜୟୀ ହୋଇଥିବାବେଳେ ବିଜେପି ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ୮୨ ହଜାର ୭୮୬ ଭୋଟ ପାଇଥିଲେ। ମାତ୍ର ୩୧୯ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହେବା ପରେ ବ୍ରଜମୋହନ ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଅଭିଯୋଗ କରିଥିଲେ ଯେ, ନିର୍ବାଚନ ସମୟରେ ଅଶ୍ୱିନୀ ପାତ୍ର ଜଳେଶ୍ୱର ପଞ୍ଚାୟତ ସମିତିର ତତ୍କାଳୀନ ଅଧ୍ୟକ୍ଷ ମାନସ ଜେନାଙ୍କୁ ନିଜର ନିର୍ବାଚନ ଏଜେଣ୍ଟ ଏବଂ ଗଣତି ଏଜେଣ୍ଟ ଭାବେ ନିଯୁକ୍ତ କରିଥିଲେ। ନିର୍ବାଚନ କମିସନଙ୍କ ନିୟମ ଅନୁସାରେ ଜଣେ ଜନପ୍ରତିନିଧି ବା ସରକାରୀ ପଦବିରେ ଥିବା ବ୍ୟକ୍ତି ଏଜେଣ୍ଟ ହୋଇପାରିବେ ନାହିଁ। ଏହା ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଛି ବୋଲି ଶ୍ରୀ ପ୍ରଧାନ ଦର୍ଶାଇଥିଲେ। ଅପରପକ୍ଷରେ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପକ୍ଷରୁ ତାଙ୍କ ଆଇନଜୀବୀ ଯୁକ୍ତିରେ ଦର୍ଶାଇଥିଲେ ଯେ, ମାନସ ଜେନାଙ୍କୁ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବେ ନୁହେଁ ବରଂ ତାଙ୍କର ବ୍ୟକ୍ତିଗତ ପରିଚୟ ଆଧାରରେ ଏଜେଣ୍ଟ କରାଯାଇଥିଲା। ଏଥିସହିତ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଜଣେ ଜନପ୍ରତିନିଧି। ସେ କୌଣସି ସରକାରୀ କର୍ମଚାରୀ ନୁହନ୍ତି, ତେଣୁ ଏଥିରେ କୌଣସି ଆଇନଗତ କଟକଣା ଉଲ୍ଲଙ୍ଘନ ହୋଇନାହିଁ ବୋଲି କୁହାଯାଇଥିଲା। ଅଦାଲତ ଉଭୟ ପକ୍ଷଙ୍କ ଯୁକ୍ତିକୁ ଶୁଣିବା ପରେ କହିଛନ୍ତି ଯେ, ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଏଜେଣ୍ଟ ନିଯୁକ୍ତ କରିବା ନେଇ ଜନପ୍ରତିନିଧି ଆଇନରେ କୌଣସି ସିଧାସଳଖ ଆଇନଗତ କଟକଣା ନାହିଁ। ଆବେଦନକାରୀ ଭୋଟ୍ ଦିନ ଏହି ନିଯୁକ୍ତି ବିଷୟରେ ଜାଣିଥିବା ଦାବି କରିଥିଲେ ମଧ୍ୟ ସେ କୌଣସି କର୍ତ୍ତୃପକ୍ଷଙ୍କ ନିକଟରେ ତୁରନ୍ତ ଆପତ୍ତି ଦାଖଲ କରିନଥିଲେ।

# ବିଜୁଳି କାଟ୍ - ଦୁର୍ବଳ ଭିତ୍ତିଭୂମି ଦାୟୀ

ଭୁବନେଶ୍ୱର,(ତଥ୍ୟ) ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅଘୋଷିତ ବିଜୁଳି କାଟ୍ ଏବେ ଲୋକଙ୍କୁ କଲବଲ କରୁଥିବାବେଳେ ବିଦ୍ୟୁତ୍ ଭିତ୍ତିଭୂମି ବିଶେଷକରି ପୁରୁଣା ବିଦ୍ୟୁତ୍ ତାର ଓ ଟ୍ରାନଫର୍ମର ନିୟମିତ ବ୍ୟବଧାନରେ ବଦଳାଯାଉନଥିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ବିଜୁଳି କାଟ୍‌କୁ ନେଇ ଲୋକେ ରାସ୍ତାକୁ ଓହ୍ଲାଇବାରେ ଲାଗିଛନ୍ତି। ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ଲୋକେ ସନ୍ତୁଳି ହେଉଥିବାବେଳେ ବିଦ୍ୟୁତ୍ କାଟ୍ ସେମାନଙ୍କ ଯନ୍ତ୍ରଣାକୁ ବହୁଗୁଣିତ କରିଦେଇଛି। ତେଣୁ ଲୋକେ ବିଦ୍ୟୁତ୍ ଅଫିସ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ଉପରେ ନିଜର ରାଗ ଶୁଝାଉଛନ୍ତି। କେଉଁଠି ଶାଢୀ ପିନ୍ଧି ପ୍ରତିବାଦ କରୁଛନ୍ତି ତ ଆଉ କେଉଁଠି ବିଜୁଳି ବିଭାଗର ଦପ୍ତରରେ ତାଲା ପକାଇଲେଣି।

ତେବେ ଏତେସବୁ ପାଇଁ ଦୁର୍ବଳ ଭିତ୍ତିଭୂମି ଦାୟୀ ବୋଲି ଶକ୍ତି ସମୀକ୍ଷକମାନେ ମତ ଦେଉଛନ୍ତି। ସେମାନଙ୍କର କହିବାକଥା ହେଲା ଯେ ଏଲ୍‌ଟି ଲାଇନ୍ ସହିତ ୧୧କେ.ଭି ଲାଇନ୍ ତାରଗୁଡ଼ିକୁ କର୍ତ୍ତୃପକ୍ଷ ନିୟମିତ ବ୍ୟବଧାନରେ ପରିବର୍ତ୍ତନ କରୁନାହାନ୍ତି। ସେହିଭଳି ଅବସ୍ଥା ଟ୍ରାନ୍ସଫର୍ମରଗୁଡ଼ିକର। ଉଭୟ ବିଦ୍ୟୁତ୍ ତାର ଓ ଟ୍ରାନ୍ସଫର୍ମରଗୁଡ଼ିକର ଜୀବନକାଳ ୨୫ବର୍ଷ ହୋଇଥିବାବେଳେ ଏଗୁଡ଼ିକୁ କିନ୍ତୁ ନିୟମିତ ବ୍ୟବଧାନରେ ବଦଳାଯାଉ ନାହିଁ କିମ୍ବା ବଦଳାଇବାପାଇଁ ସେଭଳି କୌଣସି ଯୋଜନାବଦ୍ଧ ପଦକ୍ଷେପ ନିଆଯାଉନାହିଁ। ଏଥିପାଇଁ ବିପୁଳ ଅର୍ଥର ଆବଶ୍ୟକତା ଥିବାବେଳେ ସେ ଦିଗରେ ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ତେବେ ରାଜ୍ୟରେ ବିଦ୍ୟୁତ୍ ବ୍ୟବସ୍ଥାର ସୁଧାର ପାଇଁ କେନ୍ଦ୍ରୀୟ ସହାୟରେ ରାଜ୍ୟରେ କାପେକ୍ସ ଯୋଜନା କାର୍ଯ୍ୟକାରୀ ହୋଇଥିବାବେଳେ ଏଥିରେ ପ୍ରାୟ ୧୨୦୦ କୋଟି ଟଙ୍କା ବ୍ୟୟ ହୋଇଥିଲା। ଏହି ଅର୍ଥରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ତାର ବଦଳାଯିବା ସହିତ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ହୋଇଥିବା ଦର୍ଶାଯାଇଥିଲା। ତେବେ ଏତେ ସବୁ ସତ୍ତ୍ୱେ ଖରାଦିନରେ ଚାପ ବଢିବାମାତ୍ରେ ବିଭିନ୍ନ ସ୍ଥାନରେ ବିଜୁଳି ବିଭ୍ରାଟ ପରିଲକ୍ଷିତ ହୋଇଛି। ଅବସ୍ଥା ଏଭଳି ହୋଇଛି ଯେ ସ୍ଥାନୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷ ନିଜର ଅସହାୟତା ପ୍ରକାଶ କରୁଛନ୍ତି।

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବରୁ ସତର୍କ ସୂଚନା ଜାରି କରିଥିବାବେଳେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ କାହିଁକି ଏଥିପାଇଁ ନିଜକୁ ପ୍ରସ୍ତୁତ କରୁନାହାନ୍ତି ବୋଲି ଶକ୍ତି ସମୀକ୍ଷକମାନେ ପ୍ରଶ୍ନ କରୁଛନ୍ତି। କେବଳ ବଛା ବଛା କିଛି ସହରାଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ କରୁଥିବାବେଳେ ଗାଁ ଗହଳ ପ୍ରତି ଯେଭଳି ଦୃଷ୍ଟି ଦିଆଯିବାକଥା ତାହା ହେଉନାହିଁ। ଫଳରେ ରାଜ୍ୟରେ ତାତି ବଢିବା ସହିତ ଗାଁ ଗହଳରେ ଏବେ ବିଜୁଳିକାଟ୍‌କୁ ନେଇ ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଚଳିତବର୍ଷ ଗାଁ ଗହଳରେ ପାନୀୟଜଳ ସଙ୍କଟକୁ ନେଇ ଯେତିକି ଅଭିଯୋଗ ଆସୁଛି ତାହାଠାରୁ ଢେର ଅଭିଯୋଗ ବିଜୁଳି କାଟ୍‌କୁ ନେଇ ଆସିବାରେ ଲାଗିଛି।

ବିତରଣ କମ୍ପାନୀ ଠିକଣା ସମୟରେ ବିଜୁଳି ବିଲ୍ ଆଦାୟ କରୁଥିବାବେଳେ ଖରାଦିନରେ ଅଧିକ ବ୍ୟବହାର ପାଇଁ ଗ୍ରାହକମାନେ ଅଧିକ ଅର୍ଥ ଗଣୁଛନ୍ତି। ଏହି ସମୟରେ ବିତରଣ କମ୍ପାନୀର ଆୟ ବଢୁଥିବାବେଳେ ଭିତ୍ତିଭୂମି ସୁଦୃଢ କରୁନଥିବାରୁ ଏବେ ସାରା ରାଜ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଓଡିଶା ବିଦ୍ୟୁତ୍ ନିୟାମକ କର୍ତ୍ତୃପକ୍ଷ ମଧ ଏ ଦିଗରେ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେବାରେ ଲାଗିଛି।

# କିଟ୍ ଏବଂ ୟୁଏନ୍‌ଏସ୍‌ଏସ୍‌ସି ଓ ୟୁଏନ୍‌ଭି ମଧ୍ୟରେ ବୁଝାମଣା

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱସ୍ତରୀୟ ସହଯୋଗ ଏବଂ ସେବା ଦିଗରେ କିଟ୍ ୟୁନାଇଟେଡ୍ ଭଲ୍ୟୁଣ୍ଟିୟରସ (ୟୁଏନ୍‌ଭି) ଓ ୟୁନାଇଟେଡ୍ ନେସନ୍‌ସ ସିଷ୍ଟମ ଷ୍ଟାଫ୍ କଲେଜ (ୟୁଏନ୍‌ଏସ୍‌ଏସ୍‌ସି) ମଧ୍ୟରେ ଦୁଇଟି ପୃଥକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଜର୍ମାନ ଗସ୍ତ ଅବସରରେ ବନ୍‌ଠାରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି ।

ଏହି ଅବସରରେ ୟୁଏନ୍‌ଭି ସହ ସ୍ୱତନ୍ତ୍ର ସ୍ୱେଚ୍ଛାସେବକ ସହଯୋଗ ସଂପର୍କରେ ଶ୍ରୀ ସାମନ୍ତ ଫଳପ୍ରଦ ଆଲୋଚନା କରିଥିଲେ । ଏହା ଦ୍ୱାରା କିଟ୍‌ର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାସେବା ମାଧ୍ୟମରେ ବିଶ୍ୱ ସମ୍ପର୍କରେ ଅଧିକ ଜାଣିବା, ସେବା କରିବା ଓ ବିଶ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିବାର ସୁଯୋଗ ପାଇବେ । ଯୁବ ସ୍ୱେଚ୍ଛାସେବା ପାଇଁ ଜାତିସଂଘ ସହିତ ଏପରି ଏକ ପଥ ପ୍ରତିଷ୍ଠା କରିବାରେ କିଟ୍ ହେଉଛି ଦକ୍ଷିଣ ଏସିଆର ପ୍ରଥମ ବିଶ୍ୱବିଦ୍ୟାଳୟ । ଏହା ସହିତ ନେଲସନ୍ ମାଣ୍ଡେଲା ଗ୍ଲୋବାଲ୍ ଏକାଡେମୀ ଫର ସୋସିଆଲ୍ ଚେଞ୍ଜ ମାଧ୍ୟମରେ ୟୁଏନ୍‌ଏସ୍‌ଏସ୍‌ସି ସହିତ କିଟର ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହା କିଟ୍ ଛାତ୍ରଛାତ୍ରୀଙ୍କ ପାଇଁ ସାମାଜିକ ପରିବର୍ତ୍ତନ, ନେତୃତ୍ୱ, ଆଲୋଚନା ଏବଂ ସମାଜ ସେବା




ବିଷୟରେ ଶିଖିବାର ସୁଯୋଗ ସୃଷ୍ଟି କରିବ ।

ଏଥିରେ ଖୁସି ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଲେ, ଶିକ୍ଷା କେବଳ ଜ୍ଞାନ ଆହରଣ ନୁହେଁ; ଏହା ହେଉଛି କରୁଣା, ଦାୟିତ୍ୱ ଏବଂ ମାନବତା ପ୍ରତି ସେବା । କିଟ୍ ସହ ଏଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା କରିଥିବାରୁ ଶ୍ରୀ ସାମନ୍ତ ୟୁଏନ୍‌ଭି ଓ ୟୁଏନ୍‌ଏସ୍‌ଏସ୍‌ସି କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ବୁଝାମଣାପତ୍ର କିଟ୍ ତଥା କିସ୍ ଛାତ୍ରଛାତ୍ରୀ ଏବଂ ଭାରତର ଯୁବଗୋଷ୍ଠୀଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ଲାଟଫର୍ମରୁ ଶିଖିବା ଓ ସମାଜ ସେବା ପାଇଁ ନୂତନ ଦ୍ୱାର ଖୋଲିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଉଭୟ କାର୍ଯ୍ୟକ୍ରମରେ ୟୁଏନ୍‌ଏସ୍‌ଏସ୍‌ସିର ଡେପୁଟି ଡାଇରେକ୍ଟର ସିଲ୍‌କେ ୱେନ୍‌ଲିଚ ଓ ୟୁଏନ୍‌ଭି ପକ୍ଷରୁ ଡେପୁଟୀ ଏକଜିକ୍ୟୁଟି କୋଅର୍ଡିଟେର ଲାଉସ ଚାମ୍ବରଲେନ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ ।

# ଏସ୍‌ବିଆଇ ୫୦ ଲକ୍ଷ ଟଙ୍କା ପେନସନ ପ୍ରଦାନ କଲା

ଭୁବନେଶ୍ୱର (ସବ୍ୟୁ): ପ୍ରତିରକ୍ଷା ପେନସନର ସ୍ୱର୍ଗତଃ କୈଳାସ ଚନ୍ଦ୍ର ସାମନ୍ତରାୟଙ୍କ ପତ୍ନୀ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ସମ୍ମାନିତ କରାଯାଇଥିଲା । ଭାରତ ଚରଣ ସାହୁ, ଆଞ୍ଚଳିକ ପରିଚାଳକ ପୁରୀ ଦ୍ୱାରା ୨୧ ମଇ ୨୦୨୬ ରେ ସୁଶାନ୍ତ ପଟ୍ଟନାୟକ, ବେଦପ୍ରକାଶ ସାହାଣୀ, ଶାଖା ପରିଚାଳକ ବଡ଼ଶଙ୍ଖ ଶାଖା, ଭାସ୍କର ପରିଡା, ସଭାପତି ପୂର୍ବତନ ସୈନିକ ପେନସନର ସଂଘ ଏବଂ ଅନ୍ୟାନ୍ୟ ସମ୍ମାନିତ ପ୍ରତିରକ୍ଷା ପେନସନରଙ୍କ ଉପସ୍ଥିତିରେ ୫୦ ଲକ୍ଷ ଟଙ୍କା ଦୁର୍ଘଟଣାଜନିତ ମୃତ୍ୟୁ ବୀମା ପ୍ରଦାନ କରାଯାଇଥିଲା । ଏହି ସମୟରେ ବଡ଼ଶଙ୍ଖ ଶାଖା ପେନସନରମାନଙ୍କ ପାଇଁ ସାଇବର ସୁରକ୍ଷା ସହିତ ଏକ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ




ଆୟୋଜନ କରିଥିଲା । ଏହା ମୃତ ପ୍ରତିରକ୍ଷା, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ କର୍ମଚାରୀ ଏବଂ ପେନସନରଙ୍କ ପରିବାରକୁ ଆର୍ଥିକ ସ୍ଥିରତା ପ୍ରଦାନ କରିବା ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ନିଆଯାଇଥିବା ଅନେକ ପଦକ୍ଷେପ ମଧ୍ୟରୁ ଗୋଟିଏ । ଏହି ଅବସରରେ, ମୃତ ପ୍ରତିରକ୍ଷା ବ୍ୟକ୍ତିଗତ ଏବଂ ପେନସନର ସଂଘର ମନୋନୀତ ବ୍ୟକ୍ତିମାନେ ଏସବିଆଇକୁ ଉଦାହରଣୀୟ ଗ୍ରାହକ ସେବା ଏବଂ ଦାବି ସମାଧାନରେ ବୃତ୍ତିଗତତା ପାଇଁ ପ୍ରଶଂସା କରିଥିଲେ ।

# ୨୯୦ଗ୍ରାମ୍ ବ୍ରାଉନସୁଗର ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଏକାମ୍ରକାନନ ପାର୍କ ପାଖ



ରାସ୍ତାରୁ ଦୁଇଜଣ ବ୍ରାଉନସୁଗର ବ୍ୟବସାୟୀଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍‌ୟୁନିଟ୍ ଗିରଫ କରିବା ସହ ସେମାନଙ୍କ କାରରୁ ୨୯୦ ଗ୍ରାମ ବ୍ରାଉନସୁଗର, ୧୦ ହଜାର ଟଙ୍କା ଓ ତିନୋଟି ମୋବାଇଲ ଫୋନ୍ ଓ କାର୍ ମଧ ଜବତ କରିଛି । ଗିରଫ ଦୁଇ ବ୍ରାଉନସୁଗର ବ୍ୟବସାୟୀ ହେଲେ ଫକ୍ରୁଦ୍ଦିନ ଖାନ୍ (୪୪), ଏମ୍‌ଡି ବାଦଶାହା (୩୨) । ବାଦଶାହା ଘର ଝାଡଖଣ୍ଡରେ ହୋଇଥିବା ବେଳେ ଖାନ୍ ଘର ଭଦ୍ରକରେ । ଖାନ୍ ବିରୋଧରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଦୁଇଟି ମାମଲା, ଭଦ୍ରକ ଟାଉନ ଥାନାରେ ତିନୋଟି ମାମଲା, ତିହିଡି ଥାନାରେ ଦୁଇଟି ମାମଲା ଓ ଭଦ୍ରକ ପୁରୁଣା ବଜାର ଥାନାରେ ମଧ ମାମଲା ଅଛି । ଏ ଦୁଇଜଣ ପେସାଦାର ବ୍ରାଉନସୁଗର ବ୍ୟବସାୟୀ । ଏକାମ୍ର କାନନ ପାର୍କ ରାସ୍ତାରେ ଗିରଫ ଦୁଇଜଣ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ସ୍ପେଶାଲ କ୍ରାଇମ୍‌ୟୁନିଟ୍ ଖବର ପାଇ ସେମାନଙ୍କୁ ଗିରଫ କରିଥିଲା । ଦୁହିଁଙ୍କୁ ଆଜି କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଏସିଆନ୍ ପେଣ୍ଟସ୍‌ର ନୂତନ କର୍ପୋରେଟ ଅଭିଯାନ 'ରଙ୍ଗର ୱାରେଣ୍ଟି ଉନ୍ମୋଚନ କଲା

ଭୁବନେଶ୍ୱର (ସବ୍ୟୁ) : ଭାରତରେ ଠିକଣା ଏବଂ ଦିଗଗୁଡିକ ସର୍ବଦା ରାସ୍ତାର ନାମ ଅଥବା ପିନ୍‌କୋଡ ଉପରେ ଆଧାରିତ ନଥାଏ। ଏହା ବଦଳରେସେମାନେ ପ୍ରାୟତଃ ସ୍ମୃତି ଉପରେ ନିର୍ଭର କରନ୍ତି, ଯେମିତି କି 'ସେହି ନୀଳ ରଙ୍ଗର ଘର ପରେ ବାମକୁ ବୁଲିଯାଆନ୍ତୁ', କିମ୍ବା'ସେହି ନାଲି ରଙ୍ଗର ଘର ଯେଉଁଠାକୁ ଅତିଥିମାନେ ପର୍ବପର୍ବାଣିରେ ଆସନ୍ତି'। ଭାରତ ଏମିତି ଏକ ଦେଶ, ଯେଉଁଠି ଚାରିଆଡେ ରଙ୍ଗ ପରିଦୃଶ୍ୟ ହୋଇଥାଏ, ସେଠାରେ ଘରଗୁଡିକ କେବଳ ରଙ୍ଗ ଦିଆଯାଥିବା କାନ୍ଥ ନୁହେଁ, ବରଂ ସେଗୁଡିକ ଏକ ପରିଚିତ ଚିହ୍ନ ପାଲଟିଯାଏ, ଯାହାକୁ ଲୋକମାନେ ସହଜରେ ଚିହ୍ନିପାରନ୍ତି ଏବଂ ତାହା ସହ ନିଜକୁ ଯୋଡିପାରନ୍ତି। 'ରଙ୍ଗ ହିଁ ଅସଲି ପରିଚୟ' ଚିନ୍ତାଧାରାକୁ ଆଧାର କରି, ଏସିଆନ୍ ପେଣ୍ଟସ୍ ଏହାର ନୂତନ ଅଭିଯାନ 'ରଙ୍ଗର ୱାରେଣ୍ଟି' ପ୍ରଚଳନ କରିଛି।

# ବସ୍ତିରେ ନିଶୁଳ୍କ ପଟ୍ଟଚିତ୍ର ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ସାମାଜିକ ସଂସ୍ଥା ହ୍ୟୁମାନ୍ ପୋଟେନ୍ସିଆଲ୍ ଡେଭଲପମେଣ୍ଟ ଟ୍ରଷ୍ଟ ତରଫରୁ ଭୁବନେଶ୍ୱରର ସାଲିଆସାହି ଓ ତପୋବନ ବସ୍ତିର ୩୦ଜଣ



ଯୁବକଯୁବତୀଙ୍କୁ ରୋଜଗାରକ୍ଷମ କରାଇବାର ଉଦ୍ଦେଶ୍ୟ ନେଇ ଏକ ପଟ୍ଟଚିତ୍ର ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏହି ତାଲିମ ପାଇଁ ଲାଇଟହାଉସ୍ କମ୍ୟୁନିଟୀ ଫାଉଣ୍ଡେସନ୍ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଗତ ଜାନୁଆରୀ ମାସରେ ଆରମ୍ଭ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମର ସମାପନ ଉତ୍ସବ ତଥା ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମ ଗତ ମଇ ୨୧ ତାରିଖ ଦିନ ସାଲିଆସାହିଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଐତିହ୍ୟ ଗ୍ରାମ ରଘୁରାଜପୁରରୁ ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ଭାସ୍କର ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ସାର୍ଟିଫିକେଟ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ରାଜକୁମାର ସୂତାର, ଟ୍ରଷ୍ଟି ସଂଗ୍ରାମ କେଶରୀ ପଟ୍ଟନାୟକ, ପୃଷ୍ଠପୋଷକ ପ୍ରଫେସର ଶୁଭେନ୍ଦୁ କୁମାର ଦାଶ, ଶ୍ରୀମତୀ ଯଶ୍ୱିତା ଦାଶ, ଲାଇଟହାଉସ୍ କମ୍ୟୁନିଟୀ ଫାଉଣ୍ଡେସନର ଅପରେସନ ମ୍ୟାନେଜର ସଫାକ ଆନସାରୀ, ସହକାରୀ ପ୍ରବନ୍ଧକ ଅଭିଜିତ କୁଣ୍ଡୁ ଓ ମିଶନ ଶକ୍ତିର ଶ୍ରୀମତୀ ବବିତା ସ୍ୱାଇଁ ଉପସ୍ଥିତ ରହି ଏହି ଉଦୀୟମାନ କଳାକାରଙ୍କୁ ତାଲିମର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ।

## ନୂଆଦିଲ୍ଲୀରେ 'ଭାରତ ଶିକ୍ଷା ସମ୍ମିଳନୀ'

# ମାତୃଭାଷାରେ ଜ୍ଞାନ ଆହରଣ ଅଧିକ ସରଳ ଓ ପ୍ରଭାବଶାଳୀ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ସରକାର ସ୍କୁଲ ଶିକ୍ଷାରେ ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ, ପୋଷଣ, ଦକ୍ଷତା ବିକାଶ ଏବଂ କ୍ରୀଡ଼ା ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି । ତେବେ ସାମ୍ପ୍ରତିକ ସମୟରେ ଷ୍ଟେମ(ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମାଥମେଟିକ୍ସ) ଶିକ୍ଷାରେ ଦେଶର ଝିଅମାନଙ୍କର ବଢୁଥିବା ସହଭାଗିତା ଆଜି ଭାରତୀୟ ଶିକ୍ଷା ବ୍ୟବସ୍ଥାର ଏକ ପ୍ରମୁଖ ଶକ୍ତି ପାଲଟିଛି ବୋଲି ଆଜି ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର ଦୈନିକ ଜାଗରଣ ଗ୍ରୁପ୍ ପକ୍ଷରୁ ଆୟୋଜିତ ଷଷ୍ଠ 'ଭାରତ ଶିକ୍ଷା ସମ୍ମିଳନୀ' କୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି, 'ଜାତୀୟ ଶିକ୍ଷା ନୀତି - ୨୦୨୦' ମାଧ୍ୟମରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦିଗ ପ୍ରଦାନ କରାଯାଉଛି । ଏହି ନୂତନ ନୀତିରେ ପ୍ରାରମ୍ଭିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯିବା ସହ ଶିଶୁମାନଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରା ଏବଂ ଇନୋଭେସନକୁ ପ୍ରୋତ୍ସାହିତ କରାଯାଉଛି। ମହର୍ଷି ବାଲ୍ମୀକିଙ୍କ ପରମ୍ପରାର ଉଦାହରଣ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ,



ମାତୃଭାଷାରେ ଜ୍ଞାନ ଆହରଣ ଅଧିକ ସରଳ, ପ୍ରଭାବଶାଳୀ ଏବଂ ବ୍ୟାପକ ଭାବେ ସମାଜ ପାଖରେ ପହଞ୍ଚିଥାଏ । ଏହି ଦୃଷ୍ଟିକୋଣ 'ମ୍ୟାକଲେ ମାନସିକତା'ରୁ ବାହାରି ଭାରତୀୟ ଜ୍ଞାନ ପରମ୍ପରାକୁ ପୁନଃ ପ୍ରତିଷ୍ଠିତ କରିବା ପାଇଁ ବାଟ ଫିଟାଇଛି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ଆଜିର ଏଆଇ ଯୁଗରେ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ମାଧ୍ୟମରେ ଦକ୍ଷତା-ଭିତ୍ତିକ, ପ୍ରତିଯୋଗିତାମୂଳକ, ବହୁ-ବିଷୟକ ତଥା ସାମଗ୍ରିକ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ କରାଯାଉଛି। ଏହାଦ୍ୱାରା ଆମର ଯୁବପିଢ଼ି ବୈଶ୍ୱିକ ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରସ୍ତୁତ କରିପାରିବେ। ଆମେ ଶିକ୍ଷା ବ୍ୟବସ୍ଥାକୁ କେବଳ 'ଡିଗ୍ରୀ ଆଧାରିତ' ନକରି 'ଦକ୍ଷତା ଆଧାରିତ' କରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛୁ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଏହି ସାମଗ୍ରିକ ଦୃଷ୍ଟିକୋଣ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମେ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ଆଡକୁ ଦ୍ରୁତ ଗତିରେ ଅଗ୍ରସର ହେଉଛୁ। ଆଜି 'ବସୁଧୈବ କୁଟୁମ୍ବକମ୍' ଭାବନା ସହିତ ଭାରତ ବିଶ୍ୱ ଦରବାରରେ ନିଜର ଭୂମିକାକୁ ଅଧିକ ମଜବୁତ କରୁଛି ଏବଂ 'ଗ୍ଲୋବାଲ ସାଉଥ୍' ପ୍ରତି ନିଜର ଦାୟିତ୍ୱ ମଧ ସଫଳତାର ସହ ନିର୍ବାହ କରୁଛି।

# ବନ୍ଦର ନିଷିଦ୍ଧାଞ୍ଚଳରେ ଫାଟିଲା ପେଟ୍ରୋଲ ପାଇପ

ପାରାଦୀପ,( ଜି ପ୍ର ) :ବନ୍ଦର ନିଷିଦ୍ଧାଞ୍ଚଳରେ ଫାଟିଲା ପେଟ୍ରୋଲ ପାଇପ । ବୋହିଗଲା ଲକ୍ଷାଧିକ ଲିଟର ପେଟ୍ରୋଲ । ଜାହାଜରୁ ପାଇପ ଯୋଗେ ପେଟ୍ରୋଲ ତୈଳ ଟର୍ମିନାଲକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିବା କୁହାଯାଉଛି । ଅଧିକ ପ୍ରେସର ଯୋଗୁଁ ପାଇପ ଫାଟି ଥିବା ଅନୁମାନ ମଧ କରାଯାଉଛି । ଘଟଣାସ୍ଥଳରେ ପୋର୍ଟ ସିଆଇଏସଏଫ, ଅଗ୍ନିଶମ ବିଭାଗ, ଆଇଓସିଏଲ ଅଗ୍ନିଶମ ବିଭାଗ କର୍ମଚାରୀ ପହଂଚିଥିଲେ । ନିଆଁ ଲାଗିବାର ସମ୍ଭାବନା ଥିବାରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହିତ ପାଣି ଛିଞ୍ଚନ କରାଯାଇଥିଲା । ଆଇଓସିଏଲ ତୈଳ ଟର୍ମିନାଲକୁ ତେଲ ଯାଉଥିବା ବେଳେ ବିଲମ୍ବରେ ଏହା ମରାମତି ହୋଇଥିଲା ।

# ତ୍ରୈଲୋକ୍ୟ ଭାରତୀୟ ଜନତା ମଜଦୁର ଟ୍ରେଡ ୟୁନିୟନ କାଉନସିଲର ଓଡିଶା ସଭାପତି



ଭୁବନେଶ୍ୱର, (ସବ୍ୟୁ) : ତ୍ରୈଲୋକ୍ୟ ନାଥ ରାଉତ ଭାରତୀୟ ଜନତା ମଜଦୁର ଟ୍ରେଡ ୟୁନିୟନ କାଉନସିଲ (ବିଜେଏମଟିୟୁସି) ଓଡିଶା ରାଜ୍ୟ ସଭାପତି ନିଯୁକ୍ତ ହୋଇଛନ୍ତି । ଏ ବିଷୟରେ ବିଜେଏମଟିୟୁସିର ସଭାପତି ବ୍ରଜେଶ ଶର୍ମା ପତ୍ର ଲେଖି ଜଣାଇଛନ୍ତି । ଏଥିସହିତ ତ୍ରୈଲୋକ୍ୟ ଅସ୍ଥାୟୀ ଭାବେ ରାଜସ୍ଥାନ ଦାୟିତ୍ୱ ସମ୍ଭାଳିବେ । "ମୋତେ ପ୍ରଦାନ କରାଯାଇଥିବା ଦାୟିତ୍ୱ ସୂଚାରୁ ଭାବେ ସମ୍ପାଦନ କରିବି । ଶ୍ରମିକ ଭାଇ ମାନଙ୍କ ହକ ଓ ବିଭିନ୍ନ ଦାବି ପୂରଣ ଦିଗରେ ନିଜକୁ ସମର୍ପିତ କରିବି ବୋଲି ତ୍ରୈଲୋକ୍ୟ କହିଛନ୍ତି । ରାଜ୍ୟ ସଭାପତି ନିଯୁକ୍ତ ହେବା ପରେ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ନାବାଳିକାକୁ ଅପହରଣ କରି ବଳାତ୍କାର କରିବା ଘଟଣା : ଅଭିଯୁକ୍ତ କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ରଦ୍ଦ

କଟକ,(ସବ୍ୟୁ): ଜଣେ ନାବାଳିକାକୁ ଅପହରଣ କରି ବଳାତ୍କାର କରିବା ଘଟଣାରେ ନିମ୍ନ ଅଦାଲତ ଅଭିଯୁକ୍ତ ଅଗଷ୍ଟ ସିଂକୁ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ରୁଜୁ ମାମଲାରେ ହାଇକୋର୍ଟ ରାୟ ପ୍ରକାଶ କରି ନିମ୍ନ ଅଦାଲତଙ୍କ ଆଦେଶକୁ ରଦ୍ଦ କରି ଦେଇଛନ୍ତି । ଅଭିଯୁକ୍ତ ବିରୋଧରେ ବଳାତ୍କାର ଅଭିଯୋଗକୁ ପ୍ରତିପକ୍ଷ ପ୍ରମାଣ କରିବାରେ ବିଫଳ ହୋଇଥିବାରୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଆସାମୀକୁ ଜେଲ୍‌ରୁ ତୁରନ୍ତ ଛାଡ଼ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଧୀନ ଏକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ୨୦୧୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଅଭିଯୁକ୍ତ ଅଗଷ୍ଟ ସିଂ ଅପହରଣ କରି ନେଇଥିଲା। ନାବାଳିକା ଜଣକ ଏହାର ଦୁଇ ଦିନ ପୂର୍ବରେ ଅର୍ଥାତ ୧୮ ତାରିଖ ଦିନ ଉଦ୍ଧାର କରାଯାଇଥିଲା । ପୀଡ଼ିତାଙ୍କ ପରିବାର ପକ୍ଷରୁ ୨୧ ତାରିଖରେ ସିମୁଳିଆ ଥାନାରେ ଏତଲା ଦିଆଯାଇଥିଲା। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲା । ମାମଲାର ଶୁଣାଣି ବାଲେଶ୍ୱର ସ୍ୱତନ୍ତ୍ର ବିଚାରପତିଙ୍କ ଅଦାଲତରେ ହୋଇଥିଲା। ଅଦାଲତ ୨୦୨୦ ମସିହା ଫେବୃଆରୀ ୨ତାରିଖ ଦିନ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ଅଗଷ୍ଟ ସିଂକୁ ଏହି ବଳାତ୍କାର ଘଟଣା ପାଇଁ ଦାୟୀ କରିବା ସହ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଆସାମୀ ଅଗଷ୍ଟ ସିଂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ କହିଛନ୍ତି ଯେ, ପୀଡ଼ିତାଙ୍କୁ ୧୫ ତାରିଖରେ ଅପହରଣ କରାଯାଇଥିଲାବେଳେ ୨୧ ତାରିଖରେ ଥାନାରେ ଏତଲା ଦିଆଯାଇଛି। ଏତଲା ବିଳମ୍ବରେ ଦିଆଯିବା ପଛର କାରଣ କିଛି କୁହାଯାଇ ନାହିଁ । ଆହୁରି ମଧ ପୀଡ଼ିତାଙ୍କ ଯେଉଁ ମେଡିକାଲ ରିପୋର୍ଟ ଆସିଛି ସେଥିରେ ନିକଟରେ କୌଣସି ପ୍ରକାର ଶାରିରୀକ ସମ୍ପର୍କ ଥିବାର ପ୍ରମାଣ ମିଳିପାରି ନାହିଁ । ଯେହେତୁ ପ୍ରତିପକ୍ଷ ଅଭିଯୁକ୍ତ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ପ୍ରମାଣ କରିବାରେ ବ୍ୟର୍ଥ ହୋଇଛନ୍ତି ଏହି ଦଣ୍ଡାଦେଶରେ ଅଦାଲତ ହସ୍ତକ୍ଷେପ କରିବାର ଆବଶ୍ୟକତା ରହିଛି ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଏହି ଆଧାରରେ ହାଇକୋର୍ଟ ଅଭିଯୁକ୍ତ ଅଗଷ୍ଟ ସିଂଙ୍କୁ ଛାଡ଼ ପାଇଁ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଜଗନ୍ନାଥ କାମିଲା ମାମଲା ପରିଚାଳନା କରୁଥିଲେ।

## ସର୍କିଟ୍ ହାଉସ୍‌ରେ ମାଦକ ଦ୍ରବ୍ୟ ସେବନ ନିଷେଧ ଲାଗି ନିର୍ଦ୍ଦେଶ

# ସ୍ପେଶାଲ୍ ସର୍କିଟ୍ ହାଉସରେ ୱାଇଫାଇ ସୁବିଧା, ସିସିଟିଭି ନିରୀକ୍ଷଣ

ଭୁବନେଶ୍ୱର(ସବ୍ୟୁ): ସର୍କିଟ୍ ହାଉସରେ ସ୍ୱଚ୍ଛତା ଓ ଉନ୍ନତ ଆତିଥ୍ୟ, ସ୍ୱଚ୍ଛ ଆବଣ୍ଟନ ପ୍ରକ୍ରିୟା ଅନୁସରଣ, ଆସବାବପତ୍ର ଓ ଉପକରଣର ତାଲିକା ରଖିବା, ଅନଲାଇନ୍ ବୁକିଂ ବ୍ୟବସ୍ଥା, ରକ୍ଷଣାବେକ୍ଷଣ ଓ ଅଗ୍ନି ନିର୍ବାପନ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିସହିତ ସ୍ପେଶାଲ୍ ସର୍କିଟ୍ ହାଉସ୍ ଗୁଡ଼ିକରେ ୱାଇଫାଇ ସୁବିଧା ଏବଂ ସିସିଟିଭି ନିରୀକ୍ଷଣ ନିମନ୍ତେ ବ୍ୟବସ୍ଥା କରିଯିବ । ସର୍କିଟ୍ ହାଉସ୍ ଗୁଡିକରେ ଧୂମ୍ରପାନ ଓ ମାଦକ ଦ୍ରବ୍ୟ ସେବନ ସଂପୂର୍ଣ୍ଣ ନିଷେଧ ପାଇଁ ମଧ ନିର୍ଦ୍ଦେଶନାମା ଜାରି କରିଛନ୍ତି ରାଜସ୍ୱ ସଚିବ ଡ. ଅରବିନ୍ଦ ପାଢ଼ୀ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀ ରାଜ୍ୟର ବିଭିନ୍ନ ସର୍କିଟ୍ ହାଉସଗୁଡ଼ିକର ପରିଚାଳନା ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି । ବୈଠକରେ ସର୍କିଟ୍ ହାଉସଗୁଡ଼ିକର ସୁପରିଚାଳନା, ରକ୍ଷଣାବେକ୍ଷଣ ଏବଂ ଉନ୍ନତ ସେବାମାନ ସୁନିଶ୍ଚିତ କରିବା ନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି ।

ସର୍କିଟ୍ ହାଉସଗୁଡ଼ିକ ପ୍ରାୟତଃ କ୍ଷେତ୍ର ପରିଦର୍ଶନରେ ଆସିଥିବା ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ନ୍ୟାୟିକ ଅଧିକାରୀ, ଜନପ୍ରତିନିଧି ଓ ସରକାରୀ ଅତିଥିମାନଙ୍କ ରହଣି ପାଇଁ ଉଦ୍ଦିଷ୍ଟ । ଏହାର ସଠିକ୍ ପରିଚାଳନା ପାଇଁ ସ୍ୱଚ୍ଛତା, ଉନ୍ନତମାନର ଆତିଥ୍ୟ ସେବା, ଆର୍ଥିକ ଶୃଙ୍ଖଳା ଓ ସ୍ୱଚ୍ଛ ବୁକିଂ ପ୍ରକ୍ରିୟା ଅତ୍ୟାବଶ୍ୟକ । ବୈଠକରେ ଓଡ଼ିଶା ସର୍କିଟ୍ ହାଉସ୍ ଏବଂ ରେଭେନ୍ୟୁ ଇନ୍ସପେକ୍ସନ୍ ବଙ୍ଗଳା ନିୟମାବଳୀ, ୧୯୮୫ ଅନୁଯାୟୀ ସର୍କିଟ୍ ହାଉସ୍ର ପରିଚାଳନା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥିତ ସର୍କିଟ୍ ହାଉସ୍ ପାଇଁ ଜିଲ୍ଲାପାଳ/ଅତିରିକ୍ତ ଜିଲ୍ଲାପାଳ ଏବଂ ଅନ୍ୟ ସ୍ଥାନରେ ଥିବା ସର୍କିଟ୍ ହାଉସ୍ ପାଇଁ ଉପଜିଲ୍ଲାପାଳଙ୍କୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଭାବେ ଦାୟିତ୍ୱ ଦିଆଯାଇଥିବା ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ସମସ୍ତ ଜିଲ୍ଲାର ଏଡିଏମ୍ ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀବୃନ୍ଦ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ ।

# ସାଂସ୍କୃତିକ ବିବିଧତାକୁ ଜଗତିକରଣ ପରିବେଶ ମଧ୍ୟରେ ପାଳନ କରିବା ଉଚିତ୍: ବିଶେଷଜ୍ଞ

ଭୁବନେଶ୍ୱର, (ସବ୍ୟୁ): ସାଂସ୍କୃତିକ ବିବିଧତାକୁ ଜଗତିକରଣ ପରିବେଶ ମଧ୍ୟରେ ପାଳନ କରିବା ଉଚିତ୍ ଏବଂ ଏହାକୁ ଅର୍ଥନୈତିକ ବିକାଶ ସହ ଯୋଡ଼ିବାର ଆବଶ୍ୟକତା ରହିଛି ବୋଲି ଗୁରୁବାର କହିଛନ୍ତି ଜାତୀୟ ସ୍ମାରକି କର୍ତୃପକ୍ଷର ପୂର୍ବତନ ଅଧ୍ୟକ୍ଷ ତଥା କୋଲକାତା ସ୍ଥିତ ଭାରତୀୟ ନୃତତ୍ୱ ସର୍ବେକ୍ଷଣର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସା। ବିଶ୍ୱ ମାନଚିତ୍ରରେ ଲୋକମାନେ ବର୍ତ୍ତମାନ ନୂତନ ଏବଂ ବିଭିନ୍ନ କଳା ସଂସ୍କୃତି ସହ ଯୋଡ଼ି ହେଉଛନ୍ତି ଏବଂ ପରସ୍ପର ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାର ସୁଯୋଗ ପାଉଛନ୍ତି ବୋଲି କହିଛନ୍ତି ପ୍ରଫେସର ବାସା। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ସେଂଟର ଫର୍ ପ୍ରିଜରଭେସନ୍ ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନସିଏଂଟ କଲଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆଲୋଚନା ଏବଂ ବିକାଶ ନିମନ୍ତେ ବିଶ୍ୱ ସାଂସ୍କୃତିକ ବିବିଧତା ଦିବସ ପାଳନ ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରଫେସର ବାସା ଏହା କହିଛନ୍ତି। ପର୍ଯ୍ୟଟନ ଏବଂ ଅର୍ଥନୀତିର ବିକାଶ ମଧ୍ୟ ହୋଇପାରିବ। ପ୍ରାଚୀନର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ କାର୍ଯ୍ୟକ୍ରମରେ



ଏହି କାର୍ଯ୍ୟକ୍ରମ ସହିତ ପ୍ରାଚୀନ ପକ୍ଷରୁ ଏକ ସପ୍ତାହ ବ୍ୟାପୀ ପୁରାତନ ଲେଖା ସମ୍ପାଦନା ସମ୍ପର୍କିତ କର୍ମଶାଳାର ଉଦ୍‌ଯାପନୀ ମଧ୍ୟ ଆୟୋଜନ କରାଯାଇଥିଲା ଯେଉଁଥିରେ ୪୧ ଜଣ ଗବେଷକ ଯୋଗ ଦେଇଥିଲେ। ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବାସା କହିଥିଲେ ଯେ ସାଂସ୍କୃତିକ ଆଦାନ ପ୍ରଦାନ ଦ୍ୱାରା ଅଭିନବ ପୁରୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଏବଂ ଲେଖକ ଓ ସିନେ ନିର୍ମାତା ଦେବ ରଞ୍ଜନ ମଧ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରାଚୀନର କଲଚର ଷ୍ଟଡିଜ୍‌ର ଆଡ୍‌ଜଂଟ ପ୍ରଫେସର ଗୌରାଙ୍ଗ ଚରଣ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଆସୋସିଏଟ ପ୍ରଫେସର (ଡକ୍ଟର) ନିହାର ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭଞ୍ଜନଗରରେ ଫୁଟିଲା ବୋମା
# ପୌରପରିଷଦ ଅଧ୍ୟକ୍ଷଙ୍କ ଘରକୁ ଟାର୍ଗେଟ୍



ଭଂଜନଗର, (ସବ୍ୟୁ): ଭଂଜନଗର ପୌରପରିଷଦ ଅଧ୍ୟକ୍ଷଙ୍କ ଘର ଉପରକୁ ବୋମାମାଡ଼ ହୋଇଛି । ଗୁରୁବାର ରାତିରେ ଘଟିଛି ଏଭଳି ଘଟଣା । ତେବେ ଏଥିରେ କିଛି କ୍ଷତି ହୋଇନଥିବା ବେଳେ, ଖବର ପାଇ ଘଟଣା ସ୍ଥଳରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଭଂଜନଗର ଥାନାକୁ ଲାଗି ରହିଥିବା ପୌରପରିଷଦ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ରଙ୍କ ଘର ଆଗରେ ରାତି ପ୍ରାୟ ୧୧.୪୨ ସମୟରେ ଘଟିଛି ଏହି ଘଟଣା । ସୂଚନା ପ୍ରକାରେ ୪ ଟି ବାଇକ୍‌ରେ ପ୍ରାୟ ୭/୮ ଜଣ ଅସାମାଜିକ ଯୁବକ ଆସି, ଅଧ୍ୟକ୍ଷଙ୍କ ଘର ଉପରକୁ ବୋମାମାଡ଼ କରି ଚମ୍ପଟ ମାରିଥିଲେ । ସେତେବେଳକୁ ଶ୍ରୀ ମହାପାତ୍ର ଘରେ ନଥିଲେ । ପରିବାରର ଅନ୍ୟ ସଦସ୍ୟମାନେ ଘରେ ଥିଲେ । ତେବେ ବୋମାମାଡ଼ର ପ୍ରକୃତ କାରଣ ପୋଲିସ୍ ପକ୍ଷରୁ ସ୍ପଷ୍ଟ କରାଯାଇନଥିବା ବେଳେ, ସିସିଟିଭି ଫୁଟେଜ ଯାଞ୍ଚ କରିଛି ପୋଲିସ । ଦୀର୍ଘ ଦିନର ନୀରବତା ପରେ ଭଂଜନଗର ସହରରେ ପୁଣି ବୋମାମାଡ଼ ଘଟଣା ଆତଙ୍କ ଖେଳାଇ ଦେଇଛି । ଯାହାକି ୨୫ ଦିନ ଧରି ଠାକୁରାଣୀ ଯାତ୍ରାର କୋଳାହଳ ସରିବା ପରେ ଘଟିଛି । ଗୁରୁତର ଦିନ ସହର ସମ୍ପୂର୍ଣ୍ଣ ନୀରବ ଥିବାବେଳେ ଏହି ସମୟରେ ସୁଯୋଗକୁ ହାତଛଡ଼ା କରିନଥିଲେ ଦୁର୍ବୃତ୍ତ । ଯାହାକି ସ୍ଥାନୀୟ ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଥାନାରେ କୌଣସି ଲିଖିତ ଏତଲା ହୋଇନଥିବା ଥାନାଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି ।

# ବାରିପଦା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ନାରୀ ଅଧିକାର ଲଢେଇ ସମାବେଶ

## ଦମ୍ ଦେଖାଇଲେ ସାନନ୍ଦ



ବାରିପଦା, (ସବ୍ୟୁ) : ନାରୀ ଅଧିକାର ଲଢେଇ ଅଭିଯାନରେ ସାମିଲ ହୋଇ ଶକ୍ତି ପ୍ରଦର୍ଶନ କଲା ବାରିପଦା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ। ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ଏହି ନାରୀ ଅଧିକାର ଲଢେଇ ପଦଯାତ୍ରାରେ ୫ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ କେନ୍ଦ୍ର ସରକାରଙ୍କର ଦୋମୁହାଁ ନୀତିକୁ ନିନ୍ଦା କରିଥିଲେ।

ବିଜୁ ଭବନ ଠାରୁ ଏହି ବିଶାଳ ପଦଯାତ୍ରା ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକ ଠାରେ ବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଏକ ବିଶାଳ ସଭା ସାନନ୍ଦ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରିୟବ୍ରତ ମାଝୀ ଓ ଭାରତୀ ସିଂ ଯୋଗ ଦେଇଥିଲେ। ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ସୁଦାମ ମାରାଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ମୟୂରଭଞ୍ଜ ସଦର ସଭାପତି ଡଃ ଦେବାଶିଷ ମାରାଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ଦୀପକ ମଡୁଆଲ, ଉପନଗରପାଳ ସୀମା ଦାସ, ମହିଳା ଜୋନାଲ ସଭାପତି ପ୍ରୀତିନନ୍ଦା କାନୁନଗୋ, ମହିଳା ରାଜ୍ୟ ସମ୍ପାଦକ ଶ୍ରାବଣୀ ଦାସ, ସବିତା ବେହେରା, ନାରୀ ନେତ୍ରୀ ବୀଣାପାଣି ସାହୁ, ରାଜ ଗୁପ୍ତା, ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ।

# ଜଙ୍ଗଲ ଜମିପଟ୍ଟା ଦାବିରେ ବୁଗୁଡ଼ା ତହସିଲ ସମ୍ମୁଖରେ ବିକ୍ଷୋଭ

ବୁଗୁଡ଼ା, (ସବ୍ୟୁ) : ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକ ସଭା ଗଞ୍ଜାମ ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ବୁଗୁଡ଼ା ତହସିଲ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଆଦିବାସୀଙ୍କ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆଦିବାସୀମାନେ ପୁରୁଷାନୁକ୍ରମେ ଦଖଲ କରି ପରିବାର ପ୍ରତିପୋଷଣ କରି ଆସୁଥିବା ଜଙ୍ଗଲ ଜମିପଟ୍ଟା ପାଇଁ ଆବେଦନ କରିଥିଲେ । ଜିଲ୍ଲାପାଳଙ୍କ ଚିଠି ଅନୁଯାୟୀ ବୁଗୁଡ଼ା ପଞ୍ଚାୟତ ସମିତି ତଦନ୍ତ କରି ପଟ୍ଟା ପାଇଁ ସୁପାରିଶ କରିଥିଲେ ଅନ୍ୟପକ୍ଷରେ ବୁଗୁଡ଼ା ତହସିଲଦାର ମିଳିତ ଭାବେ ଜମି ସର୍ଭେ କରିବାକୁ ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ । ବନ ବିଭାଗ ଅସହଯୋଗ ଯୋଗୁଁ ସର୍ଭେ ନହୋଇ ବହୁ ଦରଖାସ୍ତ ତହସିଲରେ ପଡିରହିଛି, ଯଦ୍ୱାରା ଦୀର୍ଘ ବର୍ଷ ହେଲା ଜଣକୁ ହେଲେ ମଧ୍ୟ ଜଙ୍ଗଲ ଜମିର ପଟ୍ଟା ମିଳିପାରିନାହିଁ । ଆଦିବାସୀଙ୍କୁ ଜମିରୁ ଉଚ୍ଛେଦ କରବା ଏବଂ ପଟ୍ଟା ଯେପରି ନମିଳିବ ସେଥିପାଇଁ ଷଡ଼ଯନ୍ତ୍ର ଯାଉଥିବା ଅଭିଯୋଗ ହୋଇଛି । ତେବେ ଜମି ସର୍ଭେ କରି ପଟ୍ଟା ଦେବାପାଇଁ ପଦକ୍ଷେପ ନନେଲେ ଗଣ ଆନ୍ଦୋଳନ ହେବ ବୋଲି ବିକ୍ଷୋଭକାରୀମାନେ ଚେତାବନୀ ଦେଇଥିଲେ । ବୁଗୁଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପରେ ଏକ ପ୍ରତିନିଧି ମଣ୍ଡଳୀ ବୁଗୁଡ଼ା ତହସିଲଦାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ତହସିଲଦାର ପଲ୍ଲୀ ସଭା କରି ଜମି ସର୍ଭେ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।

# ଏମକେସିଜି ମେଡ଼ିକାଲ କଲେଜରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଠାରେ ଏକ ସମୀକ୍ଷା ବୈଠକର କରି ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ । ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲ ଉପରେ ଅନେକ ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ରହିଛି, ଯାହାକୁ ଗୁରୁତ୍ୱ ଦେଇ ଲୋକଙ୍କ ସରକାର ଏହାର ଉନ୍ନତିକୁ ପ୍ରାଥମିକତା ଦେଉଛନ୍ତି । ତେଣୁ ଜନସାଧାରଣ କିଭିଳି ଭାବେ ସଠିକ ସ୍ୱାସ୍ଥ୍ୟସେବା ପାଇପାରିବେ ସେ ସବୁକୁ ବିଶେଷ ଧ୍ୟାନ ଦେବା ପାଇଁ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏହାର ବିକାଶ ପାଇଁ ମୋଟ ୧୯୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ବ୍ୟବସ୍ଥା କରାଯାଇଛି । ଆଗାମୀ ଦିନରେ ଏମକେସିଜିକୁ ଏକ ମଡେଲ ମେଡିକାଲ କଲେଜରେ ପରିଣତ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ ଅଛନ୍ତି । ଏହି ସମୀକ୍ଷା ବୈଠକରେ ବିଧାୟକ କେ. ଅନିଲ କୁମାର ଏବଂ ବିଧାୟକ ପ୍ରତାପ ନାୟକ, ଜିଲ୍ଲାପାଳ ଗଞ୍ଜାମ, ଉପଜିଲ୍ଲାପାଳ ବ୍ରହ୍ମପୁର, ଡିଏମଇଟି, ମେଡିକାଲ କଲେଜ ଡିନ୍ ଓ ସୁପରିଟେଣ୍ଡେଟ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଲିକଙ୍କୁ ଆକ୍ରମଣ, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): କ୍ରସର ମାଲିକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗରେ ନିମଖଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବେଲଗାଁର କୈଳାସ ଦାସ (୨୬) । ପୋଲିସ ଅଭିଯୁକ୍ତଙ୍କୁ ମାମଲା ନଂ ୧୫୨/୨୬ ରେ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଘଟଣାରେ ବ୍ୟବହୃତ ଏକ କଇଁଚି ଜବତ କରି ଘଟଣାର ତଦନ୍ତ ଜାରି ରଖିଛି । ତଦନ୍ତରୁ ଜଣାପଡ଼ିଛିଯେ ଅଭିଯୋଗକାରୀ ଅରବିନ କୁମାର ସାହୁଙ୍କର ନିମଖଣ୍ଡି ଥାନା ଅଧୀନସ୍ଥ ବାରପଲ୍ଲୀ ଗ୍ରାମରେ ଗୋଟିଏ ଇଟାଭାଟି ଅଛି । ଅଭିଯୁକ୍ତ ଜଣେ ବୃତ୍ତିଗତ ଡ୍ରାଇଭର ଏବଂ ସେ ତାଙ୍କ ଭାଟିରେ କାମ କରୁଥିଲା । ଗତ ୨୦ ତାରିଖରେ ମାଲିକ ଅରବିନଙ୍କୁ ନଜଣାଇ ତାଙ୍କ ଟ୍ରକ ଧରି ଚାଲି ଯାଇଥିଲେ । ସେ ଏହା ଜାଣିବା ପରେ ତାଙ୍କୁ ପିଛା କରି ଧରିଥିଲେ । ପରେ ଉକ୍ତ ଗାଡ଼ି ସହିତ ଅଭିଯୁକ୍ତକୁ ଇଟାଭାଟିକୁ ଆଣିଥିଲେ । ସେଠାରେ କାର୍ଯ୍ୟରତ ତାଙ୍କ ସ୍ତ୍ରୀ'ଙ୍କୁ ମାରପିଟ କରିଥିଲେ । ମାଲିକ କୈଳାସଙ୍କୁ କାବୁ କରି ତାଙ୍କର ଅନ୍ୟଜଣେ ସାଙ୍ଗ ସହ ତାଙ୍କୁ କାବୁ କରି ଥାନାକୁ ଯାଉଥିଲେ । ରାସ୍ତାରେ ଅଭିଯୁକ୍ତ ନିଜ ପକେଟରୁ କଇଁଚି ବାହାର କରି ମାଲିକଙ୍କୁ ଆକ୍ରମଣ କରିଥିଲେ । ଫଳରେ ମାଲିକ ଓ ତାଙ୍କ ବନ୍ଧୁ ଆହତ ହୋଇଥିଲେ । ପରେ ଉକ୍ତ ମାଲିକ ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ କାବୁ କରିଥିଲା ।

# ଆକ୍ରମଣ ଘଟଣାରେ ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ସଂପୃକ୍ତ ଥିବା ଦୁଇଜଣ ଅଭିଯୁକ୍ତଙ୍କୁ ବଡବଜାର ପୋଲିସ ଗିରଫ କରିଛି । ସେମାନେ ହେଲେ ଉକ୍ତ ଥାନା ଗ୍ରାମଦେବତୀ ସାହିର କିରଣ ସାହୁ(୨୮) ଓ ପାଣିଗ୍ରାହୀ ପେଣ୍ଠର ପ୍ରହ୍ଲାଦ ସାହୁ(୨୯) । ମାମଲା ନଂ ୩୩୫/୨୬ ରେ ଉଭୟ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, କାଳିଆ ସାହୁ ହରିଡାଖଣ୍ଡି ଛକରେ ଥିବା ଏକ ଲୁହା ଦୋକାନରେ କାମ କରନ୍ତି । ଦୁଇଜଣ ଯୁବକ ଗତ ୨୧ ତାରିଖ ଅପରାହ୍ନରେ ସେଠାରେ ପହଞ୍ଚି ମାଲିକ କାହିଁ ବୋଲି ପଚାରିଥିଲେ । ତାଙ୍କୁ ନପାଇ ସେମାନେ ସେଠାରେ ଗାଳିଗୁଲଜ କରିଥିଲେ । କାଳିଆ ଏହାର ପ୍ରତିବାଦ କରିବାରୁ ଉକ୍ତ ଦୁଇ ଅଭିଯୁକ୍ତ ଏକ ଲୁହା ଛଡ଼ରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଆହତ କାଳିଆ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିବା ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ।

# ଝାଡ଼ଖଣ୍ଡକୁ ହେଉଥିଲା ଗଞ୍ଜେଇ ଚୋରା ଚାଲାଣ : ଭ୍ୟାନ୍ ଜବତ, ଡ୍ରାଇଭର ଫେରାର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଅନ୍ତର୍ଗତ ବେନିସାଗର ଛକ ନିକଟରେ ପୁଲିସର ଯାନବାହନ ଚେକିଂ ବେଳେ ଏକ ଭ୍ୟାନ୍ ଯୋଗେ ଗଞ୍ଜେଇ ଚୋରାଚାଲାଣ ଘଟଣା ସାମ୍ନାକୁ ଆସିଛି । ପୁଲିସକୁ ଦେଖି ଭ୍ୟାନ୍ ଚାଳକ ଦ୍ରୁତ ଗତିରେ ଗାଡି ଚଳାଇ ପଳାଇବାକୁ ଉଦ୍ୟମ କରିଥିବା ବେଳେ ଗାଡିଟି ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଥିବା ବେଳେ ପୁଲିସ ଗାଡିଟିକୁ ଜବତ କରି ତଲାଶି କରିଥିଲା ।

ଆଇଆଇସି ଅନାଦି ଚରଣ ପଟ୍ଟାୟତ, ଏସଆଇ ବିବେକ ବେହେରାଙ୍କ ନେତୃତ୍ୱରେ ପୁଲିସ ଭ୍ୟାନ୍ ଭିତରୁ ପ୍ରାୟ ୬ କିଲୋ ଗ୍ରାମ ଗଞ୍ଜେଇ ଜବତ କରିଥିବା ସୂଚନା ମିଳିଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ସହ ଫେରାର ଡ୍ରାଇଭରଙ୍କୁ ଧରିବା ପାଇଁ ଚଢାଉ ଜାରି ରଖିଛି । ଗଞ୍ଜେଇ କେଉଁଠାରୁ ଆଣାଯାଉଥିଲା ଓ କେଉଁଠାକୁ ଚାଲାଣ ହେଉଥିଲା ସେନେଇ ପୁଲିସ ଖୋଜଖବର ଚଳାଇଛି । ଗଞ୍ଜେଇ ଚୋରାଚାଲାଣ ଘଟଣାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା । ଗୁରୁବାର ସନ୍ଧ୍ୟାରେ ରରୁଆଁ ଥାନା ସାମ୍ନା ଦେଇ ଯାଉଥିବା ଏକ ଭେନ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିବା ବେଳେ ବେନିସାଗର ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଭ୍ୟାନ୍ ମଧ୍ୟରୁ ପୁଲିସ ୬ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିବା ସୂଚନା ସହ ଏହି ଘଟଣା ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି ।

ସେ କହିଥିଲେ ଯେ, ପୁଲିସର ଯାନବାହନ ଚେକିଂ ବେଳେ ସନ୍ଦେହଜନକ ଭ୍ୟାନ୍‌କୁ ଅଟକାଇବା ପାଇଁ ସଙ୍କେତ ଦିଆଯାଇଥିଲା । କିନ୍ତୁ ଚାଳକ ଗାଡିକୁ ଦ୍ରୁତ ଗତିରେ ନେଇ ପଳାଇବାକୁ ଚେଷ୍ଟା କରିଥିବା ବେଳେ ଗାଡିଟି ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଥିବା ବେଳେ ପୁଲିସ ଗାଡିରୁ ୬ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା ।

ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବା ସହ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି । ଗଞ୍ଜେଇ ଚୋରାଚାଲାଣରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ସେନେଇ ମଧ୍ୟ ତଦନ୍ତ ଚାଲିଥିବା ସୂଚନା ମିଳିଛି ।

# କାଳବୈଶାଖି ତାଣ୍ଡବରେ ବ୍ୟାପକ କ୍ଷୟକ୍ଷତି

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଗତକାଲି ଅପରାହ୍ନରେ କାଳବୈଶାଖି ତାଣ୍ଡବରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାଯାଇଛି । ଅପରାହ୍ନରେ କଳାମେଘ ଘୋଟି ବିଜୁଳି, କାନତଡକା ଘଡଘଡି ଓ କୁଆପଥର ମାଡ ସହ ଅସରାଏ ବର୍ଷା ହୋଇଥିଲା । ଏଥି ସହ ପ୍ରବଳ ବେଗରେ ପବନ ବହିବା ଯୋଗୁଁ ଗୋଳିଆ ପଞ୍ଚାୟତର ଆଖପାଖ ଗ୍ରାମର ରାସ୍ତାକଡସ୍ଥ ଅନେକ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା ବେଳେ କେତେକ ବିଦ୍ୟୁତ୍ ଖୁଣ୍ଟ ଢଳିପଡି ବିଦ୍ୟୁତ ବିଭ୍ରାଟ ଘଟିଥିଲା । ଅନ୍ୟପକ୍ଷରେ ବୁଗୁଡ଼ା ସହରାଞ୍ଚଳ ସାଙ୍ଗକୁ ଗ୍ରାମାଞ୍ଚଳରେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦ୍ୟୁତ କାଟ ଯୋଗୁଁ ଲୋକେ ଗରମ ସାଙ୍ଗକୁ ମଶା କାମୁଡା ଯନ୍ତ୍ରଣା ଭୋଗିଥିଲେ । କାଳବୈଶାଖିର ତାଣ୍ଡବ କାଳରେ ବିଜୁଳି ଓ ଘଡଘଡି ପ୍ରଭାବରେ କେତେକଙ୍କ ଘରୋଇ ବୈଦ୍ୟୁତିକ ଉପକରଣ ପୋଡି କ୍ଷତି ଘଟିଥିଲା ।

# ଫାର୍ମାସୀ କଲେଜ ଛାତ୍ରଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହର ଉପକଣ୍ଠ ହଳଦିଆ ପଦରରେ ଥିବା ଏକ ଫାର୍ମାସୀ କଲେଜରେ ପଢୁଥିବା ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି । ସେ ହେଲେ ପୁରୀ ଜିଲା ଗୋପ ବ୍ଲକର ଅମରେଶ ପାତ୍ର(୨୧) । ବୈଦ୍ୟନାଥପୁର ପୋଲିସ ମୃତଦେହ ଜବତ କରି ୩୮୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ତାଙ୍କ ମୃତ୍ୟୁର କାରଣ ଜଣାପଡିନଥିବା ପୋଲିସ କହିଛି । ମୃତ ଛାତ୍ରଙ୍କ ମୋବାଇଲ ଫୋନ ଜବତ କରି ତଦନ୍ତ ଚଳାଇଛି । ସୂଚନାପ୍ରକାରେ, ଅମରେଶ ବ୍ରହ୍ମପୁରର ଏକ ଘରୋଇ ଫାର୍ମାସୀ କଲେଜରେ ବି-ଫାର୍ମା ପଢୁଥିବା ବେଳେ ବୈକୁଣ୍ଠନଗରରେ ଏକ ଘରେ ୪ ଜଣ ସହପାଠୀଙ୍କ ସହ ମିଳିମିଶି ରହୁଥିଲେ । ସକାଳୁ ଅମରେଶ ବକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ସେମାନେ ଦେଖିଥିଲେ । ଏମକେସିଜି ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଏମକେସିଜିରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା ।

# ଏମକେସିଜିରେ ଓମଟାକନ୍-୨୦୨୬




ବ୍ରହ୍ମପୁର, (ସବ୍ୟୁ): ଓଡ଼ିଶା ମେଡିକାଲ ଶିକ୍ଷକ ସଂଘ (ଓମଟା) ପକ୍ଷରୁ ବ୍ରହ୍ମପୁର ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜ ଓ ହସପିଟାଲ ପରିସରରେ ବାର୍ଷିକ ସମ୍ମିଳନୀ "ଓମଟାକନ-୨୦୨୬' ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦଘାଟକ ଭାବେ ଯୋଗ ଦେଇଥିବା ବେଳେ ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା ମୁଖ୍ୟଅତିଥି ଏବଂ କବିସୂର୍ଯ୍ୟନଗର ବିଧାୟକ ପ୍ରତାପଚନ୍ଦ୍ର ନାୟକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଓମଟାର ରାଜ୍ୟ ସଭାପତି ଡା. ଚିନ୍ମୟ ସୁନ୍ଦର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଡା. ନିହାରରଞ୍ଜନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂଗଠନିକ ସଭାପତି ଡା. ଆଶିଷ କୁମାର ବାରିକ ଓ ସାଂଗଠନିକ ସମ୍ପାଦକ ଡା. ଜଗଦୀପ ନାୟକ ସମ୍ମିଳନୀ ପରିଚାଳନା କରିଥିଲେ। ସମ୍ମିଳନୀରେ ମେଡିକାଲ ଶିକ୍ଷାର ଉନ୍ନତି, ସେବାର ଗୁଣବତ୍ତା ବୃଦ୍ଧି, ଶିକ୍ଷକ ଓ ଅଧ୍ୟାପକମାନଙ୍କ କଲ୍ୟାଣ ଏବଂ ଜାତୀୟ ମେଡିକାଲ କମିଶନ (ଏନଏମସି)ର ନିୟମାବଳୀ ଅନୁପାଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ଶିକ୍ଷକ ଓ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି ଅବସରରେ ଓମଟା ପକ୍ଷରୁ ୮ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବା, ଓମଟାର କାର୍ଯ୍ୟାଳୟ ପାଇଁ ଭୁବନେଶ୍ୱରଠାରେ ଏକ ସରକାରୀ କାର୍ଯ୍ୟାଳୟ ଯୋଗାଇଦେବା, ଓଏମଇଏସ ଏବଂ ଭିମସାରର ଯୋଗ୍ୟ ଅଧ୍ୟାପକମାନଙ୍କୁ ତୁରନ୍ତ ଡିଏସିପି ଏବଂ ଟିବିସିଏ ସୁବିଧା ପ୍ରଦାନ, ଓଏମଇଏସ କ୍ୟାଡର ରୁଲ୍-୨୦୨୧ର ସଂଶୋଧନ କରାଯାଇ ୪ଟି "ସ୍ପେଶାଲ ସେକ୍ରେଟାରୀ' ପଦବୀ ସୃଷ୍ଟି, ସମସ୍ତ ଡିନ୍, ପ୍ରିନ୍ସିପାଲ ଓ ସୁପରିଟେଣ୍ଡେଣ୍ଟଙ୍କୁ ଆଡମିନିଷ୍ଟ୍ରେଟିଭ୍ ଆଲାଉନ୍ସ ସହ ସିନିୟର ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍ ମାନ୍ୟତା ପ୍ରଦାନ, ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାର ସଠିକ୍ ପରିଚାଳନା ପାଇଁ ୪ଟି ଆଞ୍ଚଳିକ ନିର୍ଦ୍ଦେଶାଳୟ ସ୍ଥାପନ, ବଦଳି ପ୍ରକ୍ରିୟାର ସରଳୀକରଣ, ଭିମସାର୍ ସୁପରିଚାଳନା, ସମସ୍ତ ସରକାରୀ ମେଡିକାଲ କଲେଜରେ ସ୍ଥାୟୀ ଡିନ୍ ଓ ସୁପରିଟେଣ୍ଡେଣ୍ଟ ନିଯୁକ୍ତି, ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଭଳି ଦାବି କରାଯାଇଥିଲା ।

# ବାରିପଦାରେ ବିଜେପିର ୨ଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ବିଜେପି ପକ୍ଷରୁ ଦୁଇଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଶ୍ରୀରାମ ପ୍ୟାଲେସ୍ ଠାରେ ଉଦଘାଟିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଉଦଘାଟନ କରିଥିଲେ। ଏହି ଉଦଘାଟନ କାର୍ଯ୍ୟକ୍ରମରେ ବାଲେଶ୍ୱର ଲୋକସଭା ସାଂସଦ ତଥା ପ୍ରଶିକ୍ଷକ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଉଦଳା ବିଧାୟକ ଭାସ୍କର ମଢେଇ, ବଡସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଙ୍କ ବିଶେଶ୍ୱର ଟୁଡୁ, ରାଜ୍ୟ ଏସଟି ମୋର୍ଚ୍ଚା ସଭାପତି କାହ୍ନା ସୋରେନ୍, ଜିଲ୍ଲା (ପୂର୍ବ) ସଭାପତି ନିହାର ମୋଦୀ, ଉଦଳା ଏନଏସି ନଗରପାଳ ପ୍ରମିଳା ପଣ୍ଡା, ରାଜ୍ୟ ମିଡିଆ ପେନାଲିଷ୍ଟ କବିବିଷ୍ଣୁ ଶତପଥୀ ଓ ଏସଡିସି ଉପାଧ୍ୟକ୍ଷା କୌଶଲ୍ୟା ନାଏକ, ଜିଲ୍ଲା ପ୍ରଶିକ୍ଷଣ ଶିବିର ପ୍ରଭାରୀ ଠାକୁର ରଞ୍ଜିତ୍ ଦାସ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ସାହୁ ପ୍ରମୁଖ ମଞ୍ଚାସୀନ ହୋଇ କାର୍ଯ୍ୟକର୍ତ୍ତାଙ୍କୁ ବିଜେପି ଦଳର ମାର୍ଗଦର୍ଶନ ସମ୍ବନ୍ଧରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ତଥା ପ୍ରଶିକ୍ଷଣ ବର୍ଗ ସଂଯୋଜକ ପ୍ରଦୀପ ମହାନ୍ତି ଅତିଥି ଆହ୍ୱାନ କରିଥିବାବେଳେ ପ୍ରବୀଣ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୮ ଗୋଟି ସତ୍ରରେ ପ୍ରଶିକ୍ଷଣ ଶିବିରରେ ସାଂସଦ ପ୍ରତାପ ଷଡଙ୍ଗୀ, ପ୍ରଶାନ୍ତ ସାହୁ, କିଶୋର କୁମାର ପଣ୍ଡା, ସୁଜାତା ପାଢୀ, ଜ୍ୟୋତିରଞ୍ଜନ ନାୟକ ଓ ବାସୁଦେବ ବାରିକ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ସହ ପ୍ରାତଃରେ ଯୋଗ ଓ ସନ୍ଧ୍ୟାରେ ବିଜେପି କର୍ମୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ADMISSION NOTICE
POST GRADUATE ENTRANCE TEST- 2026

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET)- 2026 for admission into following Post Graduate Courses & Institutes

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
Olatpur, P.O: Bairoi, Dist-Cuttack-754010 (Odisha)
Website : https://svnirtar.nic.in, E-Mail: svnirtarpget@gmail.com
Courses Offered: 1. Master of Physiotherapy 2. Master of Occupational Therapy 3. Master in Prosthetics & Orthotics

PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)
4, Vishnu Digamber Marg, New Delhi - 110002
Website : https://pdunippd.nic.in, E-Mail: diriph@nic.in
Course Offered: 1. Master in Prosthetics & Orthotics

ALI YAVAR JUNG NATIONAL INSTITUTE OF SPEECH AND HEARING DISABILITIES (DIVYANGJAN) (AYJNISHD)
K.C. Marg, Bandra (W) Reclamation, Mumbai – 400 050
&
REGIONAL CENTRE, SECUNDERABAD
Manovikas Nagar, Secunderabad-500009
Website: https://ayjnishd.nic.in, E-Mail: ayjnihh-mum@nic.in
Course Offered: 1. Master of Science in Audiology (M.Sc. Audiology)

Institutes under DEPwD (Divyangjan),
Ministry of Social Justice and Empowerment, Govt. of India

Eligibility: The Candidate should Pass Bachelor of Physiotherapy for MPT, Bachelor of Occupational Therapy for MOT, BPO/ B.Sc. (PO) for MPO and BASLP for M.Sc. Audiology Courses.

| | |
|---|---|
| Starting of online publication of Information Brochure and Application form | : 20.05.2026 |
| Closing date of online receipt of Application form | : 19.06.2026 |
| Date of Post Graduate Entrance Test | : 12.07.2026 |

For details Log on to: https://admission.svnirtar.nic.in

Sd/-
Director Cum Chairman,
PGET- 2026

# ଗୋଟିଏ ଦୁର୍ନୀତିକୁ ଲୁଚାଇବା ପାଇଁ ଆଉ ଏକ ରାସ୍ତା ପ୍ରକଳ୍ପ !

# ସରକାରୀ ନିର୍ଦ୍ଦେଶନାମା ପାଳନ କରୁନାହାନ୍ତି ଯନ୍ତ୍ରୀ

ପଟ୍ଟାମୁଣ୍ଡାଇ ( ସ ବ୍ୟୁ ) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ଗ୍ରାମ ପଞ୍ଚାୟତ ରେ ରାସ୍ତା କାମ ନକରି ୪ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରା ଯାଇଥିବା ଅଭିଯୋଗ ର ତଦନ୍ତ ନସରୁଣୁ ସେହି ରାସ୍ତା ଉପରେ ନୂଆ ରାସ୍ତା ପ୍ରକଳ୍ପ ନିର୍ମାଣ କରି ଦୁର୍ନୀତିକୁ ଲୁଚାଇବା ପାଇଁ ଯନ୍ତ୍ରୀ ଚେଷ୍ଟା ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ ଶାସନ ଗ୍ରାମ ପଞ୍ଚାୟତରେ ୧୦ନଂ ୱାର୍ଡରେ ଭାଉଚର ନଂ ୫ଟି ଏଚ ଏସ ଏଫ ସି /୨୦୨୫-୨୬/ପି /୧୪ ଅନୁଯାୟୀ ଗତ ଫେବୃଆରୀ ୦୬ ତାରିଖରେ ଗ୍ରାମ ପଞ୍ଚାୟତ ପାଣ୍ଠିରୁ କାର୍ଯ୍ୟ ନିବାହୀ ଅଧିକାରୀ ଙ୍କ ଆକାଉଣ୍ଟକୁ ୪ଲକ୍ଷ ୨୮ ହଜାର ୭ଶହ ୫୨ଟଙ୍କା ଏକ ରାସ୍ତା ନିର୍ମାଣ କାର୍ଯ୍ୟ ବାବଦକୁ ପୈଠ କରାଯାଇଥିଲା । ଯେଉଁଥିରେ ପ୍ରକଳ୍ପର ନାମ ହରିଜନ ସାହି ଠାରୁ କେନାଲ ରୋଡ ପର୍ଯ୍ୟନ୍ତ ସି ସି ରୋଡ଼ ବୋଲି ଉଲ୍ଲେଖ ରହିଛି ।

ଭାଉଚରଟି ଲୋକଲୋଚନକୁ ଆସିବା ପରେ ସେଭଳି କୌଣସି ପ୍ରକଳ୍ପ କାର୍ଯ୍ୟ ପଞ୍ଚାୟତରେ ନିର୍ମାଣ କରା ଯାଇନଥିବା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା । ଗ୍ରାମବାସୀ ଏହି ଦୁର୍ନୀତି ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନନ୍ତ ଚରଣ ବିଶ୍ୱାଳ ଏବଂ ତଦାରଖ ଦାୟିତ୍ୱରେ ଥିବା ସହନିର୍ବାହୀ ଯନ୍ତ୍ରୀ ବନ୍ଦିତା ବେହେରା ଙ୍କୁ ପ୍ରକଳ୍ପ ସ୍ଥାନ ଦେଖାଇବା ସହିତ ରାସ୍ତାକାର୍ଯ୍ୟ ସମ୍ପର୍କିତ ଜିଓଟ୍ୟାଗ ଫୋଟୋ ଦେଇ ବୁଝାଇବାକୁ ଅନୁରୋଧ କରିଥିଲେ । କିନ୍ତୁ ଉଭୟ କାର୍ଯ୍ୟ ନିବାହୀ ଅଧିକାରୀ ଓ ଯନ୍ତ୍ରୀ ରାସ୍ତା ଦେଖାଇବାକୁ ଯାଇ ନଥିଲେ କି ସୂଚନା ଫଳକ ଏବଂ ରାସ୍ତା କାମ ସମ୍ପର୍କିତ ଜିଓଟ୍ୟାଗ ଫୋଟୋ ଦେଇ ପାରି ନଥିଲେ । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସେହି ପ୍ରକଳ୍ପରେ ମୋର କୌଣସି ଭୂମିକା ନାହିଁ କହି ପୂର୍ବତନ ପି ଇ ଓ ଏବଂ ଯନ୍ତ୍ରୀ ବନ୍ଦିତା ବେହେରାଙ୍କ ଉପରେ ଙ୍କ ଉପରେ ଦୋଷ ଲଦିଥିଲେ ।

ବାରମ୍ବାର ଏହି ଦୁର୍ନୀତି ବିରୁଦ୍ଧରେ ଗ୍ରାମବାସୀଙ୍କ ଅଭିଯୋଗ ସେ%୦ବି ଅଭିଯୋଗକାରୀଙ୍କୁ ପ୍ରକଳ୍ପ ସମ୍ପର୍କରେ ବୁଝାଇବା ପାଇଁ ବିଡ଼ିଓଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି । ପୂର୍ବରୁ ହୋଇଥିବା ଏକ ପୁରୁଣା ରାସ୍ତାକୁ ଦେଖାଇ ଖସିଯିବାକୁ ଚେଷ୍ଟା କରୁଥିବା ସମ୍ପୃକ୍ତ ଯନ୍ତ୍ରୀ ଏବଂ ପଞ୍ଚାୟତ କାର୍ଯ୍ୟ ନିର୍ବାହୀଅଧିକାରୀଙ୍କୁ ଗ୍ରାମବାସୀ ରାସ୍ତା କାର୍ଯ୍ୟ ସମ୍ପର୍କିତ ଜିଓଟ୍ୟାଗ ଫୋଟୋ ମାଗିବା ପରେ ଉଭୟ ଯନ୍ତ୍ରୀ ଏବଂ ଅଧିକାରୀ ହରଡ଼ ଘଣା ରେ ପଡିଛନ୍ତି । ତେଣୁ ଅନ୍ୟୋପାୟ ନପାଇ ଉକ୍ତ ରାସ୍ତାର ତଦନ୍ତ ସରିନଥିଲେ ବି ଯନ୍ତ୍ରୀ ଉକ୍ତ ରାସ୍ତାରେ ପୁନଶ୍ଚ ଆଉ ଏକ ନୂଆ ପ୍ରକଳ୍ପର ରାସ୍ତା ନିର୍ମାଣ କରି ରାସ୍ତା ଦୁର୍ନୀତିକୁ ଲୁଚାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି ।ଗ୍ରାମବାସୀ କାଳେ ଅଭିଯୋଗ କରିବେ ସେଥିପାଇଁ ଜାଣିଶୁଣି ୧୬ ଅଗଷ୍ଟ ଛୁଟି ଦିନ ଥିବା ସତ୍ତ୍ୱେ ବି ଶ୍ରମିକଙ୍କୁ କାମ କରିବାକୁ କହି ପ୍ରକଳ୍ପ ସ୍ଥାନକୁ ଯନ୍ତ୍ରୀ କିମ୍ବା ସରକାରୀ କର୍ମଚାରୀ କେହି ଆସିନଥିଲେ । ରାସ୍ତା କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିବା ପାଇଁ ବାରମ୍ବାର ଫୋନ କରିବା ସେ%୦ ମଧ୍ୟ ଯନ୍ତ୍ରୀ ଶ୍ରୀମତୀ ବେହେରା ଫୋନ ଉଠାଇ ନଥିଲେ । ଶ୍ରମିକମାନେ ମଧ୍ୟ ତରବରିଆ ଭାବେ ଅତ୍ୟନ୍ତ ନିମ୍ନ ମାନର କାମ କରି ରାସ୍ତା କାମ ସାରି ଦେଇଥିଲେ । ସୂଚନା ଫଳକ ଲଗାଇ ଗ୍ରାମବାସୀଙ୍କୁ ସରଳ ଭାଷାରେ ପ୍ରକଳ୍ପ ସମ୍ପର୍କିତ ତଥ୍ୟକୁ ବୁଝାଇ ସାରିବା ପରେ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିବାକୁ ସରକାରଙ୍କର କଡା ନିର୍ଦ୍ଦେଶ ଥିବା ସତ୍ତ୍ୱେ ବି ସମ୍ପୃକ୍ତ ଯନ୍ତ୍ରୀ ଶ୍ରୀମତୀ ବେହେରା ଅଧିକାଂଶ ସମୟରେ ବେପରୁଆ ଭାବେ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରି ବାରମ୍ବାର ପ୍ରକଳ୍ପ ଗୁଡିକର କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଦିନକୁ ଦିନ ଦୁର୍ନୀତିର ସୀମା ବଢି ଚାଲିଥିବା ବେଳେ ଏପରିକି ପୁରୁଣା ପ୍ରକଳ୍ପକୁ ଦେଖାଇ ନୂଆ ପ୍ରକଳ୍ପର ଅନୁଦାନ ଅର୍ଥ ଏବଂ ଧରା ପଡିଗଲେ ସେହି ଜାଗାରେ ପୁଣି ଆଉ ଏକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରି ସରକାରୀ ଅନୁଦାନ ଅର୍ଥ ହଡପ କରା ଯାଉଛି ବୋଲି ପଞ୍ଚାୟତ ବାସୀ ଅଭିଯୋଗ କରିଛନ୍ତି । ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଅଭିଯୋଗ କାରୀଙ୍କୁ ସଠିକ ତଥ୍ୟ ଦେଇ ବୁଝାଇ ଦେବାକୁ ଅର୍ଜୁନ ସାହୁ,ରମାକାନ୍ତ ଦାଶ, ହେମନ୍ତ ମହାନ୍ତି ,ଦିଲ୍ଲୀପ ମଳିକ ପ୍ରମୁଖ ପଞ୍ଚାୟତ ବାସୀ ସରକାରଙ୍କ ନିକଟରେ ଦାବି ରଖିଛନ୍ତି ।

## ଦୁଇଦିନିଆ ପ୍ରଶିକ୍ଷଣ ଶିବିର , ଯୋଗଦେଲେ ଉପ ମୁଖ୍ୟମନ୍ତ୍ରୀ



ପାରାଦୀପ, (ଜି.ପ୍ର) : ପାରାଦୀପରେ ଜଗତସିଂହପୁର ଜିଲ୍ଲା ବିଜେପିର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି ।ଏଥିରେ ଆଜି ଯୋଗ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଜିଲ୍ଲାର ସମସ୍ତ ମଣ୍ଡଳ ଓ ପଞ୍ଚାୟତ ସ୍ତରର କାର୍ଯ୍ୟକର୍ତ୍ତା ମାନଙ୍କୁ ଦିଆଯାଉଛି ଏଠାରେ ଗୁରୁମନ୍ତ୍ର । ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସଙ୍କ ସହ ଜିଲ୍ଲା ସଭାପତି ପ୍ରତାପ ମିଶ୍ର ପ୍ରମୁଖ ଯୋଗଦେଇ କିଭଳି ତଳସ୍ତରର ଲୋକଙ୍କ ପାଖରେ ଯୋଜନା ପହଁଞ୍ଚିବ ସେନେଇ କରୁଛନ୍ତି ବିସ୍ତୃତ ଆଲୋଚନା । ଦୁଇଦିନିଆ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିବା ଓ ଆଗକୁ ସଂଗଠନକୁ ଆହୁରି ମଜବୁତ କରିବାକୁ ଯୋଜନା ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି । ଏହି ଶିବିର ୨୨ ଓ ୨୩ ତାରିଖ ଦୁଇଦିନ ଧରି ଚାଲିବ । ପାରାଦୀପ ବିଜୁ କନଭେନ୍‌ଶାନରେ ଏହିଆରମ୍ଭ ହୋଇଛି । କାର୍ଯ୍ୟକର୍ତା ମାନେ ସକାଳୁ ଆସି ନିଜ ନିଜର ପଞ୍ଜିକରଣ କରିବା ସହ ଏହି ପ୍ରସିକ୍ଷଣରେ ଯୋଗ ଦେଇଛନ୍ତି ।

## ବିଭିନ୍ନ ବ୍ରାଣ୍ଡର ୮ ୫ଲିଟର ବିଦେଶୀ ମଦ ଜବତ : ଜଣେ ଗିରଫ

ମହାକାଳପଡ଼ା, (ସବ୍ୟୁ): ମହାକାଳପଡ଼ା ଥାନା ଅଧୀନ ବଳିପାଳ ଫଂଚାୟତ ବାଲିସାହି ଗାଁ ର ବେଆଇନ ମଦ ବେପାରୀ କୁନି ପ୍ରଭା ଜେନାଙ୍କୁ ମହାକାଳପଡ଼ା ପୋଲିସ ଗିରଫ କରିଥିବାର ଜଣାପଡିଛି। ଏକ୍ସାଇଜ ରେଡ ବେଳେ ପୋଲିସ ଶ୍ରୀମତୀ ଜେନା ଙ୍କ ଘରୁ ବିଭିନ୍ନ ବ୍ରାଣ୍ଡ ର ବିଦେଶୀ ମଦ ଜବତ କରିଛି। ଏନେଇ ପୋଲିସ କେଶ ନଂ ୧୪୮/୨୬ମୂଳେ. ମାମଲା ରୁଜୁ କରିବା ସହିତ କୁଣିପ୍ରଭା ଙ୍କୁ ଗିରଫ କରି ଅଧିକ ଅନୁସନ୍ଧାନ ଜାରି ରଖିଥିବାର ଜଣାପଚିଛି ।

## ମା ତାରିଣୀ ଆବାସିକ ଉଚ୍ଚ ମାଧ୍ୟମିକ ଯୁକ୍ତ ବିଜ୍ଞାନ ଫଳ ଶତପ୍ରତିଶତ

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ଯାଜପୁରରୋଡ ଧବଳଗିରିରୁ କୁଆଖିଆ ସାରଙ୍ଗପୁର ଛକକୁ ସ୍ଥାନାନ୍ତରିତ ହୋଇଥିବା ସାଇଗ୍ରୁପ ଅଫ ଇନ୍ସଟିଚ୍ୟୁଏସନ ଦ୍ୱାରା ପରିଚାଳିତ ମାତାରିଣୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ୨ ବିଜ୍ଞାନର ଫଳାଫଳ ସତ ପ୍ରତିଶତ ହୋଇଥିବା କଲେଜ ଅଧ୍ୟକ୍ଷ ନଦିୟା ମୋହନ ପଟ୍ଟନାୟକଙ୍କ ଠାରୁ ପ୍ରକାଶ। ଚଳିତ ବର୍ଷ ପରୀକ୍ଷା ଦେଇଥିବା ସମୁଦାୟ ୫୬ ଜଣ ଛାତ୍ର ଛାତ୍ରୀ ମଧ୍ୟରୁ୯୦% ରୁ ଅଧିକ ନଂ ରଖିଥିବାପିଲାଙ୍କ ସଂଖ୍ୟା ୬, ୮୦% ରୁ ଉର୍ଦ୍ଧ୍ୱ୨୪ ଜଣ, ୭୦% ରୁ ଉର୍ଦ୍ଧ୍ୱ ୧୬ ଜଣଙ୍କ ସହ ଅନ୍ୟ ପିଲାମାନେ ମଧ୍ୟ ପାସ କରିଛନ୍ତି। ସାଇ ଗ୍ରୁପ ଅଫର ଚେୟାରମ୍ୟାନ ଚନ୍ଦ୍ରଶେଖର ନାୟକ ସତ ପ୍ରତିଶତ ଫଳାଫଳ ପାଇଁ କୃତୀ ଛାତ୍ରଛାତ୍ରୀ, ଅଭିଭାବକ ଓ ଅନୁଷ୍ଠାନ ଅଧାପକଓ ଅଧାପିକା, କର୍ମଚାରୀଙ୍କୁ ସାଧୁବାଦ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଛାତ୍ରୀ ସୁଶ୍ରୀ ସ୍ମୃତିରେଖା ସାହୁ ସର୍ବୋଚ୍ଚ ୫୬୧ ନଂ ରଖି ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି।

## ଚାଖଣା ଦୋକାନ ପାଖରେ ଜିଲ୍ଲାପାଳ ଓ ଏସ୍ପିଙ୍କ ଚଢ଼ାଉ , ୧୨ ଅଟକ

ପାରାଦୀପ, (ଜି.ପ୍ର) : ବଦଳୁଛି ଜଗତସିଂହପୁର ଜିଲ୍ଲାର ସ୍ଥିତି । ଆକ୍ସନ ମୁଡ଼ରେପୁରା ପ୍ରଶାସନ। ସେ ରାତି ହେଉ ଅବା ଦିନ ଚୋର , ମଦ୍ୟପ ଓ ମାଫିଆଙ୍କ ଭିତରେ ସୃଷ୍ଟି ହେଲାଣି କୋକୁଆ ଭୟ। କାରଣ ଖୋଦ ଜିଲ୍ଲାପାଳ ଓ ଏସ୍ପି ଖବର ପାଇଲା ମାତ୍ରେ ପହଂଚି ଯାଉଛନ୍ତି ଘଟଣା ସ୍ଥଳରେ ଆଉ କରି ଦେଉଛନ୍ତି ଚଢ଼ାଉ ।

ଗତ କିଛିଦିନ ହେବ ଜିଲ୍ଲାରେ ଏଭଳି ସ୍ଥିତି ବଳବତ୍ତର ଥିବା ବେଳେ ବାଲି ଘାଟରେ ରାତିରେ ଜିଲ୍ଲାପାଳ ଓ ଏସ୍ପି ପହଂଚି ବାଲି ଚୋରଙ୍କ ସମେତ ହାଇୱା ଜବତ କରିବା ଓ ଗତ ସପ୍ତାହରେ କୁଜଙ୍ଗ ଫତେପୁର ଫଂଚାୟତ ପ୍ରତାପପୁର ଗ୍ରାମ ନିକଟରେ ଥିବା ଇଡ଼କୋ ଜମିରୁ ମାଟି ଚୋରଙ୍କ ସମେତ ହାଇଓ୍ୱା ଓ ଏସ୍କାଭେଟର ଜବତ କରିବା ସମସ୍ତଙ୍କୁ ବେଶ ଆଶ୍ଚର୍ଯ୍ୟ କରିଥିଲା। ଆଜି ପାରାଦୀପରେ ଥିବା କେତେକ ମଦ ଦୋକାନ ପାଖରେ ଗଢି ଉଠିଥିବା ଚାଖଣା ଦୋକାନ ଉପରେ ଜିଲ୍ଲାପାଳ ଓ ଏସ୍ପିଙ୍କ ଚଢ଼ାଉରେ ମଧ୍ୟ ଦେଖିବାକୁ ମିଳିଛି । ଜିଲ୍ଲାପାଳ ଜେ ସୋନୁଓ୍ୱାଲ ଏବଂ ଏସ୍ପି ଅଙ୍କିତ କୁମାର ବର୍ମାଙ୍କୁ ସମେତ ପାରାଦୀପ ଅତିରିକ୍ତ ଏସ୍ପି ଆଜିଙ୍କ୍ୟ ମାଣେ ଓ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କୁ ମଧ୍ୟ ଏହି ଚଢ଼ାଉ ସମୟରେ ଦେଖିବାକୁ ମିଳିଛି ।

ଅଠରବାଙ୍କି ନିକଟରେ ଥିବା ସରକାରୀ ଠିପି ବନ୍ଦ ମଦ ଦୋକାନ ସମେତ ବଡପଡିଆ ନିକଟରେ ଥିବା କେତେକ ମଦ ଦୋକାନ ପାଖରେ ଅନେକ ଚାଖଣା ଦୋକାନ ଉପରେ ଜିଲ୍ଲା ପ୍ରଶାସନର ଅଚାନକ ଚଢ଼ାଉ ମଦୁଆମାନଙ୍କୁ ଚକିତ କରି ଦେଇଛି ।ରାସ୍ତା ଉପରେ ଦୋକାନ କଡରେ ଓ ଆଗରେ ପ୍ରତିଦିନ ଭଳି ଅନେକ ମଦ୍ୟପ ଆଜି ସନ୍ଧ୍ୟା ସମୟରୁ ବସି ଚାଖଣା ସହ ମଦର ଆସର ଜମାଇଥିବା ବେଳେ ହଠାତ ସେଠାରେ ଜିଲ୍ଲାପାଳ ଓ ଏସ୍ପିଙ୍କ ସମେତ ଅତିରିକ୍ତ ଏସ୍ପି ଓ ଉପ ଜିଲ୍ଲାପାଳ ଆସି ପହଂଚି ଗୋଡ଼ାଇଥିବା ବେଳେ ୧୨ରୁ ଉର୍ଧ ମଦ୍ୟପଙ୍କୁ ଧରି ଥାନାକୁ ନିଆଯାଇଥିବା ଜଣାପଡିଛି ।

ଅନେକ ମଦ୍ୟପ ଜିଲ୍ଲା ପ୍ରଶାସନର ଅଚାନକ ଚଢ଼ାଉ ଦେଖି ମଦ ବୋତଲ ଛାଡି ଛତ୍ରଭଙ୍ଗ ଦେଇଥିବା ବେଳେ ଅନେକ ନିଜ ଗାଡି ଛାଡି ମଧ ଦୌଡ଼ି ପଳାଇଥିବା ଦେଖିବାକୁ ମିଳିଛି । ଖୁବଶିଘ୍ର ଚାଖଣା ଦୋକାନ ସବୁ ଙ୍ଗାଯିବ ବୋଲି ମଧ ଜଣାପଡିଛି । ଗତ କିଛିଦିନ ତଳେ ଜଗତସିଂହପୁର ଅଂଚଳରେ ମଧ ଚାଖଣା ଦୋକାନ ଉପରେ ଚଢ଼ାଉ କରାଯାଇଥିଲା ।ଜିଲ୍ଲାପାଳ ଓ ଏସ୍ପିଙ୍କ ଏଭଳି ଆକ୍ସନ ମୁଡ୍ ଦେଖି ଚୋରା ବ୍ୟବସାୟୀ ଓ ମଦ୍ୟପ ଏବେ ତ୍ରାହି ତ୍ରାହି ଡାକିବାକୁ ଆରମ୍ଭ କଲେଣି ।

## ସାଲେପୁରରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା

ସାଲେପୁର, (ସବ୍ୟୁ) : ସାଲେପୁର ହାଇସ୍କୁଲ ଅଡିଟରୀୟମରେ ଆସନ୍ତା ରବିବାର ଅନୁଷ୍ଠିତ ହେବାକୁ ଯାଉଛି ରାଜ୍ୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା। ପ୍ରଥମ ଥର ଅନୁଷ୍ଠିତ ହେବାକୁ ଯାଉଥିବା ନୃତ୍ୟ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୫୦ ଜଣ ପ୍ରତିଯୋଗୀ ଭାଗ ନେଉଥିବା ଆୟୋଜକମାନଙ୍କ ଠାରୁ ପ୍ରକାଶ। ଏହି ପ୍ରତିଯୋଗିତା କ୍ଲାସିକାଲ, ସେମି କ୍ଲାସିକାଲ ଓ ମର୍ଡନ ତିନୋଟି ବିଭାଗରେ ନୃତ୍ୟ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ରାଜ୍ୟର ସୁନାମଧନ୍ୟ ନୃତ୍ୟଗୁରୁ ଜଗଦୀଶ ଦାସ, ଶ୍ରୀନିବାସ ଘଟୋରୀ ଓ ବିଜୟ ସାମଲ ପ୍ରମୁଖ ଯୋଗଦେବେ। ଏହାର ଆୟୋଜକ ସମର ଡ୍ୟାନ୍ସିଂ ଷ୍ଟାର ଗ୍ରୁପ, ସାଲେପୁର ପ୍ରଥମ ଥର ଏହି ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ସାଲେପୁର ଠାରେ ଆୟୋଜନ କରି ଅଞ୍ଚଳର କଳା, ସଂକୃତିକୁ ପ୍ରସାର ପ୍ରଚାର କରିବାକୁ ପ୍ରୟାସ କରିଛନ୍ତି।

## ଅସହ୍ୟ ଗୁଳୁଗୁଳି ସହିତ ଘନଘନ ବିଦ୍ୟୁତକାଟ

## ଶତାଧିକ କୁକୁଡ଼ା ମୃତ

ରଘୁନାଥପୁର,(ସବ୍ୟୁ) : ରଘୁନାଥପୁର ବ୍ଲକ ଅଂଚଳରେ ଅସହ୍ୟ ଗୁଳୁଗୁଳି ସହିତ ଘନଘନ ବିଦ୍ୟୁତ କାଟ ଯୋଗୁଁ ବିଭିନ୍ନ ପଲିଟ୍ରି ଫାର୍ମରେ ଶତାଧିକ କୁକୁଡ଼ା ମୃତ୍ୟୁ ବରଣ କରିଛନ୍ତି । କ୍ଷତି ଭରଣା ପାଇଁ ଫାର୍ମ ମାଲିକ ମାନେ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ବିଦ୍ୟୁତ କମ୍ପାନୀ ବିରୋଧରେ ଖାଉଟି ଅଦାଲତର ଦ୍ୱାରସ୍ଥ ହେବାପାଇଁ ସଜବାଜ ହେଉଥିବା ଜଣାଯାଇଛି । ପ୍ରକାଶ ଥାଉକି, ରାଜ୍ୟରେ ବର୍ତ୍ତମାନ ପାରଦ ଉପର ମୁହାଁ ଥିବା ବେଳେ ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଲୋକ ମାନେ ଦିନ ୧୦ଟା ବେଳେ ଘରୁ ବାହାରି ପାରୁନାହାନ୍ତି । ଏହି ସମୟରେ ରଘୁନାଥପୁର ବିଦ୍ୟୁତ କାର୍ଯ୍ୟାଳୟ ଘନଘନ ବିଦ୍ୟୁତକାଟ କରୁଥିବାରୁ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଅବସ୍ଥାରେ ଗତକାଲି ରଘୁନାଥପୁର ମା ନାରାୟଣୀ ଏସ ଏଚ ଜି ମହିଳା ଗ୍ରୁପର ପଲିଟ୍ରି ଫାର୍ମରେ ୨ଶହରୁ ଉର୍ଦ୍ଧ୍ୱକୁକୁଡ଼ାଙ୍କର ମୃତ୍ୟୁ ହୋଇଛି । ସୂଚନାଯୋଗ୍ୟ, ଏହି ମହିଳା ଗ୍ରୁପ ସ୍ୱାବଲମ୍ବୀ ହେବା ପାଇଁ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଋଣ ଆଣି ଏକ କୁକୁଡ଼ା ଫାର୍ମ କରିଥିଲେ । କିନ୍ତୁ ଘନଘନ ବିଦ୍ୟୁତ କାଟ ଯୋଗୁଁ କୁକୁଡ଼ା ମାନଙ୍କ ହୃଦଘାତରେ ମୃତ୍ୟୁ ହେଉଥିବା ସୁଗୁଣା କମ୍ପାନୀର ପ୍ରାଣୀ ଚିକିତ୍ସକ ସୂଚନା ପ୍ରଦାନ କରିଛନ୍ତି ।ଏହାର କ୍ଷତିପୂରଣ ଦାବିନେଇ ମହିଳା ଗ୍ରୁପର ସଦସ୍ୟାମାନେ ଖାଉଟି ଅଦାଲତର ଦ୍ୱାରସ୍ଥ ହେବାପାଇଁ ସଜବାଜ ହେଉଥିବା ଜଣାଯାଇଛି । ତେବେ ଓଭରଲୋଡିଂ ଯୋଗୁଁ କନ୍ଦରପୁର ଗ୍ରୀଡରୁ ବାରମ୍ବାର ଲାଇନ କଟାଯାଉଥିବା ରଘୁନାଥପୁର ବିଦ୍ୟୁତ ଏସଡିଓ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି ।

## ଅଶୋଭନୀୟ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିଛି ମଧୁମାଟି ସାମ୍ବାଦିକ ସଂଘ



ସାଲେପୁର, (ସବ୍ୟୁ) : ସାଲେପୁର ମଧୁମାଟି ସାମ୍ବାଦିକ ସଂଘ ବିଜେପି ନେତା ଅରିନ୍ଦମ ରାୟ ସାମ୍ବାଦିକ ମାନଙ୍କ ପ୍ରତି ଦେଇଥିବା ଅଶୋଭନୀୟ ମନ୍ତବ୍ୟକୁ ଦୃଢ଼ ଭାବରେ ନିନ୍ଦା କରିଛି ।ଗୁରୁବାର ପୂର୍ବାହ୍ନରେ ସଂଘ କାର୍ଯ୍ୟାଳୟରେ ସଭାପତି ଶାରଦା ପ୍ରସନ୍ନ ପଣ୍ଡାଙ୍କ ଦ୍ୱାରା ଆହୁତ ନିନ୍ଦା ପ୍ରସ୍ତାବରେ ସଂଘର କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ରହି ଅରିନ୍ଦମ ରାୟଙ୍କ ଅଠେଣୀ, ଚାରେଣୀ, ଚାଉଳ ଓ ଡାଲି ମନ୍ତବ୍ୟକୁ ଦୃଢ଼ ଭାବରେ ନିନ୍ଦା କରିଥିଲେ । ସାମ୍ବାଦିକମାନଙ୍କ ପ୍ରତି ବିଜେପି ନେତାଙ୍କ ଏଭଳି ମନ୍ତବ୍ୟ ପାଇଁ ରାଜ୍ୟ ବିଜେପି କି ପଦକ୍ଷେପ ନେଉଛନ୍ତି ସାମ୍ବାଦିକମାନେ ଅପେକ୍ଷା କରିଛନ୍ତି । ମଧୁମାଟି ସାମ୍ବାଦିକ ସଂଘ ସର୍ବଦା ସବୁକ୍ଷେତ୍ରରେ ସାଲିସ ବିହୀନ ଲଢେଇ କରିବ ବୋଲି ସଭାପତି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ରତିକାନ୍ତ ପଟ୍ଟନାୟକ, ନାରାୟଣ ଓଝା, ଉମାକାନ୍ତ ଜେନା, ସମ୍ପାଦକ ବିରଞ୍ଚି ନାରାୟଣ କର, ଉପସଭାପତି ପ୍ରଦୀପ ପରିଜା, ସାହସମ୍ପାଦକ ବିନୟ କୁମାର ଦାଶ, ଇଂ ସନ୍ତୋଷ କୁମାର ସ୍ୱାଇଁ, ସଂଗଠନ ସମ୍ପାଦକ ଚିତ୍ତରଞ୍ଜନ ମୁଦୁଲି, ସେକ ରହିମ ଉଦ୍ଦିନ, ଦୀପକ କୁମାର ଷଡଙ୍ଗୀ, ସରୋଜ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଦୃଢନିନ୍ଦା କରିଥିଲେ ।

## ଗାଁର ସଂହତି ଆଗରେ ମୁଣ୍ଡ ନୁଆଇଁଲା ପ୍ରଶାସନ

## ବାଘବୁଦା (ନୁଆସାହି) ଗାଁର ସମିତି ଘର ଉଚ୍ଛେଦ ମାସେ ପାଇଁ ସ୍ଥଗିତ

ରାଜକନିକା ,(ସବ୍ୟୁ) : ଗାଁ ର ସଂହତି ଆଗରେ ମୁଣ୍ଡ ନୁଆଇଁଲା ପ୍ରଶାସନ । ଉଚ୍ଛେଦ ପାଇଁ ପ୍ରଶାସନର ସବୁ ପ୍ରସ୍ତୁତି ସରିଥିଲେ ବି ଗାଁ ଲୋକଙ୍କ ମେଳି ଆଗରେ ଫିକା ସାବ୍ୟସ୍ତ ହୋଇଥିଲା ସବୁ ଆଦବକାଇଦା । ଶାନ୍ତିପୂର୍ଣ୍ଣ ଭାବରେ ଆଜି ସକାଳ ୮ ଟାରୁ ନୁଆସାହି ଗାଁର ସବୁ ପରିବାରର ମହିଳା, ପୁରୁଷ ପିଲାଛୁଆ ଧରି ପ୍ରଶାସନର ଉଚ୍ଛେଦ ହେବାକୁ ନୋଟିସ ମିଳିଥିବା ସମିତି ଘର ସମ୍ମୁଖରେ ପାଲ ପକାଇ ବସି ରହି ଗାଁ ର ଏହି ସାଂସ୍କୃତିକ କେନ୍ଦ୍ରକୁ ଉଚ୍ଛେଦ ନ କରିବା ଦାବିରେ ନାରାବାଜି କରିଥିଲେ ।

ଦୀର୍ଘ ୩ ଘଣ୍ଟା ଧରି ଶତାଧିକ ଗ୍ରାମବାସୀ ନାରାବାଜି କରି ଘଟଣାସ୍ଥଳରେ ବସି ରହିଥିବା ବେଳେ ପୂର୍ବାହ୍ନ ୧୧ ଟା ବେଳେ କନିକା ତହସିଲଦାର ପହଞ୍ଚି ଏହି ଘର ଯେହେତୁ ଏହା ସରକାରୀ ଜାଗାରେ ଅଛି, ନୋଟିସ ମୁତାବକ ଉଚ୍ଛେଦ ହେବା ପାଇଁ ଆଲୋଚନାଁ କରିବାରୁ ତହସିଲଦାର ଙ୍କୁ ପ୍ରବଳ ବିରୋଧ ହୋଇଥିଲା । କନିକା ତହସିଲର ସବୁ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ହୋଇ ନ ଥିବା ବେଳେ କଣ ପାଇଁ ଗାଁ ର ଏକ ସମିତି ଘର ଯେଉଁଠି, ଭାଗବତ ଟୁଙ୍ଗି ହେବା, କୀର୍ତ୍ତନ ଦୋଳଉତ୍ସବ ଆଦି ପାଳନ ହୋଇ ଆସୁଛି, ତାକୁ ଉଚ୍ଛେଦ କରାଯିବ ବୋଲି ପ୍ରଶ୍ନ ଆଣିଥିଲେ ।

ପୁନଶ୍ଚ ଗାଁ ଲୋକଙ୍କ ସହ ଆଲୋଚନା ନ କରି ସାମୂହିକ କାର୍ଯ୍ୟ ହେଉଥିବା ଏହି ସମିତି ଘରକୁ ଉଚ୍ଛେଦ ପାଇଁ ପ୍ରଶାସନ ବେଶୀ ଆଗ୍ରହ ଦେଖାଉଥିବାରୁ ଘଟଣାସ୍ଥଳରେ ତହସିଲଦାର ବହୁ ପ୍ରଶ୍ନବାଣର ସମ୍ମୁଖୀନ ହୋଇଥିଲେ । ଏକ ଘଣ୍ଟାରୁ ଉର୍ଦ୍ଧ୍ୱର୍ ସମୟ ଧରି ଆଲୋଚନା ଚାଲିଥିବା ବେଳେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡ଼ଃ ଦେବସ୍ମିତା ଶର୍ମା ପହଞ୍ଚି ଯେହେତୁ ଏହା ଏକ ସମ୍ବେଦନଶୀଳ ଘଟଣା ଆଉ ମାସେ ସମୟ ଦାବୀ କରିଥିଲେ । ସମିତିଘର ଉଚ୍ଛେଦ କରିବାକୁ ଯାଇଥିବା ପ୍ରଶାସନ ଶେଷରେ ନିଜ ଆଡୁ ଓହରି ଆସିବା ଦ୍ୱାରା ଗାଁ ରେ ଖୁସି ଖେଳାଇ ଦେଇଛି । ଅନ୍ୟପକ୍ଷରେ ଏହି ମାମଲାରେ ସମିତିଘରର ସୁରକ୍ଷା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମାମଲା ଦାଏର ହୋଇଥିବାରୁ ଏହି ମାମଲା ଏବେ ରୋଚକ ମୋଡ଼ରେ ପହଁଚିଛି ।

## ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ଅଭିଯୋଗ

ବରୀ, (ସବ୍ୟୁ ): ଆଇନ କୁ ଆଉ ନାହିଁ ଡର, କଥା କଥା ରେ ବାନ୍ଧୁଛନ୍ତି ଆଉ ପିଟୁଛନ୍ତି । ଏଭଳି ଘଟଣା ସହର ମାନଙ୍କରେ ଘଟୁଥିବା ବେଳେ ଏବେ ଗାଁ ଗାଁରେ ଦେଖିବାକୁ ମିଳିଲାଣି । ଏଭଳି ଘଟଣା ଘଟିଛି ବରୀ ଥାନା ଅନ୍ତର୍ଗତ ବାଇଁଶିରିଆ ଫଂଚାୟତ ତଳପାଟଣା ଗ୍ରାମରେ । ଯାହାକୁ ନେଇ ବରୀ ଥାନାରେ ଅଭିଯୋଗ ହୋଇଛି । ବରୀ ବାଇଁସିରିଆ ଅଞ୍ଚଳର ଅଭିଜି ମଲିକ ଓ ତାଙ୍କ ସାଙ୍ଗ ବିଶ୍ୱଜି ଦାସ ତଳପାଟଣା ରାସ୍ତା ଦେଇ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ଚନ୍ଦ୍ରକାନ୍ତ ନାୟକ ଓରଫ ବୁବୁନା ଓ ତା ସାଥୀ ମାନେ ମିଶି ଦୁଇ ଜଣକୁ ଟାଣି ନେଇ ଏକ ଖୁଣ୍ଟରେ ବାନ୍ଧି ନିର୍ଦ୍ଦୟ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ପରେ ଅଭିଜି ବନ୍ଧା ହୋଇ ମାଡ ଖାଉଥିବା ଖବର ପାଇ ତାଙ୍କ ଭଉଣୀ, ବାପା ଓ ମା ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ସେଥିରୁ ବାଦ ପଡ଼ି ନ ଥିଲେ ଭଉଣି ଓ ବାପା ମା , ସେମାନେ ବି ମାଡ ଖାଇଥିଲେ । ଏପରିକି ଭଉଣି କୁ ମାଡ ମାରି ଡ୍ରେସ ଚିରି ଦେଇଥିବା ମଧ୍ୟ ଅଭିଯୋଗ ରେ ଦର୍ଶା ଯାଇଛି । ପରେ ବନ୍ଧା ହୋଇଥିବା ଭାଇ ଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସା କରିବା ସହିତ ଭଉଣୀ ସ୍ମୃତିରେଖା ବରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅପର ପକ୍ଷରେ ଅଭିଯୋଗ ପରେ ଚନ୍ଦ୍ରକାନ୍ତ ନାୟକ ଓରଫ ବୁବୁନା ଦଳ ବଳ ନେଇ ଆହତ ଯୁବକଙ୍କ ଘରେ ପହଞ୍ଚି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ତୁରନ୍ତ କେଶ ଉଠାଇବାକୁ ଧମକ ଚମକ ଦେଇଥିବା ମା ପୁଷ୍ପଲତା ମଧ୍ୟ ଏକ ଅଭିଯୋଗ କରିଛନ୍ତି । ବରୀ ପୋଲିସ ଦୁଇଟି ଅଭିଯୋଗ କୁ ଭିତ୍ତି କରି ୧୮୪/୨୦୨୬ ଓ ୧୮୫/୨୦୨୬ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ପରିବାର ଲୋକେ ଯାଜପୁର ଜିଲ୍ଲା ଏସପି ଙ୍କୁ ଭେଟିବେ ବୋଲି କହିଛନ୍ତି । ଅପରପକ୍ଷରେ ବୁବୁନା ଙ୍କ ପ୍ରତିକ୍ରିୟା ନେବାକୁ ଚାହିଁ ଥିବା ବେଳେ ସେ କ୍ୟାମେରା ସାମ୍ନାକୁ ଆସିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି ।

## ସିଦ୍ଧଳ ରଥଯାତ୍ରା ୨୦୨୬ ନିମନ୍ତେ ପ୍ରସ୍ତୁତି ବୈଠକ

ଜଗତସିଂହପୁର, (ସବ୍ୟୁ) : ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ବିଜେ ସିଦ୍ଧଳଠାରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ କହିଲେ, ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳା ଏବଂ ଉତ୍ସାହ ର ସହ ପାଳନ କରାଯିବ । ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ କାର୍ଯ୍ୟର ତଦାରଖ ନିମନ୍ତେ ରଥଯାତ୍ରାର ସ୍ଥାନ କୁ ଯାଇ ସେଠାରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପୂର୍ବକ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ରଥଯାତ୍ରା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ମନ୍ଦିର ପରିଚାଳନା କମିଟି ଓ ବନାଞ୍ଚଳ ଅଧିକାରୀ ଦୃଷ୍ଟି ଦେବେ । ବନାଞ୍ଚଳ ଅଧିକାରୀ ରଥ ନିର୍ମାଣ ପାଇଁ କାଠ ଯୋଗାଇବେ । ମନ୍ଦିର ପୁଷ୍କରିଣୀ ର ଚତୁଃପାର୍ଶ୍ୱ ସଫା ଓ ପୁଷ୍କରିଣୀର ସୌନ୍ଦର୍ଯ୍ୟ କରଣ ପାଇଁ ଜିଲ୍ଲାପାଳ ଉପ ଜିଲ୍ଲାପାଳ ଓ ବିଡିଓ ଙ୍କୁ ଦାୟିତ୍ୱ ଦେଇଥିଲେ ।

# ବିନା ସୂଚନା ଫଳକରେ ଚାଲିଛି ସେତୁ ନିର୍ମାଣ, ସ୍ଥାୟିତ୍ୱ ନେଇ ସନ୍ଦେହ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଅଧିନରେ ନିର୍ମାଣାଧିନ ଏକ ସେତୁ ବିନା ସୂଚନା ଫଳକରେ କରାଯାଉଥିବାର ଅଭିଯୋଗ ହୋଇଛି । ଏହି ସେତୁ ନିର୍ମାଣ ଠିକାଦାରଙ୍କ ମର୍ଜିରେ ଓ ମନ୍ଥର ଗତିରେ ଚାଲିଥିବାର ଅଭିଯୋଗ ହୋଇଛି । ନିମ୍ନମାନର କାର୍ଯ୍ୟ ହେତୁ ଏହି ସେତୁର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳଦେଇ ୧୯ନମ୍ବର ଡ୍ରେନେଜ କଟଯାଇଛି । ବର୍ଷାଦିନେ ଏହି ଡ୍ରେନେଜକଟ ଦେଇ ବର୍ଷା ଓ ଉଦବୃତ୍ତ ଜଳ ନିଷ୍କାସନ ହୋଇଥାଏ । ଏହି ଡ୍ରେନେଜକଟର କେଂଟାଲୋ ଗ୍ରାମଫଂଚାୟତ ମାଳିଆଛକ ନିକଟରେ ଥିବା ବାଲିଗିରି ଠାରେ ଏକ ସଂଯୋଗୀକରଣ ସେତୁ ବ୍ରିଟିଶ ଅମଳରେ ନିର୍ମାଣ କରାଯାଇଥିଲା ।

ଏହି ସେତୁ ଉପରେ ସ୍ଥାନୀୟ ଅସୁରେଶ୍ୱର, ସୁକରପଡା, କେଂଟାଲୋ ,କଟରପଡା ପ୍ରଭୃତି ବହୁ ଫଂଚାୟତର ଶହ ଶହ ଲୋକ ଗମନା ଗମନ ନିମନ୍ତେ ନିର୍ଭର କରିଥାନ୍ତି । ମଲ୍ଲିପୁରସ୍ଥିତ ପ୍ରସିଦ୍ଧ ଅସୁରେଶ୍ୱରର ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିରକୁ ଏହି ସେତୁ ଦେଇ ଦୈନନ୍ଦିନ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଭକ୍ତ ଦର୍ଶନ ନିମନ୍ତେ ଆସିଥାନ୍ତି । ଏହି ବ୍ରିଟିଶ ଅମଳର ସେତୁକୁ ଭାଙ୍ଗି ନୂତନ ସେତୁ ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁର କରାଯାଇଥିଲା । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ତେବେ ଏହି ସେତୁ ନିର୍ମାଣ ନିମନ୍ତେ କେତେଟଙ୍କା ମଞ୍ଜୁର ହୋଇଛି ସେସମ୍ପର୍କରେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଠିକାଦାର ମନମୁଖି ଭାବେ ନିଜ ମର୍ଜିରେ ଏହି ସେତୁ ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି । ସେତୁ ନିର୍ମାଣ ଅଟକଳ ଅନୁଯାଇ କରାଯାଉନଥିବାର ଅଭିଯୋଗ ହୋଇଛି ।

ସେତୁ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି । ଫଳରେ ସେତୁର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଅପରପକ୍ଷରେ ଠିକାଦାର ମନମୁଖି ଭାବେ ନିର୍ମାଣ କାର୍ଯ୍ୟ କରୁଥିଲା ବେଳେ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଗ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି । ତେବେ ଏହି ସେତୁ ଦୀର୍ଘ ୪ମାସ ହେଲା ମନ୍ଥର ଗତିରେ ଚାଲୁଥିବା କାରଣରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ବର୍ଷାଋତୁ ପୂର୍ବରୁ ଏହି ସେତୁ ନିର୍ମାଣ ପୂର୍ଣ୍ଣାଙ୍ଗ କରାନଗଲେ ସ୍ଥାନୀୟ ଅଂଚଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିବ ବୋଲି ସାଧାରଣରେ କୁହାଯାଉଛି । ଯୁଦ୍ଧକାଳୀନ ଭିତିରେ ଏହି ସେତୁ ନିର୍ମାଣ କରାଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି ।

## ସ୍ୱାଧୀନତାର ୭୭ ବର୍ଷ ପରେ ବି ସମାଧାନ ହେଉନି ପାନୀୟ ଜଳ ସମସ୍ୟା

କେନ୍ଦ୍ରାପଡା ,(ସବ୍ୟୁ) :ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ସମାଧାନ ହେଇପାରୁନାହିଁ ଜିଲ୍ଲାରେ ପାନୀୟ ଜଳ ସମସ୍ୟା । କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ପାନୀୟ ଜଳ ଲୋକଙ୍କ ପାଖରେ ଘରେ ଘରେ ପହଁଚାଇବା ପାଇଁ ବିଭିନ୍ନ ଯୋଜନା ହେଉଥିବାବେଳେ ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ବିଭିନ୍ନ ଫଚାୟତରେ ପାନୀୟଜଳ ଲୋକଙ୍କ ଘରେ ପହଁଚିପାରିନାହିଁ । ଏବେ ମଧ୍ୟ ଦୁଇ କିଲୋମିଟର ଓ ପାଂଚ କିଲୋମିଟର ପର୍ଯ୍ୟନ୍ତ ଘରୁ ଯାଇ ପିଇବା ପାଇଁ ଲୋକେ ନେଇ ଆସୁଛନ୍ତି । ଏ ନେଇ ଦୈନିକ ଜିଲ୍ଲାପାଳଙ୍କ ନିକଟରେ ପାନୀୟ ଜଳ ପାଇଁ ଅଭିଯୋଗ ହେଉଛି । ଏହିଭଳି ଏକ ଅଭିଯୋଗ ଆସିଛି କେନ୍ଦ୍ରାପଡା ଜିଲ୍ଲା ଚାନ୍ଦି ବାଉଁଶମୂଳ ଫଚାୟତ କଲୋନୀରେ ଲୋକ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଗ୍ରାମରେ ୩ ଶହରୁ ଉର୍ଦ୍ଧ୍ୱର୍ ଲୋକ ବସବାସ କରୁଥିବାବେଳେ ମାତ୍ର ଗୋଟିଏ ଟ୍ୟୁବେଓ୍ୱେଲ୍ ଏଠାରେ ରହିଛି । ଗୋଟିଏ ଟ୍ୟୁବ୍‌ଓ୍ୱେଲ୍ ଥିବାରୁ ଗ୍ରାମବାସୀମାନେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ଲାଇନ୍‌ରେ ରହି ପାନୀୟ ଜଳ ସଂଗ୍ରହ କରୁଛନ୍ତି । ଏ ନେଇ ଦୀର୍ଘଦିନ ହେଲା ଗ୍ରାମୀଣ ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଆଉ ଦୁଇଗୋଟି ଟ୍ୟୁବ୍‌ୱେଲ୍ ଠାକୁରାଣୀଙ୍କ ନିକଟରେ ବସାଇବା ପାଇଁ ଗ୍ରାମର ପ୍ରମୋଦ କୁମାର ପରିଡା, ଜନକର ରାଉତ, ବାସୁଦେବ ରାଉତ, ମନୋରଞ୍ଜନ ରାଉତ, ଶ୍ରୀକାନ୍ତ ଖଟୁଆ, ପ୍ରଫୁଲ୍ଲ ପାତ୍ର, ସୁଧାକର ପାତ୍ର ପ୍ରମୁଖ ଦାବି କରିଛନ୍ତି ।

# ଟାଟା ଷ୍ଟିଲ୍ ପକ୍ଷରୁ ଚାରାରୋପଣ

ବ୍ୟାସନଗର,(ଜିପ୍ର): ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଅବସରରେ ଶୁକ୍ରବାରଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏହାର କାରଖାନା ପରିସରର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପରିବେଶର ସୁରକ୍ଷା ଏବଂ ସବୁଜିମା ବୃଦ୍ଧି କରିବା ପାଇଁ କମ୍ପାନୀର ଏହି ନିରନ୍ତର ପ୍ରୟାସ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଅବସରରେ କମ୍ପାନୀ କର୍ମଚାରୀ ଏବଂ ଠିକା କର୍ମଚାରୀମାନଙ୍କ ସମେତ ୨୦୦ରୁ ଅଧିକ ଲୋକ ଉତ୍ସାହର ସହ ସ୍ୱେଚ୍ଛାକୃତ ଭାବେ ଏଥିରେ ସାମିଲ ହୋଇ ବିଭିନ୍ନ ପ୍ରଜାତିର ୫୦୦ରୁ ଅଧିକ ଦେଶୀ କିସମର ଚାରା ରୋପଣ କରିଥିଲେ ।

ଟାଟାଷ୍ଟିଲ୍ କଳିଙ୍ଗନଗରର ପରିବେଶ ବିଭାଗ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଂଚଳର ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖିବା ସହ ଜୈବ ବିବିଧତାକୁ ବୃଦ୍ଧି କରିବା ପାଇଁ କମ୍ପାନୀ ଯେଉଁ ବଡ଼ ଯୋଜନା କରିଛି। ଏହା ସେହି ଯୋଜନାର ଏକ ଅଂଶ ଅଟେ । ନିଜର କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କୁ ଏଥିରେ ସାମିଲ କରି ଟାଟା ଷ୍ଟିଲ୍ କଳିଙ୍ଗନଗର ଏକ ଦୀର୍ଘସ୍ଥାୟୀ ପରିବେଶ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ଶିଳ୍ପ ଅଭିବୃଦ୍ଧି ଏବଂ ପ୍ରକୃତି ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପ୍ରକ୍ରିୟାକୁ ଜାରି ରଖିଛି ।



# ବିକଶିତ ଭାରତ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବାଲିପାଟଣା ,(ସବ୍ୟୁ): ଆଜିର ଛାତ୍ର ଆଗାମୀ ୨୦୪୭ ମସିହା ରେ ବିକଶିତ ଭାରତ ଗଠନରେ ମୁଖ୍ୟ ଭୂମିକା ଗୁରୁତ୍ୱ ପୂର୍ଣ୍ଣ । ଏଣୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ ପାଇଁ ସେମାନେ ନିଜକୁ ପ୍ରସ୍ତୁତ କରିବାକୁ ହେବ ବୋଲି ଶୁକ୍ରବାର ଦିନ ବାଲିପାଟଣା ଠାରେ ଆୟୋଜିତ କୃତି ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ ପ୍ରଭାତ କୁମାର ରଥଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ , ସ୍ୱତନ୍ତ୍ର ଅତିଥି ସାରଦା ପ୍ରସାଦ ଶତପଥୀ ଶିକ୍ଷାକୁ ବର୍ତ୍ତମାନର ସରକାର ସବୁଠାରୁ ଅଧିକ ଗୁରୁତ୍ୱ ଦେଉଥିବାରୁ ଏହି ସୁଯୋଗକୁ ସଠିକ ଉପଯୋଗ କରିବା ଆବଶ୍ୟକ ବୋଲିକହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା,ଶିକ୍ଷକ ନେତା ବିଜୟ କୁମାର ବେହେରା, ପ୍ରଭାକର ମଲ୍ଲିକ,ଦୀନକୃଷ୍ଣ ସାହୁ,ଶରତ ଚନ୍ଦ୍ର ଆଚାର୍ଯ୍ୟ, ପ୍ରଧାନଶିକ୍ଷୟିତ୍ରୀ ସୁଷମା ରାଣୀ ମହାପାତ୍ର,ସତ୍ୟଭାମା ଦାଶ, ଏ ବି ଇ ଓ ବିଜୟ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରରେ ପ୍ରଥମ ହୋଇଥିବା ଅଂଶୁମାନ ଦାସଙ୍କ ସମେତ ଏ ୱାନ ପାଇଥିବା ସମସ୍ତ ୮ ଜଣ, ଏ ଟୁ ରେ ଉତିନ୍ନ ୫୪ ଜଣ ଓ ତୃତୀୟ,ପଞ୍ଚମ ରେ ବୃତ୍ତି ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏ ବି ଇ ଓ ଯଶୋଦା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ର ଛାତ୍ରୀ,ଅଭିଭାବକ,ଶିକ୍ଷକ ଶିକ୍ଷୟିତ୍ରୀ,ସି ଆର୍ ସି ସି ଓ ସାମ୍ବାଦିକ ମାନେ ଯୋଗ ଦେଇଥିଲେ। ମମିତା ଦଳାଇ , ରମାରଞ୍ଜନ ଦାସ , ଝୁନି ଦେଇ , ରୋଜାଲିନ ସାହୁ , ସକ୍ଷମା ବେହେରା , ଓ ଦିପ୍ତିରେଖା ଓଝା କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ।

# ପୋଖରୀରୁ ଦିନ ମଜୁରିଆଙ୍କ ଶବ ଉଦ୍ଧାର: ୨ଶିଶୁ କନ୍ୟା ଅନାଥ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୁ ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ସ୍ଥାନୀୟ ଲଳିତା ପୋଖରୀରୁ ଜଣେ ଦିନ ମଜୁରିଆଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଉଛନ୍ତି ଗୋପୀନାଥପୁର ଗ୍ରାମର ରତ୍ନାକର ବାରିକ (୪୦)।ମିଳିଥିବା ସୂଚନା ମୁତାବକ, ରତ୍ନାକର ଗୁରୁବାରଦିନ ଦିନମଜୁରିଆ ଭାବେ କାମ କରିବାକୁ ଯାଇଥିଲେ। ରାତିରେ ସେ ଘରକୁ ଫେରିବା ପରେ ଗାଧୋଇବା ପାଇଁ ଗାଁ ନିକଟସ୍ଥ ଲଳିତା ପୋଖରୀକୁ ଯାଇଥିଲେ। ତେବେ କୌଣସି କାରଣବଶତଃ ପୋଖରୀ ତୁଠରେ ଭାରସାମ୍ୟ ହରାଇ ସେ ଗଭୀର ପାଣିରେ ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ସକାଳୁ ପୋଖରୀରେ ତାଙ୍କ ଶବ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ନିରାକାରପୁର ପୋଲିସ ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ।ଖବର ପାଇ ନିରାକାରପୁର ପୋଲିସ ଏବଂ ଟାଙ୍ଗୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପାଣିରୁ ଉଦ୍ଧାର କରିଥିଲେ। ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।ପ୍ରକାଶଥାଉ କି, ପ୍ରାୟ ବର୍ଷେରୁ ଅଧିକ ସମୟ ହେବ ରତ୍ନାକରଙ୍କ ପତ୍ନୀଙ୍କର ପରଲୋକ ଘଟିଥିଲା। ପତ୍ନୀଙ୍କ ବିୟୋଗ ପରେ ସେ ନିଜର ଦୁଇଟି ଝିଅଙ୍କୁ ଅତି କଷ୍ଟରେ ଦିନ ମଜୁରି କରି ପାଳୁଥିଲେ। ଫଳରେ ରତ୍ନାକରଙ୍କ ଆକସ୍ମିକ ମୃତ୍ୟୁ ପରେ ଦୁଇ ନିଷ୍ପାପ ଶିଶୁ କନ୍ୟା ସମ୍ପୂର୍ଣ୍ଣ ଅନାଥ ହୋଇପଡ଼ିଛନ୍ତି।

# ପୋଲିସର ମିଳିତ ଚଢ଼ାଉ: ୩୮ ହାଇୱା, ଗୋଟିଏ ଜେସିବି ଜବତ

ବାରଙ୍ଗ ,(ସବ୍ୟୁ): ରାଜଧାନୀ ଉପକଣ୍ଠ ନନ୍ଦନକାନନ ଓ ବାରଙ୍ଗ ଅଞ୍ଚଳରେ ମାତିଛନ୍ତି ବାଲି ମାଫିଆ । ଆଉ ବାଲି ଚୋରା ଚାଲାଣ କରିବା ସମୟରେ ରାଜଧାନୀରେ ଦ୍ରୁତବେଗରେ ଯାଉଥିବା ବାଲି ବୋଝେଇ ହାଇୱା ଧକ୍କା ଦେବା ଫଳରେ ଗୋଟିଏ ସପ୍ତାହ ଭିତରେ ଚାଲିଯାଇଥିଲା ୬ ଜଣଙ୍କ ଜୀବନ । ରାଜଧାନୀରେ କମିଶନରେଟ ପୁଲିସର ବେଖାତିର କରି ବାଲି ମାଲିଆମାନେ ଚଳାଇଥିଲେ ଆତଙ୍କରାଜ । ଟେଣ୍ଡର ନ ଆଣି ବେଆଇନ ଭାବେ ଗତ କିଛି ଦିନ ହେବ ବାଲି ମାଫିଆମାନେ ଚୋରା ବାଲି ଚାଲାଣ କରୁଥିଲେ । ଏନେଇ ଜୋନ-୫ ଏସିପି ମାନସ ପ୍ରଧାନଙ୍କ ନେତୃତ୍ୱରେ ଚନ୍ଦକା ଥାନା ଅଧିକାରୀ ସମିତା ମିଶ୍ର ଓ ନନ୍ଦନକାନନ ଥାନା ଅଧିକାରୀ ବିଭୂ ମୁଦୁଲି ମିଳିତ ଭାବେ ଗୁରୁବାର ବିଳମ୍ବିତ ରାତିରେ ଆରମ୍ଭ କରିଥିଲେ ଅପରେସନ ବାଲି ମାଫିଆ'' ।। ଦୁଇ ଥାନା ଅଧିକାରୀ ବିଳମ୍ବିତ ରାତିରେ ବାଲି ଘାଟରେ ଚଢ଼ାଉ କରିଥିଲେ । ପୁଲିସକୁ ଦେଖି ବାଲି ମାଫିଆ ଓ ହାଇୱା ଡ୍ରାଇଭରମାନେ ଛତ୍ରଭଙ୍ଗ ଦେଇଥିଲେ । ପରେ ପୁଲିସ ଘଟଣା ସ୍ଥଳରେ ଥିବା ୩୮ଟି ହାଇୱା ଓ ଗୋଟିଏ ଜେସିବିକୁ ଜବତ କରିଥିଲା । ସବୁ ଗାଡିକୁ ପୁଲିସ ଥାନାକୁ ଆଣି ଜବତ କରିଛି । ଫେରାର ଥିବା ଗାଡି ମାଲିକ ଓ ଡ୍ରାଇଭରଙ୍କୁ ଧରିବାକୁ ପୁଲିସ ଚାଉକୁ ଜୋରଦାର କରିଛି । ଏନେଇ ଚନ୍ଦକା ଥାନା ଅଧିକାରୀ କହିଛନ୍ତି ଯେ, ବେଆଇନ ଭାବେ ବାଲି ଚାଲାଣ କରୁଥିବା ମାଫିଆଙ୍କୁ ଛଡାଯିବ ନାହିଁ । ମୋରମ ଓ ବାଲି ମାଫିଆଙ୍କ ଆମେ କଡା ନଜର ରଖିଛୁ । ଜବତ ହୋଇଥିବା ହାଇୱାର ଡ୍ରାଇର ଗାଡି ଡ୍ରାଇଭରମାନେ ଥାନାକୁ ଆସିଲେ ଆମେ ୪୧ ନୋଟିସ ଦେଇ ଛାଡି ଦେବୁ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ସରକାରୀ ଜଳାଶୟ ଜବରଦଖଲ :ତହସିଲ ଆଗରେ ଗଣଧାରଣା



କାକଟପୁର (ସବ୍ୟୁ): କାକଟପୁର ତହସିଲ ଅନ୍ତର୍ଗତ ଓଥକା ଗ୍ରାମପଞ୍ଚାୟତର ଅନନ୍ତପୁର ମୌଜାରେ ଥିବା ସରକାରୀ ସମ୍ପତ୍ତିର ସୁରକ୍ଷାକୁ ନେଇ ପ୍ରଶାସନର ଚରମ ଅବହେଳା ବିରୋଧରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଗ୍ରାମର ଖାତା ନଂ- ୧୦୪, ପ୍ଲଟ ନଂ- ୧୬୨, ୧୬୩ ଏବଂ ୧୬୪ରେ ଥିବା ପ୍ରାୟ ୧ ଏକର ୮୨ ଡିସିମିଲ ପରିମିତ ସରକାରୀ ପଞ୍ଚାୟତ ପୋଖରୀ ଓ ଜଳାଶୟ କିସମର ଜମିକୁ ସେହି ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରି ନିଜ ଅକ୍ତିଆରରେ ରଖିଛନ୍ତି। ଏହି ବେଆଇନ ଜବରଦଖଲ ସମ୍ପର୍କରେ ଗ୍ରାମବାସୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା।ପରବର୍ତ୍ତୀ ସମୟରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ପ୍ରକୋଷ୍ଠରେ ଏକ ଗୁହାରି ପତ୍ର ଦାଖଲ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ରାଜସ୍ୱ ପ୍ରଶାସନ (ଆର.ଆଇ.) ଘଟଣାସ୍ଥଳକୁ ଯାଇ ଜମିର ସୀମାନିର୍ଦ୍ଧାରଣ କରିବା ସହ ଜବରଦଖଲକୁ ଚିହ୍ନଟ କରିଥିଲେ। ମାତ୍ର ଜମି ଚିହ୍ନଟ ହେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନଥିଲା। ଏପରିକି ଏ ସମ୍ପର୍କରେ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଚୁପ ରହିଥିଲା। ପ୍ରଶାସନର ଏଭଳି ଟାଳଟୁଳ ନୀତି ବିରୋଧରେ ଆଜି ଅନନ୍ତପୁର ଗ୍ରାମବାସୀ କାକଟପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଗଣଧାରଣାରେ ବସିଥିଲେ। ଗ୍ରାମବାସୀଙ୍କ ଏହି ଆନ୍ଦୋଳନ ସ୍ଥଳରେ କାକଟପୁର ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ର ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ପନ୍ଦର ଦିନ ମଧ୍ୟରେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜବର ଦଖଲକୁ ଉଚ୍ଛେଦ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ ରହିଛି। ଜଳାଶୟଟି ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ନହେବା ପର୍ଯ୍ୟନ୍ତ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ନରେନ୍ଦ୍ର କୁମାର ପାଇଟାଳ,ସମାଜସେବୀ ବିପିନି ବିହାରୀ ମହାନ୍ତି,ଧନେଶ୍ୱର କାଣ୍ଡି, ବଂଶୀଧର କାଣ୍ଡି, ଧୋବା କାଣ୍ଡି, ଲିଙ୍ଗରାଜ ପାଇଟାଳ , ପୂର୍ଣ୍ଣଚନ୍ଦ୍ର କାଣ୍ଡି, ଭରତ କାଣ୍ଡି,ସୌଦାମିନୀ କାଣ୍ଡି ,ସୂପନ ଦାସ ପ୍ରମୁଖ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବଙ୍ଗୀୟ ମହିଳାଙ୍କ ଆତ୍ମହତ୍ୟା

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ସାମନ୍ତରା ପୁର ସାହି ସ୍ଥିତ ବଙ୍ଗୀୟ ବସ୍ତିରେ ରହୁଥିବା ଜଣେ ମହିଳା ଶୁକ୍ରବାର ସକାଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ଚନ୍ଦ୍ର ସରକାର (୩୦)।ଗତ ଦୁଇ ମାସ ପୂର୍ବେ ଚନ୍ଦ୍ରଙ୍କ ପୁଅ ପୋଖରୀରେ ବୁଡି ମୃତ୍ୟୁ ଘଟିଥିଲା। ଉକ୍ତ ଦିନ ଠାରୁ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ । ତେବେ ଶୁକ୍ରବାର ସକାଳେ ସ୍ୱାମୀ ମାଛ ମାରିବା ପାଇଁ ଚିଲିକାକୁ ଯାଇଥିବା ବେଳେ ସେ ଘରେ ବେକରେ ରଶି ଲଗାଇ ଝୁଲିପଡ଼ିଥିଲେ। ସାହି ପଡୋଶୀ ଜାଣିବା ପରେ ତୁରନ୍ତ ତାଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନା ନେଇଥିଲେ ।ହେଲେ ସେଠାରେ ଡାକ୍ତର ଚନ୍ଦ୍ରଙ୍କୁ ମୃତ୍ୟୁ ଘାଷଣା କରିଥିଲେ। ଖବର ପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଛେଦ ନିମନ୍ତେ ପଠାଇବା ସହ ଏ ସଂକ୍ରାନ୍ତରେ ୧୦/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

# ବୃଦ୍ଧାଶ୍ରମରେ ଯୁବନେତାଙ୍କ ଜନ୍ମଦିନ ପାଳନ

କୁହୁଡ଼ି, (ସବ୍ୟୁ) : ବୃଦ୍ଧାଶ୍ରମରେ ଜନ୍ମଦିନ ପାଳନ କରିବା ଏକ ନିଆରା ଅନୁଭୂତି । ଘର ପରିବାର ଓ ଜ୍ଞାତି-କୁଟୁମ୍ବଠାରୁ ଅଲୋ ହୋଇ ଅପରାହ୍ନ ବୟସରେ ଯେଉଁ ଅସହାୟ ବୃଦ୍ଧ-ବୃଦ୍ଧାମାନେ ନିଜର ଠିକଣା ବୃଦ୍ଧାଶ୍ରମ କରିଥାନ୍ତି ଏବଂ ହସ-ଖୁସି ଭୁଲି ଭଗବାନଙ୍କ ନିକଟରେ ନିଜକୁ ସମର୍ପିତ ହୋଇଥାନ୍ତି ସେମାନଙ୍କ ପାଖରେ ମଉଜ-ମଜଲିସ କରିବା ଓ ସେମାନଙ୍କ ମୁହଁରେ ଖୁସିବ୍ୟକ୍ତ କରାଇ ସେମାନଙ୍କ ନିକଟରେ କିଛି ସମୟ ବିତାଇବା ହେଉଛି ଜଣେ ପ୍ରକୃତ ମଣିଷର ପରିଚୟ । ସେଥିପାଇଁ ମୁଁ ମୋର ଏହି ଜନ୍ମ ଦିନକୁ କୌଣସି ସାଙ୍ଗ-ସାଥିଙ୍କୁ ନେଇ କେଉଁ କ୍ଲବ କିମ୍ବା ହୋଟେଲରେ ପାଳନ ନକରି ସେହି ସାଙ୍ଗ ଓ ବନ୍ଧୁ ପରିଜନ ମାନଙ୍କୁ ନେଇ ବୃଦ୍ଧାଶ୍ରମରେ ମୋର ଜନ୍ମଦିନ ପାଳନ କରିଛି ବୋଲି ଟାଙ୍ଗୀ ଅଞ୍ଚଳର ଯୁବ ସଂଗଠକ ତଥା ଜଣେ ସମାଜସେବୀ ଓ ଯୁବନେତା ସୁଧାଂଶୁ କୁମାର ରଣସିଂହ କହିଛନ୍ତି । ଜନ୍ମଦିନ ପାଳନ ବେଳେ ବୃଦ୍ଧାଶ୍ରମର ସମସ୍ତ ବୃଦ୍ଧାମାନେ ଏହି ଦମ୍ପତି ସୁଧାଂଶୁ କୁମାର ରଣସିଂହ ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ରଣସିଂହଙ୍କୁ କୋଟି-କୋଟି ଆଶୀର୍ବାଦ ଦେଇଥିଲେ

# ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶିତ

## ସ୍ନାତକୋତ୍ତର ଶ୍ରେଣୀରେ ୯୮ ପ୍ରତିଶତ ପାସ




ନୟାଗଡ଼, (ସବ୍ୟୁ): : ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଏବଂ ସ୍ନାତକୋତ୍ତର ଫଳ ପ୍ରକାଶ ପାଇଛି। ଯୁକ୍ତ ୩ କଳାରେ ୮୪, ବିଜ୍ଞାନ ୫୮ ଏବଂ ବାଣିଜ୍ୟ ରେ ୮୦ ପ୍ରତିଶତ ପାସ ହାର ରହିଛି। ସେହିପରି ସ୍ନାତକୋତ୍ତରରେ ୯୮ ପ୍ରତିଶତ ରେଜଲ୍ଟ ହୋଇଥିବା ମହାବିଦ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ ଟାରେ ମହାବିଦ୍ୟାଳୟ ଅଧକ୍ଷଙ୍କ କାର୍ଯ୍ୟାଳୟରେ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଏବଂ କୁଳପତିଙ୍କ ଅନୁମୋଦନରେ ଉକ୍ତ ଫଳ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ପରିଚାଳନା କମିଟି ସଭାପତି ରୋଜିନା ଦାସ ଆନୁଷ୍ଠାନିକ ଭାବେ ଚଳିତ ବର୍ଷର ପରୀକ୍ଷା ଫଳ ପତ୍ରକୁ ଉନ୍ମୋଚନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡଃ. ବିପିନ କୁମାର ପଟ୍ଟନାୟକ, ପରୀକ୍ଷା ନିୟନ୍ତ୍ରକ ବ୍ରଜବନ୍ଧୁ ବେହେରା, ପରୀକ୍ଷା ଉପ ନିୟନ୍ତ୍ରକ ଡଃ ପ୍ରଦୀପ କୁମାର ଆଚାର୍ଯ୍ୟ, ପ୍ରାଧ୍ୟାପକ ଡଃ ଦିଲ୍ଲୀପ ମିଶ୍ର, ଅଶୋକ କୁମାର ସାହୁ, ଗୌରହରି ସାହୁ ଙ୍କ ଉପସ୍ଥିତିରେ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଯୁକ୍ତ ୩ ଉଦ୍ଭିଦ ବିଜ୍ଞାନ ବିଭାଗ ଛାତ୍ରୀ ଚିନ୍ମୟୀ ମିଶ୍ର ୯.୬୪ ସିଜିପିଏ ହାସଲ କରି ବେଷ୍ଟ ଗ୍ରାଜୁଏଟ ହୋଇଛନ୍ତି। ଯୁକ୍ତ ୩ କଳା ଦର୍ଶନ ଶାସ୍ତ୍ର ଛାତ୍ର ରୁଦ୍ର ପ୍ରସାଦ ନାୟକ ୯.୨୧ ସିଜିପିଏ, ଏବଂ ବାଣିଜ୍ୟରେ ବିଶ୍ୱଜିତ ରାଉତ ୮.୯୦ ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସ୍ନାତକୋତ୍ତର ରେ ୯୮ ପ୍ରତିଶତ ରେଜଲ୍ଟ କରି ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ବେସ ସଫଳତା ହାସଲ କରିପାରିଛି। ଏହିଅବସରରେ ଟପ୍ପର ଛାତ୍ର ଛାତ୍ରୀମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଟିଗିରିଆ ପଞ୍ଚାୟତ ସମିତି ବୈଠକ: ବିଜେଡି ପକ୍ଷରୁ ଥାନାରେ ଏତଲା

ଆଠଗଡ଼,(ସବ୍ୟୁ):ଟିଗିରିଆ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ସମିତି ବୈଠକ ଅନୁଷ୍ଠିତ ହୋଇଛି।ଏହି ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିବା ବେଳେ ପୂର୍ବାନୁମାନ ଅନୁଯାୟୀ ଶାସକ ବିଜେପି ଦଳର କର୍ମୀ ତରଫରୁ ବିଧାୟକଙ୍କୁ ପାଞ୍ଚଗାଁ ଛକରେ ଜୋରଦାର ବିରୋଧ ସହ ଗାଡିକୁ ଅଣ୍ଡା ଓ ପାଣି ବୋତଲ ମାଡ଼ କରାଯାଇଥିଲା।ଏହାକୁ ନେଇ ଘଟଣା ସ୍ଥଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା ।ଏହି ଘଟଣାକୁ ନେଇ ବିଜେଡ଼ି ପକ୍ଷରୁ ଟିଗିରିଆ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି। ଶୁକ୍ରବାର ଦିନ ଟିଗିରିଆ ପଞ୍ଚାୟତ ସମିତି କି ବୈଠକରେ ଯୋଗଦେବାକୁ ବିଧାୟକ ରଣେନ୍ଦ୍ର ନିଜ ସମର୍ଥକଙ୍କ ସହ ନୂଆସଡକ ଛକ ଠାରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ କଆସୁଥିବା ବେଳେ ପାଞ୍ଚଗାଁ ହନୁମାନ ମନ୍ଦିର ନିକଟରେ ପୂର୍ବରୁ ପ୍ରସ୍ତୁତ ଥିବା କିଛି ଯୁବକ ନାରାବାଜି କରିବା ସହ ବିଧାୟକଙ୍କ ଗାଡିକୁ ଏକ ବୋତଲ ଓ ଅଣ୍ଡା ମାଡ଼ କରିଥିଲେ। ପରେ ସ୍ଥାନୀୟ ଆଇଆଇସି ରମାକାନ୍ତ ନାୟକ ଙ୍କ ହସ୍ତକ୍ଷେପ ଫଳରେ ବିଧାୟକ ସୁରକ୍ଷିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ୍ରୁ ଯାଇଥିଲେ। କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଧାୟକ ଶ୍ରୀ ସ୍ୱାଇଁ ଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା।ଏହି ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ,ଉପାଧକ୍ଷ ମାନସ ସାହୁ,ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ସାଂସଦ ଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ,ବିଡ଼ିଓ ସଂଗ୍ରାମ କେଶରୀ ଭୋଳ, ଏବିଡ଼ିଓ ଯାଜ୍ଞସେନୀ ଗୋଛାୟତ,ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ,ଜିପିଡ଼ିଓ ବନ୍ଦନା ମଲ୍ଲିକ,ସହକାରୀ ଯନ୍ତ୍ରୀ ମିହିର ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଓ ଏହାର ମୁକାବିଲା,ପ୍ରାକୃତିକ ଦୁର୍ବିପାକ ସମ୍ବନ୍ଧରେ ଆଲୋଚନା ସହ ଆଗାମୀ ଦିନରେ ହେବାକୁ ଥିବା ଏସଆଇଆର,ଜଳଛତ୍ର ଓ ସ୍ୱଚ୍ଛ ପାନୀୟଜଳ ବ୍ୟବସ୍ଥା,ବନ ବିଭାଗ ଓ ଉଦ୍ୟାନ ବିଭାଗ ବନୀକରଣ ଯୋଜନା ସମୀକ୍ଷା,ଗ୍ରାମୀଣ ଆବାସ ଯୋଜନା ଓ ଅନ୍ତୋଦୟ ଯୋଜନା,୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ ବିପିଡ଼ିପି କୁ ଅନୁମୋଦନ ସହ ବିକଶିତ ଗାଁ ବିକଶିତ ଓଡ଼ିଶା ସମ୍ପର୍କରେ ଆଲୋଚନା କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତ ଜନ ପ୍ରତିନିଧି ସହ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ବ୍ଲକ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେୟୁଡବ୍ଲୁଜେ ଯାଜପୁର ଜିଲ୍ଲା କର୍ମକର୍ତ୍ତା ନିର୍ବାଚନ

## ବିମଳେନ୍ଦୁ -ସଭାପତି , ଅନନ୍ତ -ସମ୍ପାଦକ




ଅସ୍ତରଙ୍ଗ,(ସବ୍ୟୁ) କଳିଙ୍ଗ ୟୁନିଅନ ଅଫ ୱାକିଙ୍ଗ ଜର୍ଣ୍ଣାଲିଷ୍ଟ ତରଫରୁ ଯାଜପୁର ଜିଲ୍ଲା ଛତିଆ ଅମରାବତୀ ମଣ୍ଡପ ଠାରେ ଜିଲ୍ଲା ସାଧାରଣ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଙ୍ଘର ରାଜ୍ୟ ସଭାପତି ମନୋଜ ଦାସ ଯୋଗଦେଇଥିବା ବେଳେ ରାଜ୍ୟ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ ।ସେହିପରି ସମ୍ମାନିତ ଅତିଥି ଭାବେ ସଙ୍ଘର ରାଜ୍ୟ ଉପସଭାପତି ସୌରଭ ପଟ୍ଟନାୟକ,ଦୁଃଶାସନ ନାୟକ,ବିନାୟକ ମିଶ୍ର, କୋଷାଧକ୍ଷ ସୁବାଷ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ,ସୂର୍ଯ୍ୟକାନ୍ତ ପ୍ରଧାନ , ମନ୍ମଥ ମହାରଣା, ଆର୍ତ୍ତତ୍ରାଣ ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବୈଠକ ରେ ଯାଜପୁର ଜିଲ୍ଲାରେ ସଙ୍ଘ କିଭଳି ଭାବରେ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ଗୁଡିକୁ ବୁଝିବା ସହିତ ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ପରେ ଯାଜପୁର ଜିଲ୍ଲାର ଶାଖାର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ନିର୍ବାଚନରେ ଜିଲ୍ଲା ସଭାପତି ବିମଳେନ୍ଦୁ ବେହୁରା , ସାଧାରଣ ସମ୍ପାଦକ ଅନନ୍ତ କିଶୋର ସ୍ୱାଇଁ , ଉପସଭାପତି ହୃଷୀକେଶ ପୃଷ୍ଟି ଓ କପିଳେନ୍ଦ୍ର ମହାନ୍ତ , କୋଷାଧକ୍ଷ ବସନ୍ତ କୁମାର ପଲେଇ , ସାଙ୍ଗଠନିକ ସମ୍ପାଦକ ଦିଲ୍ଲୀପ କୁମାର ବରାଳଙ୍କୁ ନିର୍ବାଚିତ କରାଯାଇଥିଲା । ଉପଦେଷ୍ଟା ମଣ୍ଡଳୀରେ ମନ୍ମଥ କୁମାର ମହାରଣା ଓ ନୀଳମାଧବ ନାୟକଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ଜୟ କାନ୍ତ ରାଉତ ପରି ଚାଳନା କରିଥିବା ବେଳେ କମଳା କାନ୍ତ ପାଲ, ତପନ ପୃଷ୍ଟି , ପ୍ରଦ୍ୟୁମ୍ନ ଓଝା, ସୌମ୍ୟରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ । ଛତିଆ ପଞ୍ଚାୟତର ସରପଞ୍ଚ ରମେଶ ପୃଷ୍ଟିଙ୍କୁ ସଙ୍ଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟଜିତ ଦାଶ ଧନ୍ୟବାଦ ଦେଇଥିଲେ ।

# ଟ୍ରାଫିକ ପୁଲିସର ଆକ୍ସନ ମୋଡ

## ନିଶାସକ୍ତ ଚାଳକଙ୍କୁ ଧରିବାକୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଲା ଚେକିଂ

ଫୁଲନଖରା ,(ସବ୍ୟୁ): ସଡ଼କ ଦୁର୍ଘଟଣା ରୋକିବା ସହ ସାଧାରଣ ଲୋକଙ୍କ ଜୀବନ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଟ୍ରାଫିକ ପୁଲିସ ପକ୍ଷରୁ ଫୁଲନଖରାଛକରେ କଡ଼ାକଡ଼ି 'ଡ୍ରିଙ୍କ ଆଣ୍ଡ ଡ୍ରାଇଭ' ଚେକିଂ କରାଯାଇଛି। ଟ୍ରାଫିକ ଇନ୍ସପେକ୍ଟର ରଞ୍ଜନ କୁମାର ଡୋରାଙ୍କ ନେତୃତ୍ୱରେ ଏହି ବିଶେଷ ଚେକିଂ ଅଭିଯାନ ଚାଲିଥିବା ବେଳେ ବହୁ ସଂଖ୍ୟକ ପୁଲିସ କର୍ମଚାରୀ ଓ ଟ୍ରାଫିକ ବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ। ସୂଚନା ଅନୁସାରେ, ରାତି ସମୟରେ ବେପରୁଆ ଗାଡ଼ି ଚଳାଚଳ, ନିଶାସକ୍ତ ଅବସ୍ଥାରେ ଡ୍ରାଇଭିଂ ଓ ଦୁର୍ଘଟଣା ବୃଦ୍ଧି ପାଉଥିବା ଘଟଣାକୁ ନଜରରେ ରଖି ଫୁଲନଖରାଛକରେ ଏହି ବ୍ୟାପକ ଚେକିଂ ବ୍ୟବସ୍ଥା କରାଯାଇଥିଲା। ଚେକିଂ ସମୟରେ ଦୁଇଚକିଆ ଓ ଚାରିଚକିଆ ଯାନଗୁଡ଼ିକୁ ଅଟକାଇ ଚାଳକମାନଙ୍କର ଡକ୍ୟୁମେଣ୍ଟ ଯାଞ୍ଚ କରାଯାଇଥିବା ବେଳେ ବ୍ରେଥ ଆନାଲାଇଜର ମାଧ୍ୟମରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା



ଚାଳକଙ୍କୁ ଚିହ୍ନଟ କରାଯାଇଥିଲା।ନିୟମ ଉଲ୍ଲଂଘନ କରୁଥିବା କେତେକ ଚାଳକଙ୍କ ବିରୋଧରେ ମୋଟର ଭେହିକଲ ଆଇନ ଅନୁଯାୟୀ ଜୋରିମାନା ସହ ଆବଶ୍ୟକ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଏହି ଅଭିଯାନ ମଧ୍ୟରାତ୍ରି ପର୍ଯ୍ୟନ୍ତ ଜାରି ରହିବ ବୋଲି ଟ୍ରାଫିକ ବିଭାଗ ପକ୍ଷରୁ ସୂଚନା ମିଳିଛି। ଟ୍ରାଫିକ ଇନ୍ସପେକ୍ଟର ରଞ୍ଜନ କୁମାର ଡୋରା କହିଛନ୍ତି ଯେ, ସଡ଼କ ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା କେବଳ ନିଜ ଜୀବନକୁ ନୁହେଁ, ଅନ୍ୟ ନିର୍ଦ୍ଦୋଷ ଲୋକଙ୍କ ଜୀବନକୁ ମଧ ବିପଦରେ ପକାଏ।

# ଆଇସିଡ଼ିଏସ କାର୍ଯ୍ୟାଳୟରେ ପୋଷଣ ବି ପଢ଼ାଇ ବି କର୍ମଶାଳା



ଭାପୁର ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ନିୟୋଜିତ ଅଙ୍ଗନୱାଡ଼ି କର୍ମୀମାନଙ୍କ ନିମନ୍ତେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ଆଇସିଡ଼ିଏସ ) କାର୍ଯ୍ୟାଳୟ ତରଫରୁ ତିନି ଦିନିଆ ପୋଷଣ ବି ପଢ଼ାଇ ବି -୨୦୨୬ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳା ଗତ ୨୦ ତାରିଖ ବୁଧ ବାର ଠାରୁ ଆରମ୍ଭ ହୋଇ ୨୨ତାରିଖ ଶୁକ୍ରବାର ଦିନ ଶେଷ ହୋଇଥିଲା । ଏହି କର୍ମଶାଳାକୁ ଭାପୁର ସିଡ଼ିପିଓ ଶ୍ରୀମତି ତୃପ୍ତି ମହାପାତ୍ର ଉଦ୍ଘାଟନ କରିଥିଲେ । ଆଇସିଡ଼ିଏସ ସୁପରଭାଇଜର ସୁଶ୍ରୀ ସନ୍ତୋଷିନୀ ପାଣି , ଶ୍ରୀମତି ପ୍ରତିମା ସେଠୀ ଓ ଶ୍ରୀମତି ସବିତା ଜେନା କର୍ମଶାଳାରେ ଅଙ୍ଗନୱାଡ଼ିକର୍ମୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ୦-୬ ବର୍ଷର ଶିଶୁମାନଙ୍କୁ ବିସିସିବି ମାଧ୍ୟମରେ କିପରି ସର୍ବାଙ୍ଗିନ ବିକାଶ ସାଧନ କରିହେବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ କରାଯାଇଥିଲା । ଦିବ୍ୟାଙ୍ଗ ଶିଶୁମାନଙ୍କର ଯତ୍ନ ଏବଂ ସୁରକ୍ଷା ସହ ଗର୍ଭବତୀ ପ୍ରସୂତିମାନଙ୍କର ଖାଦ୍ୟାଭାବ ସହ ନବାଚତନା ଏବଂ ଆଧାରଶୀଳା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।

# ଅଟୋ ପୋଡ଼ି ଦେଲେ ଦୁର୍ବୃତ୍ତ

ବାରଙ୍ଗ ,(ସବ୍ୟୁ) : ବାରଙ୍ଗ ଥାନା ଅନ୍ତର୍ଗତ ଏକ ଘରୋଇ ବିଲଡର ସଂସ୍ଥା ଭିତରେ ଥୁଆ ହୋଇଥିବା ଅଟୋକୁ ଦୃର୍ବୃତ୍ତମାନେ ନିଆଁ ଲଗାଇ ଦେଇଛନ୍ତି।ଯାହାକୁନେଇ ଶୁକ୍ରବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ମଧୁବନ ଗ୍ରାମର ମମତା ସାମଲଙ୍କ ଓଡି ୦୫ବିଜେଡ ୫୫୫୦ ନମ୍ବର ଅଟୋଟିକୁ ତାଙ୍କର ସମ୍ପର୍କୀୟ ବନ୍ଧୁ ଚଳାଉ ଥିଲେ। ପ୍ରତ୍ୟେକ ଦିନ ଭଳି ଗୁରୁବାର ରାତିରେ ନିକଟସ୍ଥ ଏକ ଘରୋଇ ବିଲଡର ସଂସ୍ଥା ପରିସରରେ ଗାଡ଼ିଟି ରହିଥିଲ । ଗୁରୁବାର ବିଳମ୍ବିତ ରାତିରେ କେହି ଦୃର୍ବୁର୍ତ୍ତ ଅଟୋଟିକୁ ନିଆଁ ଲଗାଇ ଦେବାରୁ ଅଟୋଟି ସଂପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି।

# ଗଞ୍ଜେଇ ଜବତ, ଜଣେ ଗିରଫ

ନିମାପଡ଼ା,(ସବ୍ୟୁ): ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଶୁକ୍ରବାର ଦିନ ୨୬ କେଜିରୁ ଉର୍ଦ୍ଧ୍ୱ ଚୋରା ଗଂଜେଇ ଜବତ କରାଯିବା ସହିତ ସଂପୃକ୍ତ ବ୍ୟବସାୟୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ଯୁବକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଅଂଶାଲୋ ଗ୍ରାମର ଲଳିତ ସାହୁ (୨୨)। ପ୍ରକାଶ ଯେ, ଅବକାରୀ ବିଭାଗ କର୍ମଚାରୀ ମାନେ ଲଳିତ ଠାରୁ ୨୬ କେଜି ୬୦୦ ଗ୍ରାମ ଚୋରା ଗଂଜେଇ ଓ ଗୋଟିଏ ମୋବାଇଲ ଫୋନ ଜବତ କରିଥିଲେ । ଅଭିଯୁକ୍ତ ଲଳିତ ବିରୋଧରେ ଅବକାରୀ ଥାନା କେଶ ନଂ ୧୭/୨୬-୨୭ ଏନ ଡି ପି ସି ଦଫାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନିମାପଡ଼ା ଅବକାରୀ ଇନିସପେକ୍ଟର ପ୍ରଭାକର ସେଠୀ ସୂଚନା ଦେଇଛନ୍ତି।

# ରାଜଧାନୀରେ ଖୋଲିଲା ଇୟୁଜେନିକ୍ସ ହେୟାର କ୍ଲିନିକ

ଭୁବନେଶ୍ୱର(ସବ୍ୟୁ): ଇୟୁଜେନିକ୍ସ ହେୟାର ସାଇନ୍ସେସ ରାଜଧାନୀର ନୟାପଲ୍ଲୀ ଅଞ୍ଚଳରେ ଆଧୁନିକ ଓ ବିଶ୍ୱସ୍ତରୀୟ କ୍ଲିନିକର ଶୁଭାରମ୍ଭ କରିଛି । ଏହା ଓଡ଼ିଶାରେ ବିଶ୍ୱସ୍ତରୀୟ ହେୟାର୍ ରିଷ୍ଟୋରେସନ୍ ସେବା ପହଞ୍ଚାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଭିନେତା, ସୁରେନ୍ଦ୍ର ପାଲ୍, ଲୋକପ୍ରିୟ ଗାୟକ ମିକା ସିଂହ, ଦିଲିପ୍ ତିର୍କି, ପ୍ରେମାନନ୍ଦ ଏବଂ ସୁଦର୍ଶନ ପଟନାୟକଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଉପସ୍ଥିତ ଥିଲେ ।ପ୍ରସିଦ୍ଧ ହେୟାର୍ ଟ୍ରାନ୍ସପ୍ଲାଂଟ ବିଶେଷଜ୍ଞ, ଡ଼ଃ ପ୍ରଦୀପ ସେଠୀ ଏବଂ ଡ଼ଃ ଅରୀକା ବଂଶଲଙ୍କ ଦ୍ୱାରା ସ୍ଥାପିତ ଇୟୁଜେନିକ୍ସ ହେୟାର ସାଇନ୍ସ ଭାରତରେ ହେୟାର୍ ରିଷ୍ଟୋରେସନ୍ କ୍ଷେତ୍ରରେ ଏକ ପ୍ରମୁଖ ପଥପ୍ରଦର୍ଶକ ଭାବେ ପରିଚିତ ହୋଇଉଠିଛି । ଏହି ଅବସରରେ ଡକ୍ଟର ପ୍ରଦୀପ ସେଠୀ କହିଛନ୍ତି, ଆମର ଭୁବନେଶ୍ୱର କ୍ଲିନିକର ଲଂଚ୍ ଇୟୁଜେନିକ୍ସ ହେୟାର ସାଇନ୍ସେସ ପାଇଁ ଏକ ଗୌରବମୟ ମୁହୂର୍ତ୍ତ। ଏଯାବତ୍ ଇୟୁଜେନିକ୍ସ ହେୟାର ସାଇନ୍ସେସ ୨୦,୦୦୦ରୁ ଅଧିକ ହେୟାର୍ ଟ୍ରାନ୍ସପ୍ଲାଣ୍ଟ ପ୍ରକ୍ରିୟା ସଫଳତାର ସହିତ ସମ୍ପନ୍ନ କରିଛି ଏବଂ ହେୟାର୍ ରିଷ୍ଟୋରେସନ୍ କ୍ଷେତ୍ରରେ ୩୦ ବର୍ଷରୁ ଅଧିକ ସାମୁହିକ ଅନୁଭବ ରଖିଛି ।

# ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଉତ୍ସବ



ବାଲିଚନ୍ଦ୍ରପୁର ,(ସବ୍ୟୁ) :ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ରାଜୀବ ଗାନ୍ଧୀ ଙ୍କ ୩୫ତମ ଶ୍ରାଦ୍ଧ ଦିବସ ବଡ଼ଚଣା କଂଗ୍ରେସ ପକ୍ଷରୁ ବାଲିଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ରୁକୁଟିପାଟ ଠାରେ ପାଳିତ ହୋଇ ଯାଇଛି। ବଡ଼ଚଣାର ବରିଷ୍ଠ କଂଗ୍ରେସ ନେତା ଅଜୟ କୁମାର ସାମଲ ଶ୍ରାଦ୍ଧ ଉତ୍ସବରେ ଯୋଗ ଦେଇ ସ୍ୱର୍ଗତ ଗାନ୍ଧୀଙ୍କ ଦେଶ ପାଇଁ ଉତ୍ସର ଗୀତ ସେବା ପଂଚାୟତ ରାଜ ବ୍ୟବସ୍ଥାକୁ ସଶକ୍ତ କରିବା ୧୮ ବର୍ଷ ପିଲାଙ୍କୁ ଭୋଟ ଦେବା ଅଧୀକାର ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଉପଯୋଗ ନିମନ୍ତେ ଦେଶ ସବୁ ଦିନ ପାଇଁ ମନେ ରଖିବ ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଥିଲେ ।ପୂର୍ବତନ ସରପଞ୍ଚ ବିଳାଶ ଚନ୍ଦ୍ର ବାରିକ, ପୂର୍ବତନ ଯୁବ କଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ, ସଞ୍ଜୟ କର, ସନ୍ତୋଷ ପରିଡା, ନାରାୟଣ ଦାସ, ମନୋରଞ୍ଜନ ଜେନା, ମହନୀ ମହାନ୍ତି, ଦୁର୍ଯ୍ୟୋଧନ ସାହୁ, ସୁରେନ୍ଦ୍ର ପ୍ରଧାନ, ପ୍ରଭାତ ସାହୁ, ସରୋଜ ଜେନା, ବଟକୃଷ୍ଣ ଦାସ,ମହାଶ୍ୱର ମହାପାତ୍ର, କାହ୍ନୁ ଦାସ, ଅଶୋକ ବେହେରା, ଆଲୋକ ରାଉତ ପ୍ରମୁଖ ଙ୍କ ସମେତ ବହୁ କର୍ମୀ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଥିଲେ ।ବାଲିଚନ୍ଦ୍ରପୁର ପଞ୍ଚାୟତ କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର ରାଉତରାୟ ଧନ୍ୟବାଦ ଦେଇ ଥିଲେ।

# ସମ୍ପାଦକୀୟ

## ବିଶ୍ୱରେ ଭାରତର ମର୍ଯ୍ୟାଦା

ସମଗ୍ର ବିଶ୍ୱରେ ଯୁଦ୍ଧଜନିତ ପରିସ୍ଥିତି ଆମ ସମସ୍ତଙ୍କୁ ବିଚଳିତ କରି ଆସୁଥିବା ବେଳେ, ଭାରତ ନିଜ ରାଷ୍ଟ୍ରରେ ତଥା ବିଦେଶରେ ଏପରି ପରିସ୍ଥିତିକୁ ଏଡାଇବା ସହିତ ଶାନ୍ତି ସ୍ଥାପନ ଲାଗି ଉଦ୍ୟମ ଜାରି ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାରବର୍ଷର ଶାସନ କାଳ ମଧ୍ୟରେ ପଡୋଶୀ ରାଷ୍ଟ୍ରଗୁଡ଼ିକ ସହିତ ସୁସମ୍ପର୍କ ରକ୍ଷା କରି ଏସିଆ ତଥା ୟୁରୋପର ବିଭିନ୍ନ ରାଷ୍ଟ୍ର ସହିତ ଘନିଷ୍ଠତା ସୂତ୍ରରେ ଆର୍ଥିକ, ରାଜନୀତିକ ଓ ବ୍ୟବସାୟିକ କ୍ଷେତ୍ରରେ ଭାରତର ମର୍ଯ୍ୟାଦା ରକ୍ଷା କରି ସାରା ବିଶ୍ୱରେ ଏକ ଅଦ୍ୱିତୀୟ ନେତା ଭାବେ ମଧ୍ୟ ପ୍ରତିଷ୍ଠା ଲାଭ କରିଛନ୍ତି । ତାଙ୍କର ବିଦେଶ ଗସ୍ତ ସବୁ ଅଭୁତପୂର୍ବ ଭାବେ ସଫଳତା ଲାଭ କରି ପାରିଛି, ଏଥିରେ ସନ୍ଦେହ ନାହିଁ । ନିକଟରେ ପାଞ୍ଚଟି ରାଷ୍ଟ୍ର ଗସ୍ତ କରି ପ୍ରତିରକ୍ଷା, ଶିଳ୍ପ ଓ ବାଣିଜ୍ୟ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଭାରତକୁ ସେ ଲାଭବାନ କରି ପାରିଛନ୍ତି । ପୂର୍ବରୁ କୌଣସି ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ସମ୍ପର୍କ କ୍ଷେତ୍ରରେ ଏତେ ବେଶୀ ଅଗ୍ରସର ହୋଇ ନଥିଲେ କିମ୍ବା ଆଗକୁ ଯିବାକୁ ସୁଯୋଗ ହୁଏତ ପାଇ ପାରି ନଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ବ୍ୟକ୍ତିତ୍ୱ, ଗାନ୍ଧିଜୀଙ୍କ ଜଣେ ପଟ୍ଟଶିଷ୍ୟ ଭାବେ କିମ୍ବା ଜଣେ ଶାନ୍ତିପ୍ରିୟ ରାଜନେତା ଭାବେ ଥିଲା । ତାଙ୍କର ଦୂରଦୃଷ୍ଟି ମଧ୍ୟ ଉନ୍ନତ ଥିଲା । ମାତ୍ର ଭାରତକୁ ସମଗ୍ର ବିଶ୍ୱରେ ସେ ମୋଦିଜୀଙ୍କ ପରି ମର୍ଯ୍ୟାଦିତ କରି ପାରି ନଥିଲେ । ଫଳରେ ଚୀନ ୧୯୬୨ରେ ଅତର୍କିତ ଭାବେ ଭାରତ ଉପରେ ଆକ୍ରମଣ କରି ଭାରତକୁ ଭୟଭୀତ କରି ପକାଇଥିଲା । ପାକିସ୍ତାନ ଆତଙ୍କବାଦ ଜରିଆରେ ଭାରତକୁ ଭୟଭୀତ କରିବାକୁ ତାଙ୍କରି ସମୟରୁ ଉଦ୍ୟମ ଆରମ୍ଭ କରି ସୀମା ପାରି ଆତଙ୍କବାଦକୁ ପ୍ରଶ୍ରୟ ଦେଇଥିଲା ।

ତାଙ୍କ ପରେ ଲାଲ ବାହାଦୂର ଶାସ୍ତ୍ରୀ କୃଷି ପ୍ରଧାନ ରାଷ୍ଟ୍ର ଭାରତକୁ କୃଷି ଓ ଯୁଦ୍ଧ କ୍ଷେତ୍ରରେ ଆଗକୁ ନେବାକୁ ଚାହୁଁଥିଲେ । ସେଥିପାଇଁ ତାଙ୍କର 'ଜୟ ଜବାନ ଓ ଜୟ କିଷାନ' ଧ୍ୱନି ଏବେ ମଧ୍ୟ ଭାରତୀୟମାନଙ୍କ ହୃଦୟରେ ଅନୁରଣିତ ହୋଇଥାଏ । ତାଙ୍କ ପରେ ଇନ୍ଦିରା ଗାନ୍ଧିଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ତାଙ୍କର ପିତା ନେହରୁ ଓ ଭାରତର ଉପ–ପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କୁ ଅନୁସରଣ କରି ଦୃଢ଼ତା ପ୍ରଦର୍ଶନ କରିଥିଲେ । କିନ୍ତୁ କ୍ଷମତାରେ ରହିବାକୁ ଏମରଜେନ୍ସି ଜାରି କରିବାରୁ ସେ ବଦନାମ ହୋଇଥିଲେ । ତଥାପି ତାଙ୍କର ବିଦେଶ ନୀତିକୁ ପୁରାପୁରି ଭୁଲ ବୋଲି କୁହାଯାଇ ପାରିବ ନାହିଁ । ବରଂ ଭାରତ ପାଇଁ ଯେଉଁ ଦୁଇଜଣ ପ୍ରଧାନମନ୍ତ୍ରୀ ଓ ଉପ– ପ୍ରଧାନମନ୍ତ୍ରୀଙ୍କ ଅବଦାନ ରହିଥିଲା, ସେ ଦୁହେଁ ହେଉଛନ୍ତି ଲାଲ ବାହାଦୂର ଶାସ୍ତ୍ରୀ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ । ଭାରତର ଦୁର୍ଭାଗ୍ୟ ଯେ ଏ ଦୁଇ ଜଣ ନିଜ ନିଜ ପଦବୀରେ ବେଶୀ ଦିନ ନ ରହି ସ୍ୱର୍ଗାରୋହଣ କରିଥିଲେ ।

**ଭାରତର ମାନ ମର୍ଯ୍ୟାଦା ଓ ସଚ୍ଚୋଟପଣିଆ ଯୋଗୁଁ ଯେଉଁ ପ୍ରଧାନମନ୍ତ୍ରୀ ସର୍ବତ୍ର ସୁନାମ ଅର୍ଜନ କରିଥିଲେ, ସେ ଥିଲେ ଅଟଳ ବିହାରୀ ବାଜପେୟୀ । ତାଙ୍କ ପରେ, ତାଙ୍କରି ଧାରାରେ ଭାରତକୁ ଆଗେଇ ନେଇ ସମଗ୍ର ବିଶ୍ୱରେ ଭାରତର ସୁନାମ ଆଣିଛନ୍ତି ମୋଦିଜୀ । ଭାରତ ମୋଦିଜୀଙ୍କ ପାଇଁ ଗର୍ବିତ ଓ ମୋଦିଜୀ ମଧ୍ୟ ଭାରତ ପାଇଁ ଗର୍ବିତ । ପୂର୍ବତନ ପ୍ରଧାନମନ୍ତ୍ରୀ ବା ଉପ–ପ୍ରଧାନମନ୍ତ୍ରୀଙ୍କର ଭଲ ଗୁଣଗୁଡ଼ିକ ଆଧାରରେ ସେ ଭାରତର ସମ୍ମାନ ରକ୍ଷା କରି ଆସିଛନ୍ତି ଓ ବିରୋଧୀ ଦଳର ଶସ୍ତା ସମାଲୋଚନା ତାଙ୍କୁ କର୍ତ୍ତବ୍ୟ ପଥରେ ବିଚଳିତ କରି ପାରି ନାହିଁ । ବିଦେଶରେ ତାଙ୍କୁ ଅନେକ ରାଷ୍ଟ୍ର ଯେପରି ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରି ଆସିଛନ୍ତି, ତାହା ପୂର୍ବରୁ କୌଣସି ପ୍ରଧାନମନ୍ତ୍ରୀ ପାଇ ପାରି ନଥିଲେ । ଏହା ହିଁ ଭାରତର ସୌଭାଗ୍ୟ ।**

ମୋରାରଜୀ ଦେଶାଇ, ଚରଣ ସିଂ, ଚନ୍ଦ୍ରଶେଖର, ରାଜୀବ ଗାନ୍ଧି ମନମୋହନ ସିଂ ପ୍ରଭୃତି ଅଣ କଂଗ୍ରେସ ଓ କଂଗ୍ରେସର ପ୍ରଧାନମନ୍ତ୍ରୀମାନେ ଭାରତ ପାଇଁ କିଛି କାମ କରିଥିଲେ ମଧ୍ୟ ତାହା ଭାରତବାସୀ ଓ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରି ଜଣା ପଡୁ ନଥିଲା ।

କଂଗ୍ରେସ ଦଳର ପ୍ରଣବ ମୁଖାର୍ଜୀ ଜଣେ ସଫଳ ବିତ୍ତମନ୍ତ୍ରୀ ଥିଲେ, ମାତ୍ର ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ତାଙ୍କୁ ପ୍ରଧାନମନ୍ତ୍ରୀ କରାଇ ଦିଆଗଲା ନାହିଁ । ଅଥଚ ତାଙ୍କରି ଯୋଗ୍ୟତା ଦେଖି ବିରୋଧୀ ଦଳ ତାଙ୍କୁ ଭାରତର ରାଷ୍ଟ୍ରପତି କରାଇବା ଦିଗରେ ସହଯୋଗ କରିଥିଲେ ।

ଭାରତର ମାନ ମର୍ଯ୍ୟାଦା ଓ ସଚ୍ଚୋଟପଣିଆ ଯୋଗୁଁ ଯେଉଁ ପ୍ରଧାନମନ୍ତ୍ରୀ ସର୍ବତ୍ର ସୁନାମ ଅର୍ଜନ କରିଥିଲେ, ସେ ଥିଲେ ଅଟଳ ବିହାରୀ ବାଜପେୟୀ । ତାଙ୍କ ପରେ, ତାଙ୍କରି ଧାରାରେ ଭାରତକୁ ଆଗେଇ ନେଇ ସମଗ୍ର ବିଶ୍ୱରେ ଭାରତର ସୁନାମ ଆଣିଛନ୍ତି ମୋଦିଜୀ । ଭାରତ ମୋଦିଜୀଙ୍କ ପାଇଁ ଗର୍ବିତ ଓ ମୋଦିଜୀ ମଧ୍ୟ ଭାରତ ପାଇଁ ଗର୍ବିତ । ପୂର୍ବତନ ପ୍ରଧାନମନ୍ତ୍ରୀ ବା ଉପ–ପ୍ରଧାନମନ୍ତ୍ରୀଙ୍କର ଭଲ ଗୁଣଗୁଡ଼ିକ ଆଧାରରେ ସେ ଭାରତର ସମ୍ମାନ ରକ୍ଷା କରି ଆସିଛନ୍ତି ଓ ବିରୋଧୀ ଦଳର ଶସ୍ତା ସମାଲୋଚନା ତାଙ୍କୁ କର୍ତ୍ତବ୍ୟ ପଥରେ ବିଚଳିତ କରି ପାରି ନାହିଁ । ବିଦେଶରେ ତାଙ୍କୁ ଅନେକ ରାଷ୍ଟ୍ର ଯେପରି ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରି ଆସିଛନ୍ତି, ତାହା ପୂର୍ବରୁ କୌଣସି ପ୍ରଧାନମନ୍ତ୍ରୀ ପାଇ ପାରି ନଥିଲେ । ଏହା ହିଁ ଭାରତର ସୌଭାଗ୍ୟ ।

ନିକଟରେ ପାଞ୍ଚଟି ରାଷ୍ଟ୍ରକୁ ଗସ୍ତ କରି ମୋଦିଜୀ ଫେରି ଆସିବା ବେଳେ ପ୍ରାୟ ୪୦ ବିଲିଅନ ଡଲାରର ପୁଞ୍ଜି ନିବେଶ କରିବାର ପ୍ରତିଶୃତି ଘେନି ସେ ଆସିଛନ୍ତି । ଫଳରେ ସେମିକଣ୍ଡକ୍ଟର, ସବୁଜ ଭିତ୍ତିଭୂମି, ଶକ୍ତି, ସାମଗ୍ରୀର ପ୍ରବନ୍ଧନ (Logistics) ଓ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟାପକ ସମ୍ଭାବନା ଭାରତରେ ସୃଷ୍ଟି ହୋଇ ପାରିଛି । ମଧ୍ୟ ପ୍ରାଚ୍ୟ ଓ ଆଫ୍ରିକାର ପ୍ରାୟ ୫୦ ଜଣ ଚିଫ୍ ଏକଜିକ୍ୟୁଟିଭ ଅଫିସରଙ୍କୁ ସେ ଏହି ପାଞ୍ଚଟି ରାଷ୍ଟ୍ର ଗସ୍ତ କରିବା ସମୟରେ ଭେଟି ଥିଲେ । ଫଳରେ ମୋଦିଜୀଙ୍କର ଆତ୍ମନିର୍ଭର 'ନୂତନ ଭାରତ' ଯେ ଭବିଷ୍ୟତରେ ସାରା ବିଶ୍ୱରେ ମୁଣ୍ଡ ଉଠାଇ ଦଣ୍ଡାୟମାନ ହୋଇ ପାରିବ, ଏଥିରେ ସନ୍ଦେହ ନାହିଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ସମ୍ପର୍କରେ



ଡ. ମୃଣାଳ ଚାଟାର୍ଜୀ

ଭାରତରେ ବଡ଼ ବଡ଼ ପ୍ରବେଶିକା ଏବଂ ନିଯୁକ୍ତି ପରୀକ୍ଷାଗୁଡିକର ପ୍ରଶ୍ନପତ୍ର ବାରମ୍ବାର ପ୍ରଘଟ ହେବା, ପରୀକ୍ଷା ପରିଚାଳନା ବ୍ୟବସ୍ଥା ଏବଂ ଏ ବ୍ୟବସ୍ଥା ପରିଚାଳନା କରୁଥିବା ସଂସ୍ଥା ଉପରେ ଆସ୍ଥାର ଏକ ସଙ୍କଟ ସୃଷ୍ଟି କରିଛି । ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ କହେ ଯେ ଗତ ୧୩ ବର୍ଷରେ (୨୦୧୩ରେ ଧରାପଡିଥିବା ମଧ୍ୟପ୍ରଦେଶରେ 'ବ୍ୟାପମ' ପରୀକ୍ଷା ଦୁର୍ନୀତି ଚକ୍ର ଯାହା ହୁଏତ ୧୯୯୦ରୁ ଚାଲୁଥିଲା ) କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର କେବଳ ବଡ ପରୀକ୍ଷା ଦେଖିଲେ ଅନ୍ତତ ୮୯ଟି ପ୍ରଶ୍ନ ପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଛି । ୨୦୧୫ରୁ ୨୦୨୩ ଭିତରେ କେବଳ ରାଜସ୍ଥାନ ଆଉ ଗୁଜରାଟରେ ଅନ୍ତତଃ ୧୪ଟି ଲେଖାଏଁ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଘଟିଛି ୮୯ଟି ବଡ଼ ପ୍ରବେଶିକା ଏବଂ ନିଯୁକ୍ତି ପରୀକ୍ଷା ମାନେ ସେଥିରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ପ୍ରାୟ ଦଶକୋଟି । ଅର୍ଥାତ ଭାରତର ମୋଟ ଜନସଂଖ୍ୟାର ସାତ ଶତାଂଶ ଏ ପରୀକ୍ଷା ଦେବାପାଇଁ ପ୍ରସ୍ତୁତ ହେଇଥିଲେ ଏବଂ ପରୀକ୍ଷା ଦେଇ ପାରିନଥିଲେ ।

**ପ୍ରଶ୍ନପତ୍ର ପ୍ରଘଟ ଅର୍ଥନୀତି:**

ଏବେ ଦେଖାଯାଉ, ପ୍ରଶ୍ନପତ୍ର ଲିକ୍ ହେଉଛି ଏଥିରେ କେତେ ପରିମାଣରେ ଦୁର୍ନୀତି ହେଉଛି । ଗୋଟେ ହିସାବ କହୁଛି ଯେ ସାଂପ୍ରତିକ ନିଟ୍ ପରୀକ୍ଷାରେ ଯେଉଁ ପ୍ରଶ୍ନ ପତ୍ର ଲିକ୍ ହେଲା ଏଥିରେ ପାଖାପାଖି ୧୦୦ କୋଟି ଟଙ୍କାର ଦୁର୍ନୀତି ହେଇଛି । ଗତ ଦଶବର୍ଷରେ ୮୯ଟି ବଡ ପରୀକ୍ଷା ଆଉ ଅଜସ୍ର ଛୋଟ ଛୋଟ ପରୀକ୍ଷା ମିଶେଇ ପ୍ରଶ୍ନପତ୍ର ପ୍ରଘଟଜନିତ ଦୁର୍ନୀତିର ଅଙ୍କଟି ଯେ ଅତ୍ୟନ୍ତ ବିଶାଳ ତାହା ସହଜରେ ଅନୁମାନ କରାଯାଇପାରେ । ତେବେ କେତେ ବିଶାଳ କେତେ ତାଙ୍କର ଦୁର୍ନୀତି– ତାର ହିସାବ କାହାରି ପାଖରେ ନାହିଁ ।

**ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗ: ତଦନ୍ତ, ବିଚାର, ସଜା:**

ଆମ ଦେଶରେ ତଦନ୍ତ, ବିଚାର, ସଜା ଅଧିକାଂଶ କ୍ଷେତ୍ରରେ ଦ୍ରୁତ ଗତିରେ ହୁଏ ନାହିଁ । ପ୍ରଶ୍ନପତ୍ର ପ୍ରଘଟ କେସ୍‌ରେ ବି ତାର ବ୍ୟତିକ୍ରମ ହୋଇ ନାହିଁ ତେବେ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ପ୍ରଶ୍ନପତ୍ର ପ୍ରଘଟ କେସ୍‌ରେ ଆମ ଦେଶର ସୁନାମଧନ୍ୟ ଦୁଇଟି ଏଜେନ୍ସି ଇଡି ଆଉ ସିବିଆଇ ମିଶି ୨୮ଟି ମାମଲା ରୁଜୁ କରିଛନ୍ତି । ୨୦୨୪ର ନିଟ୍ ପରୀକ୍ଷା ଲିକ୍ ଘଟଣାରେ ୪୫ ଜଣଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରାଯାଇଛି ଅଭିଯୁକ୍ତମାନଙ୍କ ଭିତରୁ କେତେକେ ଜେଲରେ ଅଛନ୍ତି ତେବେ ସାମଗ୍ରିକ ଭାବେ ଦେଖିଲେ, ପ୍ରଶ୍ନପତ୍ର ପ୍ରଘଟ କେସରେ ସମ୍ପୃକ୍ତ ସବୁ ଲୋକେ ଖୁବ ଶୀଘ୍ର ସଜା ପାଇଛନ୍ତି – ତାହା କହି ହେବ ନାହିଁ ।

**ପରୀକ୍ଷା ବାତିଲ ହେବାର ପରିଣତି କ'ଣ ହୁଏ?**

ଇତି ମଧ୍ୟରେ ଗଣମାଧ୍ୟମରେ ଖବର ଆସିଗଲାଣି ଯେ ଅନ୍ତତ ଦୁଇଜଣ ଶିକ୍ଷାର୍ଥୀ ୨୦୨୬ ନିଟ୍ ପରୀକ୍ଷା ବାତିଲ ପାଇଁ ଆତ୍ମହତ୍ୟା କରିଛନ୍ତି । ପ୍ରବେଶିକା ହେଉ ବା ଚାକିରି ପାଇଁ ହେଉ ଏସବୁ ପରୀକ୍ଷା ପାଇଁ ବର୍ଷ ବର୍ଷ ଧରି ପ୍ରସ୍ତୁତି କରିବା ପରେ (ଅନେକ କ୍ଷେତ୍ରରେ ଏଥିପାଇଁ ସମ୍ପୃକ୍ତ ଛାତ୍ର/ତରୁଣର ଘରଲୋକଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼େ, ଆର୍ଥିକ ବୋଝ ବହନ କରିବାକୁ ପଡ଼େ), ପରୀକ୍ଷା ବାତିଲ ହେଲେ ଏକ ଗଭୀର ହତାଶା ଆସେ । ଏ ହତାଶା ଛାତ୍ରଛାତ୍ରୀମାନଙ୍କୁ ଆତ୍ମହତ୍ୟା ଆଡ଼କୁ ଠେଲିଦେଇ ପାରେ ।

ଭାରତରେ ବର୍ଷକୁ ପାଖାପାଖି ୧୪ ହଜାର ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି, ଅର୍ଥାତ ପ୍ରତି ୩୭ ମିନିଟରେ ଜଣେ ଜଣେ ଛାତ୍ର ଆତ୍ମହତ୍ୟା କରୁଛନ୍ତି । ଛାତ୍ରମାନେ ଏତେସଂଖ୍ୟାରେ କାହିଁକି ଆତ୍ମହତ୍ୟା କରୁଛନ୍ତି ସେ ବିଷୟରେ ଖୁବ୍ ବେଶୀ ଆଲୋଚନା ସମାଜରେ ହେଉନାହିଁ । ଅନେକ ସମୟରେ ଚିନ୍ତା କରାଯାଏ ଯେ ଛାତ୍ରମାନଙ୍କର ଆତ୍ମହତ୍ୟାର ମୂଳକାରଣ ପ୍ରେମଜନିତ ବା ଘରର ଝଗଡା ଝାଣ୍ଟି ପାଇଁ ହେଇପାରେ । ପରୀକ୍ଷା ବାତିଲଜନିତ ହତାଶା ବି ଗୋଟେ ବଡ଼ କାରଣ ହୋଇ ପାରେ ଏଠାରେ ଉଲ୍ଲେଖଯୋଗ୍ୟ ଯେ National Crime Records Bureau (NCRB)ର ପରିସଂଖ୍ୟାନ ଅନୁସାରେ ଗତ ଦଶ ବର୍ଷରେ ଛାତ୍ର ଆତ୍ମହତ୍ୟା ହାର ୬୫ ଶତାଂଶ ବଢ଼ିଛି ।

ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ଏବଂ ପରୀକ୍ଷା ବାତିଲ ହେଲେ ଆଉ ଗୋଟେ ବଡ଼ ସଙ୍କଟ ଦେଖାଦିଏ– ତାହା ହେଲା ବ୍ୟବସ୍ଥା ପ୍ରତି ଆସ୍ଥାର ସଙ୍କଟ । ମେଧା ଓ ପରିଶ୍ରମ ବଳରେ ଜଣେ ସାଫଲ୍ୟ ପାଇପାରେ – ଏହା ଉପରେ ତାଙ୍କ ବିଶ୍ୱାସ ତୁଟିଯାଏ । ଗୋଟେ ସମାଜର ନିଅଁ ପ୍ରୋଥିତ ହୋଇ ଥାଏ ବ୍ୟବସ୍ଥା ଉପରେ ବିଶ୍ୱାସରେ ବିଶ୍ୱାସ ତୁଟିଗଲେ ସେ ଭିତ୍ତି ଦୋହଲିଯାଏ । ବ୍ୟବସ୍ଥାର ଭିତ୍ତି ଦୋହଲିଗଲେ – ଅରାଜକତାକୁ ବାଟ ଫିଟିଯାଏ, ଯାହାର ଅସଲି ସଂକେତ ସମାଜରେ ଦେଖାଗଲାଣି ।

**ପ୍ରଶ୍ନପତ୍ର ପ୍ରଘଟ କେସ୍‌ରେ ବି ତାର ବ୍ୟତିକ୍ରମ ହୋଇ ନାହିଁ ତେବେ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ପ୍ରଶ୍ନପତ୍ର ପ୍ରଘଟ କେସ୍‌ରେ ଆମ ଦେଶର ସୁନାମଧନ୍ୟ ଦୁଇଟି ଏଜେନ୍ସି ଇଡି ଆଉ ସିବିଆଇ ମିଶି ୨୮ଟି ମାମଲା ରୁଜୁ କରିଛନ୍ତି । ୨୦୨୪ର ନିଟ୍ ପରୀକ୍ଷା ଲିକ୍ ଘଟଣାରେ ୪୫ ଜଣଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରାଯାଇଛି ଅଭିଯୁକ୍ତମାନଙ୍କ ଭିତରୁ କେତେକେ ଜେଲରେ ଅଛନ୍ତି ତେବେ ସାମଗ୍ରିକ ଭାବେ ଦେଖିଲେ, ପ୍ରଶ୍ନପତ୍ର ପ୍ରଘଟ କେସରେ ସମ୍ପୃକ୍ତ ସବୁ ଲୋକେ ଖୁବ ଶୀଘ୍ର ସଜା ପାଇଛନ୍ତି – ତାହା କହି ହେବ ନାହିଁ ।**

**(ଜଣେ ସୁଲେଖକ ଓ ଅବସରପ୍ରାପ୍ତ ପ୍ରଫେସର)**
**ନିର୍ମାଲ୍ୟ, VIP–୨୧ ଲିଟିଲ ଓଡ଼ିଶା, ଛତାବର, ଭୁବନେଶ୍ୱର ୭୫୨୦୫୪,**
**ମୋ– ୯୪୩୭୦୨୬୧୯୪**

# ଛୟାଅଶୀ ବର୍ଷରେ ବାଜପୁର ସଂଗ୍ରାମୀ ସଦନ

ମନୋରମା ନନ୍ଦ (ମିଶ୍ର)

ଦେଶ ତଥା ଜନ୍ମମାଟିର ସୁରକ୍ଷା ପାଇଁ ଲଢେଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତି । ଅନ୍ୟମାନଙ୍କ ପାଇଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି । ହେଲେ ଏମିତି କେତେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ୍ କରିଥିବା ସଂଗଠନ ହେଉଛି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' । ଏହି ସଦନ ପାଲଟିଥିଲା ଅବିଭକ୍ତ ପୁରୀ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ । ଦେଶ ସ୍ୱାଧୀନ ହେବା ପୂର୍ବରୁ ଅର୍ଥାତ୍ ୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲ୍ଲା (ଏବେ ଖୋରଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତିମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି । ହେଲେ ଏହା ଏବେ ବି ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେ ମାତ୍ର ବିଚ୍ୟୁତ ନହୋଇ ତା'ର କାର୍ଯ୍ୟଧାରା ଜାରି ରଖିଛି । ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର । ଆଉ ଏହି ସଦନ ଗଢ଼ିବାରେ ତାଙ୍କୁ 'ନବଜୀବନ'ର ପ୍ରତିଷ୍ଠାତା ଚିନ୍ତାମଣି ମିଶ୍ର, ସଂଗ୍ରାମୀ ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ଭଳି ଧୂରୀଣ ବ୍ୟକ୍ତିତ୍ୱ ସହଯୋଗର ହାତ ବଢ଼ାଇଥିଲେ ।

ମୁକ୍ତିସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ମାତ୍ର ୩ ବର୍ଷ ବର୍ଷ ବୟସରେ ପିତା ଦିଗମ୍ବର ମିଶ୍ରଙ୍କୁ ହରାଇ ପିତୃହୀନ ହୋଇଥିଲେ । ପରେ ତାଙ୍କ ବଡ଼ମାମୁଁ ବିଶ୍ୱନାଥ ମିଶ୍ରଙ୍କ ପରାମର୍ଶ କ୍ରମେ ୧୯୨୧ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟରେ ଶିକ୍ଷାଗ୍ରହଣ ପାଇଁ ପାଇଁ ସେ ସାକ୍ଷୀଗୋପାଳ ଅଭିମୁଖେ ଯାଇଥିଲେ । ପ୍ରଥମ ଥର ପାଇଁ ପଞ୍ଚସଖା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ଓ କୃପାସିନ୍ଧୁ ମିଶ୍ର ପ୍ରମୁଖଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଧୀନତାର ମହାମନ୍ତ୍ରରେ ଆକୃଷ୍ଟ ହୋଇଥିଲେ । ଆଉ ସେହିଠାରୁ ହିଁ ବାନରସେନା ଗଢ଼ିବା ଲାଗି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ପ୍ରତିଷ୍ଠା କରିବାର କୌଶଳ ଶିଖିଥିଲେ ।

୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଆହ୍ୱାନରେ ରାଜ୍ୟର ବିଭିନ୍ନ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ପାଇଁ 'ବାନରସେନା' ଗଠନ କରାଯାଉଥାଏ । ଆଉ ସେହି 'ବାନରସେନା'ରେ ସାମିଲ ହେବା ପାଇଁ ସୈନିକ ବା କର୍ମୀ ଯୋଗାଡ଼ କରିବାକୁ ଆହ୍ୱାନ ଦିଆଯାଇଥିବାରୁ ବାଜପୁରରେ ଏଥିପାଇଁ ମୂଳଦୁଆ ପକାଇବାକୁ ନିଷ୍ପତ୍ତି ହୋଇଥିଲା । ପାଠପଢ଼ା, ପରିବାର, ଭବିଷ୍ୟତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଆଦି ପରିତ୍ୟାଗ କରି ଗଡିଧାରାରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ଟାଣି 'ବାନରସେନା' ପାଇଁ କର୍ମୀ ଯୋଗାଡ଼ କରିବାର ଦୁର୍ବାର ଶପଥ ନିଆଯାଇଥିଲା ।



ସେତେବେଳେ ଅସହଯୋଗ ଆନ୍ଦୋଳନର ନିଶା ସମସ୍ତଙ୍କୁ ଘାରିଥାଏ । ଦିନକର କଥା । ସ୍ୱାଧୀନତା ସଂଗ୍ରାମ ସୈନିକ ସଦନର ସଦସ୍ୟମାନେ ରାତି ପାହିବା ପୂର୍ବରୁ କଣାସ ନିକଟବର୍ତ୍ତୀ ଦୟାନଦୀ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା । ସେହି କ୍ୟାମ୍ପରୁ ଅସହଯୋଗ ଆନ୍ଦୋଳନର ନୂତନ ପର୍ଯ୍ୟାୟ ଆରମ୍ଭ ହେବ ବୋଲି କୁହାଯାଇଥିଲା । ଆଖିରେ ଆଖିଏ ନିଦ । ଅବଶ ହୋଇପଡ଼ିଲାଣି ସଂଗ୍ରାମୀଙ୍କ ଶରୀର । କାହାର କାହାର ଗୋଡ଼ ଖଣ୍ଡିଆ ହୋଇ ଛୁଟିଲାଣି ରକ୍ତଧାର । ଖୁବ୍ ଦୂରରୁ ଦେଖାଯାଉଛି କଣାସର ନଦୀକୂଳ ବରଗଛ । ସଭା ପାଇଁ ସେଠାରେ ଚାଲିଛି ପ୍ରସ୍ତୁତି । ଲାଠି, ବେଡ଼ିକୁ ଖାତିର ନାହିଁ । ରାତି ଅନିଦ୍ରା ହୋଇ ବହୁ ପଥ ଅତିକ୍ରମ କରି ଆସିଥିବା ୫ଜଣଙ୍କୁ ଦିଆଗଲା ପିକେଟିଂ ଦାୟିତ୍ୱ । ସେହି ନିଃସଙ୍ଗ ବାନର ସେନାର ସେନାପତିତ୍ୱ ଗ୍ରହଣ କରିଥାନ୍ତି ସଦନର ସବଳ, ବପୁବାନ୍, ତେଜସମ୍ପନ୍ନ ସଂଗ୍ରାମୀମାନଙ୍କୁ । ଲକ୍ଷ୍ୟ ଥିଲା ପିକେଟିଂ । ଜାତୀୟ ସଙ୍ଗୀତ ଆବୃତ୍ତି ଏବଂ ହସ୍ତଶୋଭିତ ତ୍ରିରଙ୍ଗା ପତାକାର ଲହରୀଳ ନୃତ୍ୟଚ୍ଛ ତା'ପରେ କର୍ତ୍ତବ୍ୟନିଷ୍ଠ ବ୍ରିଟିଶ ପୋଲିସ ଏବଂ ବାନରସେନା ଭିତରେ ବେଶ୍ ଉପଭୋଗ୍ୟ ଖଣ୍ଡଯୁଦ୍ଧଚ୍ଛ ହାତରେ ବେଡ଼ି, ଅଣ୍ଟାରେ ଦଉଡ଼ି, କଣ୍ଠରେ ଦେଶାତ୍ମବୋଧ ସଙ୍ଗୀତର ଆବୃତ୍ତି । ପତାକାଟା କିନ୍ତୁ ପୋଲିସ ବୁଟ୍ ତଳେ ଛିନ୍ନଭିନ୍ନ ହୋଇ ସୁଦ୍ଧା ଶୋଭା ପାଉଥିଲା ପଣ୍ଡିତ ଶ୍ରୀ ମିଶ୍ରଙ୍କ ମସ୍ତକରେ ।

୧୯୩୧ ମସିହାରେ ଅନୁଷ୍ଠିତ 'ଲବଣ ସତ୍ୟାଗ୍ରହ'ରେ ପଣ୍ଡିତ ମିଶ୍ରଙ୍କ ସମେତ ସଦନର ସଦସ୍ୟମାନେ ସାମିଲ ହୋଇ ଲୁଣ ମାରିବାକୁ ଯାଇଥିବା ବେଳେ ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ । ତତଲା ବାଲିରେ ସ୍ଲେଜ ଗାଡ଼ି ଭଳି ଘୋଷରା ଖାଇବାକୁ ପଡ଼ିଥିଲା ସେମାନଙ୍କୁ । ମଝିରେ ମଝିରେ ଦିଆଯାଉଥିଲା ଲାଠି ଓ କୋରଡ଼ାରେ ପ୍ରହାର । ପିଇବାକୁ ପାଣି ବଦଳରେ ଦିଆଯାଉଥିଲା ପରିଶ୍ରା । ପୁଲିସ ଭ୍ୟାନରେ ଆଳୁବସ୍ତା ପରି ଭର୍ତ୍ତି କରି ସଂଗ୍ରାମୀଙ୍କୁ ପ୍ୟାକ କରି ନିଆଯାଉଥିଲା । ପରେ ଭ୍ୟାନ ଛୁଟୁଥିଲା ପୁରୀ ଆଡ଼କୁ । ପୁରୀ ପୋଲିସ ହାଜତରେ ବିନା ଖାଦ୍ୟ ଓ ପାଣିରେ ରହିବାକୁ ପଡ଼ିଲା ସେମାନଙ୍କୁ ସପ୍ତାହକ ପର୍ଯ୍ୟନ୍ତ । ଏହି ସମୟରେ ସଦନର ସଦସ୍ୟମାନେ ମରିବୁ ପଛେ, ହାରିବୁ ନାହିଁ ବୋଲି ଶପଥ ନେଇଥିଲେ । 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ପ୍ରେରଣା କ୍ରମେ ଏହାର ସଦସ୍ୟମାନେ ଗଭୀର ଅନୁରକ୍ତି ସହ ଅଭେଦ୍ୟ ମମତା ଏବଂ ଅତୁଟ ସ୍ନେହରେ ସମସ୍ତଙ୍କୁ ବାନ୍ଧି ରଖିଥିଲେ ।

ପ୍ରଖ୍ୟାତ ସ୍ୱାଧୀତନା ସଂଗ୍ରାମୀ ଗୋକୁଳମୋହନ ରାୟଚୁଡ଼ାମଣି ଓ କୁନ୍ଦନ ରାମ୍ ପ୍ରମୁଖ ମଧ୍ୟ ସଦନକୁ ସୁଦୃଢ଼ କରିବାକୁ କେତେକାଂଶରେ ସହଯୋଗ କରିଥିଲେ । ବିଦ୍ରୋହୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଉଦ୍ଦେଶ୍ୟରେ ଜମିଦାର ପରମ୍ପରାର ଅନେକ ପରିବାରର ସଦସ୍ୟଙ୍କୁ ବାଜପୁର ଅଣାଯାଇ ସଦନରେ ସାମିଲ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସଦନର ସଦସ୍ୟମାନେ ସଂଗୃହୀତ ଲୁହାରେ ଖଣ୍ଡା, ଢାଲ, ବର୍ଚ୍ଛା, ତୀର ଆଦି ତିଆରି କରୁଥିଲେ । ଏହି ବିପ୍ଳବୀଙ୍କ ହାତରେ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଦେଖି ଇଂରେଜ ସେନାପତିମାନେ ଆଶ୍ଚର୍ଯ୍ୟ ହୋଇଥିଲେ । ସଦନର ସଦସ୍ୟମାନେ ବିଭିନ୍ନ ଅଞ୍ଚଳର ବିପ୍ଳବୀଙ୍କୁ ଅଧିକାଂଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବା ଇଂରେଜମାନେ ଜାଣିବାକୁ ପାଇବାରୁ ସଦନର ସଦସ୍ୟଙ୍କୁ ଟାଣି ଟାଣି ଜେଲ ହାଜତକୁ ନେଇଥିଲେ ।

ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ୧୯୪୨ ନଭେମ୍ବର ୧୬ରେ ସଦନର ସଦସ୍ୟମାନେ ଖୋରଧା ଓ ପାଟଣା କ୍ୟାମ୍ପ ଜେଲରେ ବନ୍ଦୀ ଜୀବନ ବିତାଇଥିବାର ନଜିର ରହିଛି । ବାଜପୁରରେ ପ୍ରତିଷ୍ଠିତ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ସାରା ରାଜ୍ୟରେ ବାନରସେନାର ପ୍ରାଣକେନ୍ଦ୍ର ଭାବେ ଅଜସ୍ର ପ୍ରଶଂସା ସାଉଁଟିଥିଲା । ସୈନିକ ସଦନର ନିଷ୍ପତ୍ତି କ୍ରମେ ୧୯୪୭ରେ ଖଦଡ଼ ଓ ଧୋତି ପରିଧାନ କରି ଏହାର ସଦସ୍ୟମାନେ ହାତରେ ତ୍ରିରଙ୍ଗା ଧରି ଗାଁକୁ ଗାଁ ବୁଲିଲେ । ୧୯୫୩ରେ ଭୂତପୂର୍ବ ଅର୍ଥ ଓ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ମୂର୍ତ୍ତି ସ୍ଥାପନ ସମିତିର ସହକାରୀ ସମ୍ପାଦକ ଉଦୟନାଥ ଷଡ଼ଙ୍ଗୀ ପ୍ରମୁଖ ଏହି ସଦନ ପରିଦର୍ଶନରେ ଆସି ବାନରସେନାଙ୍କ କାର୍ଯ୍ୟର ବିମୋହିତ ହୋଇଥିଲେ ।

ଅନ୍ୟପକ୍ଷରେ ସୈନିକ ସଦନ ହିଁ ସଂଗ୍ରାମୀଙ୍କୁ ସାରସ୍ୱତ ସାଧନା ପାଇଁ ପ୍ରବର୍ତ୍ତାଇ ଥିଲା । ଏହାର ଫଳସ୍ୱରୂପ ୧୯୬୧ରେ ପଣ୍ଡିତ ମିଶ୍ର 'ଚିଲିକା ଦର୍ଶନ', 'ଭୋଟର ଭାବନା', 'ସାମୟିକୀ' ଓ 'ଦଶଦିଗ' ଆଦି କାବ୍ୟ ରଚନା କରି ସାହିତ୍ୟ ଆକାଶକୁ ଋଦ୍ଧିମନ୍ତ କରିଥିଲେ । ୧୯୬୭ରେ ପାଟଣା ମହାରାଜା ତଥା ନୂତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରୟଣ ସିଂହଦେଓଙ୍କ ସମ୍ପର୍କରେ ଲିଖିତ 'ପୁଣ୍ୟଶ୍ଲୋକ' ଆତ୍ମପ୍ରକାଶ କରିଥିଲା । ତେବେ ସେ ଯାହହେଉ, ୮୬ ବର୍ଷ ବୟସରେ ପହଞ୍ଚିଥିବା ସୈନିକ ସଦନ ଆଜି ବି ସଗର୍ବେ ମୁଣ୍ଡ ଟେକି ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଆସୁଛି ।

**୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲ୍ଲା (ଏବେ ଖୋରଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତିମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି । ହେଲେ ଏହା ଏବେ ବି ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେ ମାତ୍ର ବିଚ୍ୟୁତ ନହୋଇ ତା'ର କାର୍ଯ୍ୟଧାରା ଜାରି ରଖିଛି । ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର ।**

**(୮୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ**
**(୨୩.୫.୨୬)**

**ଟ୍ରଷ୍ଟି, ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ,**
**ବାଜପୁର,ମୋ– ୯୭୭୮୫–୨୨୮୮୨**

# ଭଞ୍ଜନଗରରେ ପ୍ରସିଦ୍ଧ ଠାକୁରାଣୀ ଯାତ୍ରା



ଦିଲୀପ ଚାୱ୍ଡ଼ା

ପ୍ରତି ଗ୍ରାମରେ ଗ୍ରାମଦେବୀ ବା ଠାକୁରାଣୀଙ୍କ ମନ୍ଦିର ନିଶ୍ଚିତ ଭାବେ ଥିବ । ଦେବୀ ମନ୍ଦିରରେ ରହି ଗାଁର ସୁଖଦୁଃଖ ବୁଝୁଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ବର୍ଷ ବ୍ୟବଧାନରେ ମା ଠାକୁରାଣୀଙ୍କୁ ଗ୍ରାମବାସୀ ଅସ୍ଥାୟୀ ମନ୍ଦିରକୁ ଆମନ୍ତ୍ରଣ କରି ଆଣି କିଛିଦିନ ଗାଁ ବୁଲାନ୍ତି । ଦେବୀଙ୍କ ଏହି ବୁଲିବା କାଳ ଠାକୁରାଣୀ ଯାତ୍ରା ନାମରେ ପରିଚିତ । ରାଜ୍ୟର ବହୁ ସ୍ଥାନରେ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହେଉଥିଲେ ମଧ୍ୟ ଭଞ୍ଜନଗରରେ ପଚିଶି ଦିନ ବ୍ୟାପୀ ଆୟୋଜିତ ଯାତ୍ରା, ଯାହା ଗତ ଶେଷ ହୋଇଛି ତାହା ଓଡ଼ିଶା ପ୍ରସିଦ୍ଧ । ପ୍ରତି ତୃତୀୟ ବର୍ଷରେ ଥରେ ଭଞ୍ଜନଗରରେ ଅନୁଷ୍ଠିତ ଠାକୁରାଣୀ ଯାତ୍ରାରେ କେତେ ଲକ୍ଷ ଭକ୍ତଙ୍କ ସମାଗମ ହୁଏ ତାହାର ହିସାବ ରଖିବା ସମ୍ଭବ ନୁହଁ । ଆଲୋଚ୍ୟ ଯାତ୍ରାର ବିଶେଷତ୍ୱ ହେଲା ଯେ, ଏଠାରେ ଠାକୁରାଣୀଙ୍କ ଘଟଯାତ୍ରା ସଙ୍ଗେ ଭଞ୍ଜ ବଂଶର ଆରାଧଦେବୀ ବାଗ୍‌ଦେବୀଙ୍କୁ ଏକତ୍ର ପୂଜା କରିବା । ରାଜ୍ୟର ଅନ୍ୟ କୌଣସି ଯାତ୍ରାରେ ଏପରି ଦୁଇ ଦେବୀଙ୍କୁ ଏକତ୍ର କରି ପୂଜା କରିବା ଦେଖାଯାଏ ନାହିଁ ।



**ଠାକୁରାଣୀ ଯାତ୍ରାର ସମୟ –**ଭଞ୍ଜନଗରର ଠାକୁରାଣୀ ମନ୍ଦିର ଅତି ପ୍ରାଚୀନ ହେଲେ ମଧ୍ୟ ଠାକୁରାଣୀଙ୍କୁ ଘଟ କଳସରେ ଆଣି ଯାତ୍ରାର ଆୟୋଜନ କରାଯିବାର ପରମ୍ପରା ବୋଧହୁଏ ଦୁଇଶହ ବର୍ଷ ହେଲା ପ୍ରଚଳିତ ଅଛି ।

**ଯାତ୍ରା ଆରମ୍ଭ ପୂର୍ବର କିମ୍ବଦନ୍ତୀ –** କିମ୍ବଦନ୍ତୀରୁ ଜଣାପଡ଼େ ଥରେ ମହୁରୀର ଜଣେ ରାଜା ହରିହର ନରେନ୍ଦ୍ର ଦେବ ଆନ୍ଧ୍ରପ୍ରଦେଶରେ ଥିବା ରାଜମହେନ୍ଦ୍ରୀ ରାଜାଙ୍କ ଅତିଥି ହୋଇ ସେଠାକୁ ଯାଇଥିଲେ । ସେହି ଅବସରରେ ନରେନ୍ଦ୍ର ଦେବ ଠାକୁରାଣୀଙ୍କ ଘଟପୂଜା ଦେଖିବାର ସୁଯୋଗ ପାଇଲେ । ଦିନେ ଘଟପୂଜା କରୁଥିବା ଡେରା ସମ୍ପ୍ରଦାୟର ଜଣେ ଲୋକ ରାଜାଙ୍କୁ ଅତି ସୂକ୍ଷ୍ମ ପାଟ ବସ୍ତ୍ରଟିଏ ଭେଟି ଦେବାରୁ ପାଟର କାରୁକାର୍ଯ୍ୟରେ ଅତି ପ୍ରୀତ ହୋଇ ରାଜା ହରିହର ଉକ୍ତ କାରିଗରଙ୍କୁ ସପରିବାର ମହୁରୀରେ ରହି କାର୍ଯ୍ୟ କରିବା ଲାଗି ଆମନ୍ତ୍ରଣ କଲେ । ରାଜାଙ୍କ ଅନୁରୋଧ ରକ୍ଷା କରି କିଛି ଡେରା ପରିବାର ମହୁରୀରେ ବସବାସ କଲେ । ସେହିଦିନଠାରୁ ବ୍ରହ୍ମପୁର ସରହରେ ସୁନ୍ଦର ପାଟଶାଢ଼ି ବୁଣା କାର୍ଯ୍ୟ ଆରମ୍ଭ ହେଲା । ବସତି ସ୍ଥାପନର କିଛି ଦିନ ପରେ ସେମାନେ ରାଜାଙ୍କ ପୃଷ୍ଠପୋଷକତ୍ୱରେ ବ୍ରହ୍ମପୁରଠାରେ ଠାକୁରାଣୀ ଯାତ୍ରା ଆରମ୍ଭ କଲେ । ବୋଧହୁଏ ସେହିଦିନଠାରୁ ଗଞ୍ଜାମ ଜିଲ୍ଲାରେ ଘଟକଳସ ମାଧ୍ୟମରେ ଠାକୁରାଣୀ ଯାତ୍ରା ଆରମ୍ଭ ହେଲା । କାଳକ୍ରମେ ଡେରା ସମ୍ପ୍ରଦାୟର ଲୋକେ ଗଞ୍ଜାମ, କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବାସ କରି ଠାକୁରାଣୀ ଯାତ୍ରାର ପ୍ରସାର କରିଥିବା ବିଶ୍ୱାସ କରାଯାଏ । ରାଜାରାଜୁଡ଼ା ଶାସନ ଗଲା । ରାଜାଙ୍କ ଆର୍ଥିକସ୍ଥିତି ଖରାପ ହେଲା । ଆର୍ଥିକ ଅନଟନରେ ଗତି କରୁଥିବା ରାଜପରିବାରକୁ ଡେରା ସମ୍ପ୍ରଦାୟର ଚିନମ୍ ଲାଚ୍ଛନା ନାମକ ଜଣେ ଧନୀ ବ୍ୟକ୍ତି ଅର୍ଥ ସାହାଯ୍ୟ କଲେ । ଚିନମ୍ ଲାଚ୍ଛନାଙ୍କ ସାହାଯ୍ୟ ପାଇ ମହୁରୀ ରାଜା ତାଙ୍କୁ ବେହେରା ଉପାଧିରେ ଭୂଷିତ କରି ଠାକୁରାଣୀଙ୍କ ଘଟଯାତ୍ରା ପରିଚାଳନା ଭାର ତାଙ୍କ ହସ୍ତରେ ଅର୍ପଣ କଲେ ।

**କ୍ରମଶଃ...**

**ଭଞ୍ଜନଗର(ଗଞ୍ଜାମ)**
**ମୋ– ୯୩୩୭୬୨୧୦୧୭**

## ସୁକାନ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ୫ ମୁଖ୍ୟ ଅଭିଯୁକ୍ତ ଗିରଫ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ବାରବାଟି ପଂଚାୟତ ବେତଣ୍ଡା ଗ୍ରାମରେ ଗତ ଏପ୍ରିଲ ୧୬ ତାରିଖରେ ସଙ୍ଗଠିତ ଶୁସାନ୍ତ ମଲିକ ହତ୍ୟାକାଣ୍ଡରେ ଲିପ୍ତ ୫ ଅଭିଯୁକ୍ତଙ୍କୁ



ପୁଲିସ ଗିରଫ କରି କୋର୍ଟ ଚାଲଣ କରିଛି। ସୂଚନା ମୁତାବକ ଗତ ଏପ୍ରିଲ ୧୬ ତାରିଖରେ ବେତଣ୍ଡା ଗ୍ରାମର ଶୁସାନ୍ତ ମଲିକ ବାରବାଟି ବଜାରକୁ ଯାଇ ରାତି ସାଢେ ୯ଟାରେ ଘରକୁ ଫେରୁଥିବା ବେଳେ ଘର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ଫାର୍ସା, ଭୁଜାଲି, ସାବଳ ଓ ଟାଙ୍ଗିଆରେ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ଶୁସାନ୍ତଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଶୁସାନ୍ତଙ୍କ ପନୀ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୬/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିବା ସହ ଉକ୍ତ ଗ୍ରାମର ୭ଜଣ ମହିଳା ସମେତ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଘଟାଇ ଫେରାର ହୋଇ ସୁରତକୁ ପଳାଇଥିଲେ। ଧର୍ମଶାଳା ପୁଲିସ ପାଖରେ ଅପହଁଚ ଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୁଲିସ ଯୋଜନା ଚଳାଇଥିଲା। ତେବେ ମୁଖ୍ୟ ଅଭିଯୁକ୍ତମାନେ ସୁଦୁର ସୁରତରେ ରହୁଥିବା ଠାବ କରି ପୁଲିସର ଏକ ଟିମ ସେଠାରେ ଚଢାଉ କରି ୫ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଧର୍ମଶାଳା ଥାନାକୁ ଆଣିଥିଲା। ଗିରଫ ଅଭିଯୁକ୍ତମାନେ ଏହି ଥାନା ବେତଣ୍ଡା ଗ୍ରାମର ବିପିନ ମଲିକ(୩୧),ତପିନ ମଲିକ(୨୭), ସଞ୍ଜୟ ମଲିକ(୩୦),ରାଜୁ ମଲିକ(୩୪) ଓ ମାନଗୋବିନ୍ଦ ମଲିକ(୩୩) ବୋଲି ଜଣାପଡିଛି। ଆଜି ପୁର୍ବାହ୍ନରେ ଧର୍ମଶାଳା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ଏସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ଚିନ୍ମୟୀ ସାହୁ ଏବଂ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ବଗିରିଆ ସେବା ସମବାୟ ସମିତିକୁ ନେଇ ପୁଣି ଅସନ୍ତୋଷ, ଜିଲ୍ଲାପାଳଙ୍କୁ ଭେଟିଲେ ବୋର୍ଡ ସଦସ୍ୟ

ପାଣିକୋଇଲି, (ସବ୍ୟୁ) : କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଂଚାୟତର ବଗିରିଆ ପ୍ରାଥମିକ କୃଷି ସମବାୟ ସମିତିଃର ପୁର୍ବତନ ସମ୍ପାଦକ ସୁଦର୍ଶନ ମଲ୍ଲିକ ଚଂଚକତା କରି ତାଙ୍କ ପୁଅ ଦେବାଶିଷ ମଲ୍ଲିକଙ୍କୁ ସହ ସମ୍ପାଦକ ନିଯୁକ୍ତି ମାମଲାର ଭିନ୍ନ ମୋଡ ନେଇଛି। ବୋର୍ଡ ସଦସ୍ୟମାନେ ଜିଲ୍ଲାପାଳ ଓ ଡିଆର ସିଏସଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଯେ ଗତ ଏପ୍ରିଲ ୩୦ ତାରିଖ ସମ୍ପାଦକ ଶ୍ରୀ ମଲ୍ଲିକ ତାଙ୍କ ପଦବୀରୁ ଅବସର ଗ୍ରହଣ କରିଛନ୍ତି। କିନ୍ତୁ ଅବସର ପୂର୍ବରୁ ନିଜ ପୁତ୍ରକୁ ବରିରିଆ ପାକ୍ସରେ ଜାଲିଆତି କରି ସହ ସମ୍ପାଦକ ଭାବେ ନିଯୁକ୍ତି କରିଥିଲେ। ଏହାର ପ୍ରତିବାଦ କରି ବୋର୍ଡ ସଦସ୍ୟ ମାନେ ଅଭିଯୋଗ କରିଥିଲେ। ଗତ ଏପ୍ରିଲ ୨୪ ତାରିଖ ଅଭିଯୋଗ ପରେ ଗତ ମଇ ୮ ତାରିଖ ଯୁଗ୍ମ ନିବନ୍ଧକଙ୍କ ଦ୍ୱାରା ଏହାର ତଦନ୍ତ କରାଯାଇଥିବା ବେଳେ ସମ୍ପାଦକଙ୍କ ଜାଲିଆତି ଓ କଳା କାର୍ଯ୍ୟ ଧରାପଡିବା ଭୟରେ କିଛି ମୁଷ୍ଟିମେୟ ବା ସମର୍ଥକଙ୍କୁ ଧରି ତଦନ୍ତରେ ବାଧା ଉପୁଜାଇଥିଲେ। ଗତ ମଇ ୪ ତାରିଖ ବରୁଣ୍ଡାଇ ସେବା ସମବାୟ ସମିତିର ସମ୍ପାଦକ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଅବଧି ତାଙ୍କୁ ପୂର୍ବ ସମ୍ପାଦକ ଶ୍ରୀ ମଲ୍ଲିକ କାର୍ଯ୍ୟଭାର ହସ୍ତାନ୍ତର କରିନାହାନ୍ତି। ଅପରପେକ୍ଷ ତାଙ୍କ ପୁଅଙ୍କୁ କିଛି ଅସାମଜିକ ବ୍ୟକ୍ତିଙ୍କ ସହ ଜୋର ଜବରଦସ୍ତ ସମିତି କାର୍ଯ୍ୟାଳୟକୁ ପଠାଇ କାଯ୍ୟରେ ନିୟୋଜିତ କରିବା ପାଇଁ କାର୍ଯ୍ୟ ନିର୍ବାହୀଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି। ଫଳରେ କାର୍ଯ୍ୟ ସୁରୁଖୁରରେ ହେବା ପରିବର୍ତେ ବିଭିନ୍ନ ସମସ୍ୟା ଉପୁଜୁଛି। ଯାହା ଫଳରେ ଆଜି ବୋର୍ଡ ର ସଦସ୍ୟ ଉପସଭାପତି ନିରୁପମା ମହାପାତ୍ର, ଅଶୋକ କୁମାର ସାହୁ, ଅକ୍ଷୟ ଧଳ ପ୍ରମୁଖ ଏହାର ତଦନ୍ତ କରି ସମବାୟ ସମିତିକୁ ସୁରୁଖୁରରେ ଚଳାଇବା ସହ ଚାଷୀଙ୍କ ସ୍ୱାର୍ଥ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଦେଶରେ ଧନୀ-ଗରିବ ତାରତମ୍ୟ ଭୟଙ୍କର ଭାବେ ବୃଦ୍ଧି ପାଉଛି : କଂଗ୍ରେସ

ଭୁବନେଶ୍ୱର(ସବ୍ୟୁ): କେନ୍ଦ୍ର ସରକାରଙ୍କ ଭୁଲ ଅର୍ଥନୀତି ପରଚାଳନା ଓ ବହୁ କ୍ଷେତ୍ରରେ ଭୁଲ ନିଷ୍ପତ୍ତି ଯୋଗୁଁ ଭାରତ ବର୍ଷର ଅର୍ଥନୀତି ଆଜି ନିମ୍ନଗାମୀ । ଏକ ଭୟଙ୍କର ଅର୍ଥନୈତିକ ବାତ୍ୟା ଭାରତ ପ୍ରତି ମାଡ଼ି ଆସୁଛି । ଯାହାକି ଦୀର୍ଘ ବର୍ଷର କଠିନ ପରିଶ୍ରମ ଦ୍ୱାରା ଭାରତ ବର୍ଷର ଅର୍ଥନୀତି ଯେଉଁ ପ୍ରଗତୀ ହାସଲ କରିଥିଲା, ତାହା ଆଜି ଶେଷ ହେବାକୁ ଯାଉଛି । ଭାରତ ବର୍ଷର ଅର୍ଥନୀତିର ବୃହତ ଅଂଶ କେବଳ ଆଦାନୀ ଓ ଆମ୍ବାନୀଙ୍କ ହାତରେ ରହିଯାଇଛି । ଏହାଦ୍ୱାରା ଯୁବପୀଢ଼ି, ଗରିବ, ମଧ୍ୟମବର୍ଗ, ଚାଷୀ, ଶ୍ରମିକ ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦବାଶିଷ ନାୟକ କହିଛନ୍ତି ।

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଥିଲେ, ଏହି ଦୀର୍ଘ ୧୨ ବର୍ଷ ଭିତରେ ଧନୀ ଗରିବ ତାରତମ୍ୟ ଭୟଙ୍କର ଭାବରେ ବୃଦ୍ଧି ପାଇଛି ଓ ଆଗକୁ ଏହା ଦ୍ରୁତ ଗତିରେ ବଢ଼ି ଚାଲିଛି । ଭାରତ ବର୍ଷରେ ୪୦ ପ୍ରତିଶତ ଗ୍ରାଜୁଏଟ ଯୁବକ ଓ ଯୁବତୀମାନେ



ବେରୋଜଗାର ଅଛନ୍ତି । ୧୫ରୁ ୨୯ ବର୍ଷ ଯୁବ ବର୍ଗଙ୍କ ବେକାରୀ ସମସ୍ୟା ପିଏଲଏଫଏସ ରିପୋର୍ଟର ଏପ୍ରିଲ ମାସର ତଥ୍ୟ ଅନୁସାରେ ଏହା ୧୫.୨ ପ୍ରତିଶତ ଅଟେ । ସମାନ ଭାବରେ ୧୫ରୁ ୨୪ ବର୍ଷ ଯୁବ ମହିଳାଙ୍କ କ୍ଷେତ୍ରରେ ବେରୋଜଗାରୀ ହାର ୧୮.୭ ପ୍ରତିଶତ । ମୋଦି ସରକାରଙ୍କର ୧୨ ଶାସନ ଭିତରେ ମୁଣ୍ଡ ପିଛା ଋଣର ପରିମାଣ ୧୧ ଗୁଣା ବୃଦ୍ଧି ପାଇଛି । ଦେଶବାସୀଙ୍କୁ ଖୋଦ ପ୍ରଧାନମନ୍ତ୍ରୀ ଏଭଳି ସମସ୍ୟାର ସମାଧାନ ନିମନ୍ତେ ସହଯୋଗ ଲୋଡୁଥିବା ବେଳେ ନିଜେ ବିଦେଶ ଯାଇ ରିଲ କରିବା ଏହା ତାଙ୍କ ନୀତି ଓ ନୈତିକାର ସ୍ଖଳନର ପରିଚୟ ଦେଉଛି । ଗରିବ ଅଧିକ ଗରିବ ହୋଇଯାଉଛି । ଧନୀ ଅଧିକ ଧନୀ ହୋଇଯାଉଛି । ଭାରତ ବର୍ଷ ଯେଉଁ ସାମ୍ୟବାଦ ରାଷ୍ଟ୍ରର ପରିକଳ୍ପନା କରିଥିଲା ତାର ଏକ ବଡ଼ ଭଟା ପଡିସାରିଛି ବୋଲି ଶ୍ରୀ ମହାନ୍ତି କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସର ଗଣମାଧ୍ୟମ ଅଧ୍ୟକ୍ଷ ଜୟସ୍ମିତ ମହାନ୍ତି ଉପସ୍ଥିତ ଥିଲେ ।

## ମାଛ ଧରିବାକୁ ଯାଇ ବୁଡ଼ିଗଲେ ଯୁବକ

ପାରାଦୀପ( ଜି ପ୍ର ) ମାଛ ଧରିବାକୁ ଯାଇ ଯୁବକ ଦେବୀ ନଦୀ ରେ ନିଖୋଜ । ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧିନ ମାଛଗାଁ ସୁକିଦା ଗ୍ରାମର ପ୍ରକାଶ ପରିଡାଙ୍କ ଏକ ମାତ୍ର ପୁଅ ସଂଗ୍ରାମ ପରିଡା ବୟସ ୨୬,ନିଜ ୪ସାଙ୍ଗ ମାନଙ୍କ ସହିତ ଦେବୀ ନଦୀକୁ ମାଛ ଧରିବା ପାଇଁ ଯାଇଥିଲା । ଦୁଇ ସାଙ୍ଗ ନଦ ରେ ପହଁରି କୂଳକୁ ଆସି ଥିବା ବେଳେ ସ୍ମୃତି ରଞ୍ଜନ ପରିଡା ଓ ସଂଗ୍ରାମ ପରିଡା ନଦୀ ରେ ବୁଡ଼ି ଯାଉଥିଲେ । ନଦୀରେ ମାଛ ଧରୁଥିବା କିଛି ବ୍ୟକ୍ତି ସ୍ମୃତିକୁ ଉଦ୍ଧାର କରିଥିବା ବେଳେ ସଂଗ୍ରାମ ନଦୀରେ ବୁଡ଼ି ଯାଇଥିଲା । ଅଗ୍ନିସମ ବାହିନୀ ପହଂଚି ଅନେକ ଖୋଜଖଜି ପରେ ଶବ ଉଦ୍ଧାର କରିଛି ।

## ଆଇଆଇଟି ଭୁବନେଶ୍ୱରରେ ଜିଓ ଏନଭାରନମେଣ୍ଟ-୨୦୨୬ ଉଦ୍‌ଘାଟିତ

ଜଟଣୀ, (ସବ୍ୟୁ): ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱରର ସ୍କୁଲ ଅଫ୍ ଇନଫ୍ରାଷ୍ଟ୍ରକ୍ଚର ପକ୍ଷରୁ ହାଇବ୍ରିଡ୍ ମୋଡ୍‌ରେ ଲିଗାସି ଅପବ୍ୟବସ୍ଥର ଲ୍ୟାଣ୍ଡଫିଲ୍ ମାଇନିଂ (ଭୂ-ପରିବେଶ-୨୦୨୬) ଉପରେ ଦୁଇ ଦିନିଆ ଅନ୍ତର୍ଜାତୀୟ କର୍ମଶାଳା ଉଦଘାଟନ କରାଯାଇଥିଲା। ଏହି କର୍ମଶାଳାର ଲକ୍ଷ୍ୟ ଲ୍ୟାଣ୍ଡଫିଲ୍ ମାଇନିଂ ଏବଂ ବାୟୋମାଇନିଂ ପଦକ୍ଷେପ ମାଧ୍ୟମରେ ଲିଗାସି ଅପବ୍ୟବସ୍ଥ ଡମ୍ପସାଇଟ୍‌ଗୁଡ଼ିକର ପ୍ରତିକାର ସହିତ ଜଡିତ ଉଦୀୟମାନ ପରିବେଶଗତ ଏବଂ ନିୟାମକ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି)ର କମିଶନର ଚଞ୍ଚଲ ରାଣା, ଆଇଏଏସ, ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନାର ବର୍ଦ୍ଧିତ ଚ୍ୟାଲେଞ୍ଜଗୁଡ଼ିକୁ ଆଲୋକପାତ କରି ଚାଲିଥିବା ଭୁଆସୁଣୀ ଡମ୍ପସାଇଟ୍ ପ୍ରତିକାର ବିଷୟରେ ଉଲ୍ଲେଖ କରି,



ସେ ପୁରୁଣା ବର୍ଜ୍ୟବସ୍ତୁ ଚ୍ୟାଲେଞ୍ଜର ମୁକାବିଲା ପାଇଁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା, ବୈଜ୍ଞାନିକ ଆବର୍ଜନା ଚରିତ୍ରୀକରଣ ଏବଂ ବୃତ୍ତାକାର ଅର୍ଥନୀତି ପଦ୍ଧତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡକ୍ଟର ଉଷାରାଣୀ ପଟ୍ଟନାୟକ ସ୍ଥାୟୀ ବର୍ଜ୍ୟ ପରିଚାଳନାରେ ବାୟୋମାଇନିଂ ଏବଂ ବୈଜ୍ଞାନିକ ଲ୍ୟାଣ୍ଡଫିଲ୍ ପ୍ରତିକାରର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉତ୍ତରାଧିକାରୀ ବର୍ଜ୍ୟ ପ୍ରତିକାରରେ ଓଡ଼ିଶାର ଅଗ୍ରଗତି ଉପରେ ଆଲୋକପାତ କରି କହିଥିଲେ ଯେ ରାଜ୍ୟରେ ଚିହ୍ନଟ ହୋଇଥିବା ୧୦୨ ଟି ଡମ୍ପ ସାଇଟ୍ ମଧ୍ୟରୁ ୯୧ ଟି ପୂର୍ବରୁ ମରାମତି କରାଯାଇଛି, ଯାହା ପ୍ରାୟ ୩୫୦ ଏକର ଜମିକୁ ପୁନରୁଦ୍ଧାର କରିଛି। କର୍ମଶାଳାର ସହ-ସଂଯୋଜକ ପ୍ରଫେସର ରାଜେଶ ରୋଶନ ଦାଶ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।ଏହି ଦୁଇ ଦିନିଆ କର୍ମଶାଳାରେ ଇଟାଲୀର ପାଡୋଭା ବିଶ୍ୱବିଦ୍ୟାଳୟ, ଆଇଆଇଟି ଦିଲ୍ଲୀ, ଆଇଆଇଟି ଗୌହାଟୀ, ଆଇଆଇଟି ଖଡଗପୁର,ଆଇଆଇଟି (ବିଏଚୟୁ) ବାରାଣସୀ,ଏନଆଇଟି ତ୍ରିଚି,ଏବଂ ଏଷ୍ଟୋନିଆନ୍ ଲାଇଫ୍ ସାଇନ୍ସ ବିଶ୍ୱବିଦ୍ୟାଳୟ ସମେତ ଖ୍ୟାତନାମା ପ୍ରତିଷ୍ଠାନରୁ ପ୍ରଖ୍ୟାତ ବିଶେଷଜ୍ଞମାନେ ନିମନ୍ତ୍ରିତ ଆଲୋଚନା ଏବଂ ବୈଷୟିକ ବିଚାର ବିମର୍ଶ କରିବେ।

## ଇଡିଆଇଆଇର ୨୫ତମ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ, ଏଣ୍ଟରପ୍ରିନ୍ୟୋରସିପ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଇଡିଆଇଆଇ), ଅହମ୍ମଦାବାଦ ପକ୍ଷରୁ ୨୫ତମ ସମାବର୍ତ୍ତନ ଉତ୍ସବର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର ଉପରାଜ୍ୟପାଳ ବିନୟ କୁମାର ସାକସେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଇଡିଆଇଆଇର ଅଧ୍ୟକ୍ଷ ଏବଂ ଆଇଡିବିଆଇ ବ୍ୟାଙ୍କ ଲିମିଟେଡର ଏମଡି ଓ ସିଇଓ ରାକେଶ ଶର୍ମା, ଇଡିଆଇଆଇର ମହାନିର୍ଦ୍ଦେଶକ ଡଃ ସୁନୀଲ ଶୁକ୍ଲା ଏବଂ ଇଡିଆଇଆଇର ପରିଚାଳନା ବୋର୍ଡର ସମ୍ମାନିତ ସଦସ୍ୟମାନେ ଉପସ୍ଥିତ ଥିଲେ । ୨୫ତମ ସମାବର୍ତ୍ତନ ଉତ୍ସବରେ ୯୮ ଜଣ ଛାତ୍ର ଏବଂ ବିଦ୍ୱାନଙ୍କୁ ବିଭିନ୍ନ ଶିକ୍ଷାଗତ କାର୍ଯ୍ୟକ୍ରମ ପାଇଁ ଡିପ୍ଲୋମା ଏବଂ ସ୍ନାତକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଉପରାଜ୍ୟପାଳ ଶ୍ରୀ ସାକ୍ସେନା କହିଛନ୍ତି, ଏକ ନିରନ୍ତର ବିକଶିତ ବିଶ୍ୱରେ ଉନ୍ନତି ପାଇଁ, ଜଣେ ବ୍ୟକ୍ତିକୁ କୌତୁହଳ ଓ କିଛି ନୂଆ ଶିଖିବାର ବଜାୟ ରଖିବାକୁ ପଡିବ ଏବଂ ଜଣେ ଉତ୍ତମ ପେସାଦାର ଭାବେ ବିକଶିତ ହେବାକୁ ପଡିବ ।ଇଡିଆଇଆଇର ଅଧ୍ୟକ୍ଷ ରାକେଶ ଶର୍ମା କହିଛନ୍ତି, ଉଦ୍ଭାବନ ଉଦ୍ୟୋଗର ମୂଳଦୁଆ ହୋଇ ରହିଛି । ଇଡିଆଇଆଇର ପୂର୍ବତନ ଛାତ୍ରମାନେ ଏହି ମନୋଭାବକୁ ପ୍ରଦର୍ଶିତ କରିଥିବା ବେଳେ ମୁଁ ସ୍ନାତକ ଛାତ୍ରଛାତ୍ରୀଙ୍କୁ, ଜୀବନବ୍ୟାପୀ ଶିକ୍ଷାର୍ଥୀ ହୋଇ ରହିବା- ଧାରଣାକୁ ପ୍ରଶ୍ନ କରିବା, ବିକଳ୍ପର ଅନୁସନ୍ଧାନ କରିବା ଏବଂ ସୃଜନଶୀଳତା ଓ ଉଦ୍ଦେଶ୍ୟ ସହିତ ଆହ୍ୱାନଗୁଡିକର ମୁକାବିଲା କରିବା ପାଇଁ ଆବେଦନ କରୁଛି । ଇଡିଆଇଆଇର ମହାନିର୍ଦ୍ଦେଶକ ଡକଂର ସୁନିଲ ଶୁକ୍ଲା କହିଛନ୍ତି, ଗତ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଆମେ ଉଦ୍ୟୋଗିତାର ଭାବନାରେ ଏକ ସ୍ପଷ୍ଟ ଉତଥାନ ଦେଖିଛୁ । ଆଜି, ସମସ୍ତ ନୀତି ଏବଂ ବିକାଶ ମଡେଲ ମଧ୍ୟରେ, ଉଦ୍ୟୋଗିକତାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

## ଟ୍ରିବ୍ୟୁନାଲରେ ମହାନଦୀ ଜଳ ଉପଲବ୍ଧ ତଥ୍ୟ ସାର୍ବଜନୀନ କରାଯାଉ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ଜୀବନରେଖା ମହାନଦୀର ଜଳ ସ୍ରୋତକୁ ଦୀର୍ଘ ବର୍ଷ ଧରି ଏକଚାଟିଆ ଭାବେ ଛତିଶଗଡ ଅଟକାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିଆସୁଛି । ଲଗାତାର ଭାବେ କେନ୍ଦ୍ର ସରକାର ଓ ଛତିଶଗଡ ସରକାରଙ୍କୁ ଅନୁରୋଧ କରି କୌଣସି ସୁଫଳ ନମିଳିବାରୁ ଓଡିଶା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଆନ୍ତରାଜ୍ୟ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଥିଲା । ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଏହି ବିବାଦ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ କହିଥିଲେ ମଧ୍ୟ ଏଥିରେ କୌଣସି ସୁଫଳ ମିଳିପାରିଲା ନାହିଁ କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ ।ଆଜି ଏକ ପ୍ରେସ ବିବୃତ୍ତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ବିଜେପି ସରକାରଙ୍କ କୌଣସି ସ୍ପଷ୍ଟ ଆଭିମୁଖ୍ୟ ନାହିଁ । ସରକାର ଦ୍ୱନ୍ଦ୍ୱରେ ଅଛନ୍ତି । ପ୍ରଥମେ ଆପୋସ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ବାହାର କରାଯିବ ବୋଲି କୁହାଗଲା, କିନ୍ତୁ ସେ ଦିଗରେ କୌଣସି ଅଗ୍ରଗତି ହେଲା ନାହିଁ ବୋଲି କହିଥିଲେ ।

ସେ କହିଥିଲେ ବିଜେପି ସରକାର ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ବସିଛି । ଛତିଶଗଡ଼ ଓଡିଶା ସରକାରଙ୍କ କଥାକୁ ଶୁଣିବାକୁ ପ୍ରସ୍ତୁତ ନୁହେଁ ଓ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି । ରାଜ୍ୟ ବିଜେପି ସରକାରଙ୍କ କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ନାହିଁ । ଛତିଶଗଡ଼ ଏବେ ଅଧିକ ଜଳ ରୋକିବା ପାଇଁ ତଳ ଅଞ୍ଚଳରେ ଓ ଉପ ନଦୀରେ ମଧ୍ୟ ଚେକ୍ ଡ୍ୟାମ ଓ ବାଲି ବନ୍ଧ ନିର୍ମାଣ କରୁଛି । ଗୋଟିଏ ପଟେ ଓଡ଼ିଶାର ଲୋକେ ପାଣି ମୁନ୍ଦିଏ ପାଇବା ପାଇଁ ଉହଳ ବିକଳ ହେଉଛନ୍ତି, ଆର ପଟରେ ଛତିଶଗଡ଼ ଶିଳ୍ପକୁ ଜଳ ବିକ୍ରି କରୁଛି । ଏହି ମର୍ମରେ ମହାନଦୀ ବଞ୍ଚାଓ ଆନ୍ଦୋଳନ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଥିଲେ ଏବଂ ତାଙ୍କ ସହିତ ଆଲୋଚନା କରିବା ନିମନ୍ତେ ଏକ ସମୟ ନିର୍ଦ୍ଧାରଣ ପାଇଁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ନା ଅନୁରୋଧ ରକ୍ଷା କଲେ ନା 'ମହାନଦୀ ବଞ୍ଚାଓ ଆନ୍ଦୋଳନ'କୁ କୌଣସି ସମୟ ଦେଲେ । ମଇ ୨୦ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପାଇଁ ସୁଯୋଗ ନମିଳିବାରୁ ଆଜି 'ମହାନଦୀ ବଞ୍ଚାଓ ଆନ୍ଦୋଳନ'ର କର୍ମକର୍ତ୍ତାଗଣ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ତାଙ୍କ ସହିତ ଆଲୋଚନା କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ ।

## "ଅଜୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ" ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଫଳତା




ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର, ତମାଣ୍ଡୋ ଭ୍ରମରବର ଉଚ୍ଚବିଦ୍ୟାଳୟ ନିକଟସ୍ଥ "ଅଜୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ" ଦ୍ୱାଦଶ ଶ୍ରେଣୀର (ବିଜ୍ଞାନ ବିଭାଗ) ଛାତ୍ରଛାତ୍ରୀ ମାନେ ଶତପ୍ରତିଶତ ସଫଳତା ହାସଲ କରି ଅନୁଷ୍ଠାନ ଓ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ୧୬୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ ଜଣ ଶତକଡା ୯୦ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫୫ ଜଣ ଛାତ୍ରଛାତ୍ରୀ ଶତକଡା ୮୦ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅଭୁତପୂର୍ବ ସଫଳତା ପାଇଁ ମହାବିଦ୍ୟାଳୟର ଚେୟରମ୍ୟାନ ବ୍ରହ୍ମାନନ୍ଦ ମଙ୍ଗରାଜଙ୍କର ପ୍ରୟାଶ ଚିରସ୍ମରଣୀୟ। ନିର୍ଦ୍ଦେଶିକା ଇତିଶ୍ମିତା ସ୍ୱାଇଁ, ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପଣ୍ଡା, ଅଧ୍ୟାପକ ଲକ୍ଷ୍ମୀକାନ୍ତ ମିଶ୍ର, ପ୍ରଶାସନିକ ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ଓ ମହାବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ମାନେ ଛାତ୍ରଛାତ୍ରୀ ମାନଙ୍କର ଉତ୍ତମ ଭବିଷ୍ୟତ କାମନା କରିଛନ୍ତି।

## ଅସିତ୍ ଜେନା ପାଇଲେ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ଜୟଦେବ ଭବନ ପରିସରରେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ୍ ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସର୍କଲ ପକ୍ଷରୁ ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୩୫ ତମ ଶ୍ରାଦ୍ଧ ଦିବସରେ ଓଡ଼ିଶାର କୋଣ ଅନୁକୋଣରରୁ ଜାତୀୟ ସେବା ଯୋଜନା, ଯୁବ ରେଡ୍ କ୍ରସ୍, ଭାରତ ସ୍କାଉଟ୍ ଗାଇଡ୍, ଏନ୍ସିସି, କଳା, ସଙ୍ଗୀତ, ସାହିତ୍ୟ, ବିଜ୍ଞାନ ଓ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ବିଭିନ୍ନ ମହାବିଦ୍ୟାଳୟ , ବିଶ୍ୱବିଦ୍ୟାଳୟ , ବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ମାନଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ -୨୦୨୬ ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ଛାତ୍ର ସ୍ୱେଚ୍ଛାସେବୀ ଅସିତ୍ ଜେନା ଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ୨୦୨୬ ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅସିତ୍ ଜେନା ହେଉଛନ୍ତି, ଢେଙ୍କାନାଳ ଜିଲ୍ଲାର ସୋରଡାନାଳି ଗ୍ରାମର ଗଣେଶ୍ୱର ଜେନା ଙ୍କର ସୁପୁତ୍ର ଏବଂ ଏହି କୃତିତ୍ୱ ର ସମସ୍ତ ଶ୍ରେୟ ସେ ତାଙ୍କ ପିତା ଙ୍କୁ ଦେଉଛନ୍ତି । ଅସିତ୍ ଜେନା ରକ୍ତଦାନ କାର୍ଯ୍ୟକ୍ରମ,



ବୃକ୍ଷରୋପଣ, ଶିଶୁ ଙ୍କୁ ମାଗଣା ଶିକ୍ଷା ଏବଂ ବିଭିନ୍ନ ସାମାଜିକ ସଚେତନ ମୂଳକ କାର୍ଯ୍ୟ କ୍ରମରେ ଉଲ୍ଲେଖନୀୟ ଭୂମିକା ପ୍ରଦାନ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ୍ ଫୋରମର ସଭାପତି ସତ୍ୟବ୍ରତ ନାୟକଙ୍କ ସଭାପତିତ୍ୱରେ ମଞ୍ଚାସିନ ଅତିଥି ଭାବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ୍ ଡ଼ ଡିପି ଚୌଧୁରୀ , ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ଆଧୁନିକ ଭାରତର ନବନିର୍ମାତା, ଭାରତୀୟ ରାଜନୀତିର ପ୍ରମୁଖ ବିଦ୍ଧାଣି ପରୋପକାରୀ , ଆଦର୍ଶ ଜନ ସେବକ ତଥା ସୋସିଆଲ ମିଡ଼ିଆର ମୁଖ୍ୟ ଜନନାୟକ , ଯୁବ ଶକ୍ତି ମାନଙ୍କ ନେତୃତ୍ୱ ଭାବରେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଗୁଣଗାନ କରିଥିଲେ ଶେଷରେ ଉତ୍ତର ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ୍ ଫୋରମର ସଂଯୋଜକ ଦେବେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ୍ ଦେଇଥିଲେ ।

## ଭାରତର ଦ୍ୱିତୀୟ ହସ୍ପିଟାଲ୍ ଭାବେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଅତ୍ୟାଧୁନିକ ଡିଜିସ୍କାନର ସ୍ଥାପନ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଅନ୍ତର୍ଗତ ପାଥୋଲୋଜି ବିଭାଗରେ ଅତ୍ୟାଧୁନିକ ଫିଲିପ୍ସ ପାଥୋଲୋଜି ସ୍କାନର ଏସ୍‌ଜି ୩୦୦ ଶୁକ୍ରବାର ସ୍ଥାପନ କରାଯାଇଥିବା ବେଳେ



ଏହା ଜଟିଳ ଏବଂ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ତ୍ୱରିତ ପରୀକ୍ଷଣ କରିବାରେ ସକ୍ଷମ ହୋଇପାରିବ ବୋଲି ଜଣାଯାଇଛି। ଏହି ସ୍କାନରର ଏକ ଘଣ୍ଟାରେ ୬୦ଟି ସ୍ଲାଇଡ ସ୍କାନ କରିବାର କ୍ଷମତା ରହିଛି। ଏଥିରେ ପାଥୋଲୋଜି ସ୍ଲାଇଡ୍‌ଗୁଡ଼ିକ ସଫ୍ଟୱେୟାର ଫର୍ମାଟରେ ସଂରକ୍ଷିତ ରଖାଯିବାର ବ୍ୟବସ୍ଥା ରହିଥିବା ବେଳେ ଏହା ଦ୍ୱାରା ଗ୍ଲାସ୍ ସ୍ଲାଇଡ୍‌ଗୁଡ଼ିକର ବ୍ୟବହାର ହ୍ରାସ ପାଇବ ଏବଂ ରୋଗୀର ଚିକିତ୍ସାରେ ଅତ୍ୟନ୍ତ ସହାୟକ ହୋଇପାରିବ ବୋଲି ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାହୁତି ମହାପାତ୍ର କହିଛନ୍ତି।

ଏହି ମେସିନ୍ ଦ୍ୱାରା ପ୍ରତିଷ୍ଠିତ ଡାକ୍ତରୀ କେନ୍ଦ୍ର ଗୁଡ଼ିକ ସହିତ ଟେଲି କନ୍‌ଫରେନ୍ସିଂ କରାଯାଇପାରିବ ଯାହା ଦ୍ୱାରା ବିଳମ୍ବିତ ପରୀକ୍ଷଣକୁ ହ୍ରାସ କରାଯାଇପାରିବ ବୋଲି ପ୍ରଫେସର ମହାପାତ୍ର କହିଛନ୍ତି। ଏହି ସ୍କାନରରେ ୫ ବର୍ଷ ଯାଏଁ ସ୍ଲାଇଡଗୁଡ଼ିକୁ ସଂରକ୍ଷିତ ରଖିବାର ସୁବିଧା ରହିଛି ଯାହା ଦ୍ୱାରା କି ଜଟିଳ ସମସ୍ୟାରେ ପୀଡ଼ିତ ଥିବା ରୋଗୀମାନଙ୍କର ରେକର୍ଡ ଦୀର୍ଘ ବର୍ଷ ପରେ ମଧ୍ୟ ମିଳିପାରିବ। ଏହି ସ୍କାନର ମେସିନ୍ ଓଡ଼ିଶାରେ ପ୍ରଥମ ଥର ପାଇଁ ସମ୍ ହସ୍ପିଟାଲ୍‌ରେ ସ୍ଥାପନ କରାଯାଇଛି। ଏହାକୁ ସ୍ଥାପନ କରିବାରେ ସମ ହସ୍ପିଟାଲ ଭାରତରେ ଦ୍ୱିତୀୟ ବୋଲି ପ୍ରଫେସର ମହାପାତ୍ର କହିଛନ୍ତି। ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଥିଲେ ଯେ ଏହି ଅତ୍ୟାଧୁନିକ ମେସିନ ପରୀକ୍ଷଣର ସମୟକୁ ମଧ୍ୟ ହ୍ରାସ କରିବ ଏବଂ ପିଜି ଛାତ୍ରଛାତ୍ରୀଙ୍କର ଶିକ୍ଷା ଗ୍ରହଣ ଓ ପ୍ରଶିକ୍ଷଣରେ ସହାୟକ ହେବ। କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଆଡିସ୍‌ନାଲ ଡିନ୍ ପ୍ରଫେସର (ଡାକ୍ତର) ଅଜୟ କୁମାର ଜେନା ଏବଂ ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଶ୍ରୀମତି ମନୋରମା ପରିଡ଼ା ଉପସ୍ଥିତ ଥିଲେ।

## ୯କେଜି ହରିଣ ମାଂସ ଜବତ ଦୁଇ ଗିରଫ

ମହାକାଳପଡ଼ା (ସବ୍ୟୁ ): ମହାକାଳପଡ଼ା ବ୍ଲକ ଅଧୀନ ତନ୍ତିଆପାଳ ସାମୁଦ୍ରିକ ଥାନାଞ୍ଚଳ ଗହୀରମଥା ବନାଞ୍ଚଳ କାର୍ଯ୍ୟାଳୟ ଅନ୍ତର୍ଗତ ଶାସନ ଗାଁ ର ଉତ୍ତମ କାମିଲା ଘରୁ ଶୁକ୍ରବାର ୯କେଜି ହରିଣ ମାଂସ ଜବତ କରିଛି ବନବିଭାଗ । ବିଶେଷ ସୂତ୍ର ରୁ ଖବର ପାଇଁ ବନବିଭାଗ କର୍ମଚାରୀ ବେଆଇନ ବନ୍ୟ ଜୀବ ମାଂସ ବିକ୍ରେତା ଙ୍କ ଘର ନିକଟରେ ପହଂଚିଥିଲେ । ଉତ୍ତମ ଙ୍କ ସହିତ ସହଯୋଗୀ ସୁନିତି ର ରାମକୃଷ୍ଣ କାମିଲା ଉପସ୍ଥିତ ଥିଲେ । ଅଭ୍ୟାସଗତ ଭାବେ ଫାଶ ବସାଇ ରାମକୃଷ୍ଣ ବେଆଇନ ଭାବେ ହରିଣ ମାରି ମାଂସ ବିକ୍ରି କରିଆସୁଥିବା ର ପୂର୍ବରୁ ଅଭିଯୋଗ ରହିଛ । ବନବିଭାଗ ଟିମ ରେ ଫରେଷ୍ଟର ମହନ୍ତ ମଲ୍ଲିକ, ଫରେଷ୍ଟ ଗାର୍ଡ ନିରଞ୍ଜନ ମଣ୍ଡଳ ଓ ଦୋଳଗୋବିନ୍ଦ ନାୟକ ଶାସନ ଗାଁ ରେ ପହଂଚି ଉତ୍ତମ ଓ ରାମକୃଷ୍ଣ ଙ୍କୁ ଗିରଫ କରିବା ସହିତ ୪ଗୋଟି ଫାଶ ଜବତ କରିଛି ।

## "ରୋଟାରୀ କଳିଙ୍ଗ ସମ୍ମାନ–୨୦୨୬" ପୁରସ୍କାର ପ୍ରଦାନ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ରୋଟାରୀ କ୍ଲବ ଅଫ ଭୁବନେଶ୍ୱର କଳିଙ୍ଗ ପକ୍ଷରୁ ଆୟୋଜିତ ପ୍ରତିଷ୍ଠିତ "ରୋଟାରୀ କଳିଙ୍ଗ ସମ୍ମାନ–୨୦୨୬" ପୁରସ୍କାର ପ୍ରଦାନ ଉତ୍ସବ ଗତ ୨୧ ତାରିଖ ସନ୍ଧ୍ୟା ୬.୩୦ ରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଠାରେ ଭବ୍ୟ ଭାବରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଭିନ୍ନ କ୍ଷେତ୍ରର ପ୍ରତିଭାଶାଳୀ ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏହି ଆୟୋଜନ କରାଯାଇଥିଲା। ଏହି ଗରିମାମୟ କାର୍ଯ୍ୟକ୍ରମରେ ରୋଟାରୀ ଇଣ୍ଟରନ୍ୟାସନାଲ୍ ଡିଷ୍ଟ୍ରିକ୍ଟ–୩୨୬୨ ର ଜିଲ୍ଲା ଗଭର୍ଣ୍ଣର (୨୦୨୫–୨୬) ରୋଟାରିୟନ୍ ମନୋଜ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଏବଂ ଶ୍ରୀ ଅନିଲ କୁମାର ସାମଲ, ଆଇ.ଏ.ଏସ୍. (ଅବ.), ଜିଲ୍ଲା ଗଭର୍ଣ୍ଣର (୨୦୨୬–୨୭) ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ବର୍ଷର ରୋଟାରୀ କଳିଙ୍ଗ ସମ୍ମାନ–୨୦୨୬ ନିମ୍ନଲିଖିତ ତିନିଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପ୍ରଦାନ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ପଦ୍ମଚରଣ ନାୟକ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶିଷ୍ଟ ଅବଦାନ ପାଇଁ ଡା. ଅକ୍ଷୟ କୁମାର ମିଶ୍ର, କଳା ଓ ସଂସ୍କୃତି କ୍ଷେତ୍ରରେ




ଉଲ୍ଲେଖନୀୟ ସାଧନା ପାଇଁ ପ୍ରଦୀପ୍ତ କୁମାର ନାୟକ କାର୍ଯ୍ୟକ୍ରମର ଆରମ୍ଭରେ ଅଦୃତା ଶିଶୁ ଗୃହର ଶିଶୁମାନଙ୍କ ଦ୍ୱାରା ମନୋମୁଗ୍ଧକର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅତିଥିମାନଙ୍କର ଉଦ୍‌ବୋଧନ, ପୁରସ୍କାର ପ୍ରଦାନ ଉତ୍ସବ ଏବଂ ସଙ୍ଗୀତମୟ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଶେଷରେ ସମସ୍ତ ଅତିଥି, ରୋଟାରିୟନ୍ ଓ ଆମନ୍ତ୍ରିତମାନଙ୍କ ପାଇଁ ସାମ୍ମିଳନୀ ଭୋଜନର ବ୍ୟବସ୍ଥା ରହିଥିଲା। ମୁଖ୍ୟ ଅତିଥି ରୋଟାରିୟନ୍ ମନୋଜ କୁମାର ତ୍ରିପାଠୀ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ସମାଜରେ ନିରବଚ୍ଛିନ୍ନ ଭାବେ ଅସାଧାରଣ କାର୍ଯ୍ୟ କରୁଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରିବାରେ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର କଳିଙ୍ଗର ଏହି ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ। ଏହା ରୋଟାରୀର"Service Above Self" ମୂଲ୍ୟବୋଧର ସୁନ୍ଦର ପ୍ରତିଫଳନ। ରୋଟାରୀ କ୍ଲବ ଅଫ ଭୁବନେଶ୍ୱର କଳିଙ୍ଗର ଅଧ୍ୟକ୍ଷ ଡା. ମନୋରଞ୍ଜନ ପୁଥାଲ କହିଥିଲେ ଯେ, କଳିଙ୍ଗ ସମ୍ମାନ ମାଧ୍ୟମରେ ସେହି ସମସ୍ତ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି, ଯେଉଁମାନଙ୍କର କାର୍ଯ୍ୟ ସମାଜକୁ ପ୍ରେରଣା ଦେଇଛି ଏବଂ ଆଗାମୀ ପିଢ଼ୀ ପାଇଁ ଆଦର୍ଶ ସୃଷ୍ଟି କରିଛି। ସେ କ୍ଲବର ପକ୍ଷରୁ ସମାଜସେବା, ସଂସ୍କୃତି ଓ ମାନବୀୟ ମୂଲ୍ୟବୋଧକୁ ସଦା ପ୍ରୋତ୍ସାହିତ କରାଯିବ ବୋଲି ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବର ଅଧ୍ୟକ୍ଷ ଡା. ମନୋରଞ୍ଜନ ପୁଥାଲ, ସଚିବ ଡା. ଆଦର୍ଶ ରଥ ଏବଂ କାର୍ଯ୍ୟକ୍ରମ ଅଧ୍ୟକ୍ଷ ରାଧାମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ ସଫଳତାର ସହ ଆୟୋଜନ କରାଯାଇଥିଲା। ରୋଟାରୀ କଳିଙ୍ଗ ସମ୍ମାନ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କର ସମାଜପ୍ରତି ଅସାଧାରଣ ଅବଦାନକୁ ସ୍ୱୀକୃତି ଦେବା ସହିତ ସମାଜକୁ ସକାରାତ୍ମକ କାର୍ଯ୍ୟ ପାଇଁ ପ୍ରେରିତ କରୁଥିବା ଏକ ଗରିମାମୟ ପ୍ଲାଟଫର୍ମ ଭାବେ ପରିଚିତ ହୋଇଉଠିଛି।

## ▶▶ ପେଣ୍ଟାଗନକୁ ଶକ୍ତ ଝଟକା

# ଆମେରିକା ହରାଇଛି ୩୦ ଡ୍ରୋନ



**ୱାଶିଂଟନ୍/ତେହେରାନ:** ଇରାନ ବିରୋଧରେ ଆମେରିକା ନେତୃତ୍ୱରେ ଚାଲିଥିବା ସାମରିକ ଅଭିଯାନର ମୂଲ୍ୟ ୱାଶିଂଟନକୁ ଅତ୍ୟନ୍ତ ମହଙ୍ଗା ପଡ଼ିବାରେ ଲାଗିଛି। ଗତ ଫେବୃଆରୀ ମାସରୁ ଆରମ୍ଭ ହୋଇଥିବା ଏହି ଭୟଙ୍କର ସଂଘର୍ଷ ମଧ୍ୟରେ ଇରାନ ଆମେରିକାର ସବୁଠାରୁ ପ୍ରତିଷ୍ଠିତ ଏବଂ ମୂଲ୍ୟବାନ ପ୍ରାୟ ୧ ବିଲିୟନ ଆମେରିକୀୟ ଡଲାର (ପ୍ରାୟ ୮,୫୦୦ କୋଟିରୁ ଅଧିକ ଟଙ୍କା) ମୂଲ୍ୟର "ଏମକ୍ୟୁ-୨ ରିପର" ଡ୍ରୋନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି। ଯୁଦ୍ଧରେ ଆମେରିକା ସେନା ନିଜର ଅତି କମରେ ୨୪ ରୁ ୩୦ଟି ରିପର ଡ୍ରୋନ୍ ହରାଇଛି, ଯାହା ପେଣ୍ଟାଗନର ଯୁଦ୍ଧ ପୂର୍ବରୁ ଥିବା ସମଗ୍ର ଡ୍ରୋନ ଇନଭେଣ୍ଟ୍ରିର ପ୍ରାୟ ୨୦ ପ୍ରତିଶତ ଅଟେ। ଏହି ଡ୍ରୋନଗୁଡ଼ିକ ମଧ୍ୟରୁ କେତେକ ଇରାନର ଏୟାର ଡିଫେନ୍ସ ଦ୍ୱାରା ଆକାଶରେ ଖସାଇ ଦିଆଯାଇଥିବା ବେଳେ ଅନ୍ୟ କେତେକ ମିସାଇଲ ଆକ୍ରମଣରେ ଗ୍ରାଉଣ୍ଡରେ ହିଁ ନଷ୍ଟ ହୋଇଯାଇଛି। ଜେନେରାଲ ଆଟୋମିକ୍ସ ଦ୍ୱାରା ନିର୍ମିତ ଏହି ଗୋଟିଏ ଗୋଟିଏ ଏମକ୍ୟୁ-୯ ରିପର ଡ୍ରୋନର ମୂଲ୍ୟ ପ୍ରାୟ ୩୦ ନିୟୁତ ଡଲାର (ପ୍ରାୟ ୨୫୦ କୋଟିରୁ ଅଧିକ ଟଙ୍କା) ଅଟେ। ଏହା ଅତ୍ୟାଧୁନିକ କ୍ୟାମେରା, ସେନ୍ସର ଓ ହେଲଫାୟାର ମିସାଇଲରେ ସଜ୍ଜିତ। ଆମେରିକା ପାଇଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ନିଜ ସେନା ପାଇଁ ଏହି ଡ୍ରୋନର ଉତ୍ପାଦନ ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ରହିଛି, ଯାହାଫଳରେ ଏହାର ତୁରନ୍ତ ବିକଳ୍ପ ପାଇବା ପେଣ୍ଟାଗନ ପାଇଁ କଷ୍ଟକର ହୋଇପଡ଼ିଛି। ରିପୋର୍ଟ ଅନୁଯାୟୀ, ଆମେରିକା କେବଳ ଡ୍ରୋନ ନୁହେଁ, ବରଂ ନିଜର ସୁଖ୍ୟାତ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ୍, ଏଫ୍-୩୫ଏ ଲାଇଟନିଂ, ଏ-୧୦ ଥଣ୍ଡରବୋଲ୍ଟ ଯୁଦ୍ଧବିମାନ ସମେତ ଟୋମାହାକ୍ କ୍ରୁଜ୍ ମିସାଇଲ ଭଳି ଅନେକ ଦାମୀ ସାମରିକ ସମ୍ପତ୍ତି ଓ ବହୁମୂଲ୍ୟ ରାଡାର ସିଷ୍ଟମ ମଧ୍ୟ ହରାଇଛି।

## ଆରବିଆଇ ଲାଭାଂଶ ଦେବ ୨.୮୭ ଲକ୍ଷ କୋଟି ଟଙ୍କା




**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ଅଶୋଧିତ ତେଲ ଦର ଉଚ୍ଚା ରହିବାରୁ ସରକାରଙ୍କ ଆର୍ଥିକ ସ୍ଥିତି ଖରାପ ହୋଇଥିବାବେଳେ ରିଜର୍ଭ ବ୍ୟାଙ୍କ କିଛିଟା ଆଶ୍ୱସ୍ତି ପ୍ରଦାନ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୨୫-୨୬ ଆର୍ଥିକବର୍ଷ ପାଇଁ କେନ୍ଦ୍ର ସରକାରଙ୍କୁ ଲାଭାଂଶ ବାବଦରେ ରେକର୍ଡ ୨.୮୭ ଲକ୍ଷ (୨,୮୬,୫୮୮.୪୬) କୋଟି ଟଙ୍କା ପ୍ରଦାନ କରିବ। ମୁମ୍ବାଇଠାରେ ଗଭର୍ଣ୍ଣର ସଂଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରିଜର୍ଭ ବ୍ୟାଙ୍କର ୬୨୩ତମ ବୋର୍ଡ ବୈଠକରେ ଆଜି ଏହି ନିଷ୍ପତ୍ତି ନିଆଯାଇଛି।୨୦୨୪-୨୫ ଆର୍ଥିକବର୍ଷରେ ରିଜର୍ଭ ବ୍ୟାଙ୍କ କେନ୍ଦ୍ର ସରକାରଙ୍କୁ ଲାଭାଂଶ ବାବଦରେ ୨.୬୯ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଥିଲା। ତେଣୁ ୨୦୨୪-୨୫ ତୁଳନାରେ ୨୦୨୫-୨୬ରେ ରିଜର୍ଭ ବ୍ୟାଙ୍କ ଅଧିକ ପ୍ରାୟ ୧୮ ହଜାର କୋଟି ଟଙ୍କା ଦେବ। ଏହା ପୂର୍ବରୁ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ୨୦୨୩-୨୪ରେ ୨.୧ ଲକ୍ଷ କୋଟି ଟଙ୍କା ଏବଂ ୨୦୨୨-୨୩ରେ ୮୭,୪୧୬ କୋଟି ଟଙ୍କା ଦେଇଥିଲା। ରିଜର୍ଭ ବ୍ୟାଙ୍କର ନିଟ୍ ଆୟ (ବିପଦ ବ୍ୟବସ୍ଥା ଓ ବୈଧାନିକ ପାଣ୍ଠି ହସ୍ତାନ୍ତର ପୂର୍ବରୁ) ୨୦୨୫-୨୬ ଆର୍ଥିକବର୍ଷରେ ୩,୯୫,୯୭୨.୧୦ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ୨୦୨୪-୨୫ ଆର୍ଥିକବର୍ଷରେ ୩,୧୩,୪୫୫.୭୭ କୋଟି ଟଙ୍କାରେ ରହିଥିଲା ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।ଦେଶର ସ୍ଥୂଳ ଅର୍ଥନୀତିର ସାଂପ୍ରତିକ ଦୃଶ୍ୟପଟ ସହିତ ବ୍ୟାଙ୍କଗୁଡ଼ିକର ଆର୍ଥିକ ପ୍ରଦର୍ଶନ ଏବଂ ରିସ୍କ ପରିଚାଳନା ପାଇଁ ଉପଯୁକ୍ତ ରାଶି ରଖିବା ପରେ ଉପରୋକ୍ତ ରାଶି ସରକାରଙ୍କୁ ଦେବାଲାଗି ରିଜର୍ଭ ବ୍ୟାଙ୍କ ନିଷ୍ପତ୍ତି ନେଇଛି। ବୋର୍ଡ ବୈଠକରେ ଏହା ସ୍ଥିର ହୋଇଛି ଯେ ୨୦୨୫-୨୬ ଆର୍ଥିକବର୍ଷରେ ଜରୁରୀକାଳୀନ ବିପଦ ବା କଣ୍ଟିଜେଣ୍ଟ ରିସ୍କ ବଫର (ସିଆର୍ବି) ବାବଦରେ ୧,୦୯,୩୭୯.୬୪ କୋଟି ଟଙ୍କା ସ୍ଥାନାନ୍ତର ହେବ। ୨୦୨୩-୨୪ ଆର୍ଥିକବର୍ଷରେ ଏ ବାବଦରେ ୪୪,୮୬୧.୭୦ କୋଟି ଟଙ୍କା ଦିଆଯାଇଥିଲା।

## ୨୬ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ବିଜ୍ଞପ୍ତି

ନୂଆଦିଲ୍ଲୀ: ୨୬ ରାଜ୍ୟସଭାରେ ଖାଲି ହୋଇଥିବା ୮ ରାଜ୍ୟର ୨୬ ଆସନ ପାଇଁ ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଜୁନ ୧୮ରେ ଏଥିଲାଗି ନିର୍ବାଚନ ହେବ। ପୂର୍ବ ପ୍ରଧାନମନ୍ତ୍ରୀ ଏଚଡି ଦେବଗୌଡା, କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲିକାର୍ଜୁନ ଖଡଗେ, ବରିଷ୍ଠ କଂଗ୍ରେସ ନେତା ଦିଗବିଜୟ ସିଂ, କେନ୍ଦ୍ରମନ୍ତ୍ରୀ ଜଜ କୁରିଆନ୍ ଓ ରଣବୀର ସିଂ ବିଟୁଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଆନ୍ଧ୍ର, ଗୁଜରାଟ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମଣିପୁର, ମେଘାଳୟ, ରାଜସ୍ଥାନ, ଅରୁଣାଚଳ ପ୍ରଦେଶ, କର୍ଣ୍ଣାଟକ ଓ ମିଜୋରାମରେ ୨୪ ଆସନ ଖାଲି ହୋଇଥିବା ବେଳେ ମହାରାଷ୍ଟ୍ର ଓ ତାମିଲନାଡୁରେ ଦୁଇଟି ଆସନରେ ଉପନିର୍ବାଚନ ହେବ। ମହାରାଷ୍ଟ୍ରରେ ଏନସିପି ନେତ୍ରୀ ସୁମିତ୍ରା ପାୱାର ରାଜ୍ୟସଭାରୁ ଇସ୍ତଫା ଦେଇ ବାରମତି ବିଧାନସଭାରୁ ନିର୍ବାଚିତ ହୋଇଛନ୍ତି। ସେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଛନ୍ତି। ସେହିଭଳି ତାମିଲନାଡୁରେ ଏଆଇଏଡିଏମକେ ସାଂସଦ ଭେସ ସାହାନାମୁଗମ ଆସନରେ ଉପନିର୍ବାଚନ ହେବ। ତେବେ ତାମିଲନାଡୁରେ ହେବାକୁଥିବା ରାଜ୍ୟସଭା ଉପନିର୍ବାଚନ ଉପରେ ସଭିଙ୍କ ନଜର ରହିଛି। କାରଣ ତାମିଲନାଡୁର ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ବିଜୟଙ୍କ ଟିଭିକେ ଏକକ ସଂଖ୍ୟା ଗରିଷ୍ଠ ଭାବେ ଉଭା ହୋଇଛି। ତେଣୁ ଟିଭିକେର ଜଣେ ସଦସ୍ୟ ପ୍ରଥମଥର ଲାଗି ରାଜ୍ୟସଭାକୁ ଯାଇପାରନ୍ତି ବୋଲି ଚର୍ଚ୍ଚା ହୋଇଛି।

## ନିତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷଙ୍କ ଟିପ୍ପଣୀ

# ଡଲାର ବିପକ୍ଷରେ ଟଙ୍କା ୧୦୦ ଛୁଇଁବା ଚିନ୍ତାଜନକ ନୁହେଁ



**ନୂଆଦିଲ୍ଲୀ:** ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦିନକୁ ଦିନ ଦୁର୍ବଳ ହୋଇ ୧୦୦ ଟଙ୍କା ଆଡ଼କୁ ଗତି କରୁଛି। ଏହା ଚିନ୍ତାର କାରଣ ନୁହେଁ ବୋଲି ନିତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ତଥା ଷୋଡ଼ଶ ଅର୍ଥ ଆୟୋଗର ଅଧ୍ୟକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି। ଡଲାର ମୂଲ୍ୟ ୧୦୦ ଟଙ୍କା କେବଳ ଏକ ସଂଖ୍ୟା ମାତ୍ର। ଏହାକୁ ନେଇ ନିଦ ହଜାଇବାର ଦରକାର ନାହିଁ ବୋଲି ସେ ରିଜର୍ଭ ବ୍ୟାଙ୍କକୁ କହିଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ସେ ଲେଖିଛନ୍ତି ଯେ ଡଲାରର ବିନିମୟ ମୂଲ୍ୟ ୧୦୦ ଟଙ୍କା ହେବା କେବଳ ମନସ୍ତତ୍ୱକୁ ପ୍ରଭାବିତ କରୁଥିବା ଏକ ସଂଖ୍ୟା। ୯୯ ଓ ୧୦୧ ଭଳି ୧୦୦ ମଧ୍ୟ ଏକ ସଂଖ୍ୟା। ତାହା ରିଜର୍ଭ ବ୍ୟାଙ୍କର ନୀତି ନିର୍ଦ୍ଧାରଣ ନ କରୁ ବୋଲି ସେ କହିଛନ୍ତି। ରିଜର୍ଭ ବ୍ୟାଙ୍କକୁ ପରାମର୍ଶ ଦେଇ ସେ କହିଛନ୍ତି ଯେ ତେଲ ସଙ୍କଟ କ୍ଷଣସ୍ଥାୟୀ ହେଉ କିମ୍ବା ଦୀର୍ଘସ୍ଥାୟୀ ରହୁ, ବଜାର ଅନୁସାରେ ଯଦି ଟଙ୍କା ଦୁର୍ବଳ ହେଉଛି ତେବେ ତାହା ହେବାକୁ ଦିଆଯାଉ। ଯଦି ଅନିଶ୍ଚିତତା ତିନି ମାସ କିମ୍ବା ଏକ ବର୍ଷ ଭିତରେ ଶେଷ ହୋଇଯିବ ତେବେ ତୈଳ ଆମଦାନି ବିଲ୍ କମ୍ ହେବ ଓ ସେହି ଅନୁସାରେ ଟଙ୍କା ମୂଲ୍ୟରେ ଆପେ ଆପେ ସୁଧାର ହେବ। ଯଦି ଅନିଶ୍ଚିତତା ଲମ୍ବା ସମୟ ପାଇଁ ରହିବ ଓ ଟଙ୍କାକୁ ସବଳ କରିବା ଲାଗି ରିଜର୍ଭ ବ୍ୟାଙ୍କ ଲଗାତାର ଭାବେ ଉଦ୍ୟମ କରିବ, ତେବେ ଦିନ ଆସିବ ଟଙ୍କାକୁ ସମ୍ଭାଳିବା ଚକ୍କରରେ ନିଜର ବୈଦେଶିକ ମୁଦ୍ରା ଭଣ୍ଡାର ଶେଷ ହୋଇଯିବ। ତେଣୁ ଟଙ୍କାକୁ ବଞ୍ଚାଇବା ଉଦ୍ୟମ କରି ସମ୍ପୂର୍ଣ୍ଣ ବୁଡ଼ିଯିବା ଅପେକ୍ଷା ଟଙ୍କା ଯେତେ ଦୁର୍ବଳ ହେଉଛି ତାହା ହେବାକୁ ଦିଆଯାଉ ବୋଲି ସେ କହିଛନ୍ତି।୨୦୧୩ ଠାରୁ ବର୍ତ୍ତମାନ ସମୟ କାହିଁକି ଭିନ୍ନ ତାହା ଦର୍ଶାଇବାକୁ ଯାଇ ଶ୍ରୀ ପାନାଗାରିୟା କହିଛନ୍ତି ଯେ ୨୦୧୩ରେ ମୁଦ୍ରାସ୍ଫୀତି ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାରେ ଥିଲା। ଏବେ କିନ୍ତୁ ତାହା ନିୟନ୍ତ୍ରଣରେ ଅଛି। ଯେକୌଣସି ପ୍ରକାର ଝଟକା ସହିବାକୁ ଭାରତୀୟ ଅର୍ଥନୀତି ଭଲ ଭାବେ ପ୍ରସ୍ତୁତ ରହିଛି। ୨୦୧୩ ଭଳି ବିଦେଶୀ ମୁଦ୍ରା ସଂଗ୍ରହ ପାଇଁ ଡଲାର ଭିତ୍ତିକ ବଣ୍ଡ କିମ୍ବା ଉଚ୍ଚ ସୁଧ ବିଶିଷ୍ଟ ଏନ୍ଆର୍ଆଇ ବଣ୍ଡ ଜାରି ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ତାଙ୍କ କହିବା କଥା ହେଉଛି ଯେହେତୁ ଆମେରିକାରେ ଏବେ ସୁଧ ହାର ଉଚ୍ଚା ରହିଛି, ତେଣୁ ତାଠାରୁ ଅଧିକ ସୁଧ ହାରର ଲୋଭ ଦେଖାଇ ଡଲାର ସଂଗ୍ରହ କଲେ ଅଯଥାରେ ଅଧିକ ସୁଧ ଗଣିବାକୁ ପଡ଼ିବ। ସେଥିରେ କେବଳ ପ୍ରବାସୀ ଜମାକାରୀମାନେ ଉପକୃତ ହେବେ। ଅର୍ଥନୀତିକୁ ବିଶେଷ ଲାଭ ମିଳିବ ନାହିଁ।

## ନିଟ୍ ପ୍ରଶ୍ନପତ୍ର ଲିକ୍: ଡାକ୍ତରଙ୍କୁ ଘାଣ୍ଟିଲା ସିବିଆଇ

**ନୂଆଦିଲ୍ଲୀ:** ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇ ମହାରାଷ୍ଟ୍ରର ଲାତୁରର ଜଣେ ଡାକ୍ତରଙ୍କୁ ପଚରାଉଚରା କରିଛି। ସେ ତାଙ୍କ ପୁଅ ପାଇଁ ୧୨ ଲକ୍ଷ ଟଙ୍କା ଦେଇ ନିଟ୍-ୟୁଜି ପ୍ରଶ୍ନପତ୍ର କିଣିଥିବା ଅଭିଯୋଗ ହୋଇଛି। ତା'ସହିତ ସେ ଏହି ପ୍ରଶ୍ନପତ୍ରକୁ ଅନ୍ୟମାନଙ୍କୁ ବିକ୍ରି ମଧ୍ୟ କରିଥିବା ଅଭିଯୋଗ ହୋଇଛି।ଏହି ଡାକ୍ତରଙ୍କ ନାଁ ମନୋଜ ଶିରୁରେ। ସେ ଜଣେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ। ସିବିଆଇ ଡାକ୍ତର ମନୋଜ ଶିରୁରେଙ୍କ ସହିତ ତାଙ୍କ ପତ୍ନୀଙ୍କୁ ପଚରାଉଚରା କରିଛି। ସେମାନଙ୍କର ଜଣେ ସଂପର୍କୀୟଙ୍କୁ ମଧ୍ୟ ସିବିଆଇ ପଚରାଉଚରା କରିଛି। ତାଙ୍କ ନାଁ ଡାକ୍ତର ପ୍ରମୋଦ ବୋଲି ଜଣାପଡ଼ିଛି।ଡାକ୍ତର ମନୋଜ ଶିରୁରେ ଲିକ୍ ହୋଇଥିବା ନିଟ୍-ୟୁଜି ପ୍ରଶ୍ନପତ୍ରକୁ ୧୨ ଲକ୍ଷ ଟଙ୍କା ଦେଇ ନିଜ ପୁଅ ପାଇଁ କିଣିବା ପରେ କ୍ଷତି ଭରଣା କରିବା ପାଇଁ ପ୍ରଶ୍ନପତ୍ରଗୁଡ଼ିକୁ ଅତିକମ୍ରେ ୫ ଜଣ ଡାକ୍ତରଙ୍କ ପାଖକୁ ସେଗୁଡ଼ିକୁ ପଠାଇ ଦେଇଥିଲେ। ସେହି ଡାକ୍ତରମାନଙ୍କ ପିଲାମାନେ ମଧ୍ୟ ନିଟ୍-ୟୁଜି ଦେଇଥିଲେ। ଏହି ସମସ୍ତ ଡାକ୍ତର ୪ଟି ଭିନ୍ନ ଭିନ୍ନ ଡାକ୍ତରଖାନାର। ଏହି ସମସ୍ତ ଡାକ୍ତର ଏବେ ସିବିଆଇର ସ୍କାନରରେ ରହିଛନ୍ତି। ଡାକ୍ତର ମନୋଜ ଶିରୁରେ କେବଳ ଏହି ୫ ଡାକ୍ତରଙ୍କୁ ନୁହେଁ, ତାଙ୍କର କିଛି ସଂପର୍କୀୟମାନଙ୍କ ପାଖକୁ ମଧ୍ୟ ପଠାଇଥିଲେ। ସେମାନଙ୍କ ମଧ୍ୟରେ ଡାକ୍ତର ପ୍ରମୋଦ ଅଛନ୍ତି, ଯାହାଙ୍କୁ ସିବିଆଇ ପଚରାଉଚରା କରିଛି।

## ଏଭରେଷ୍ଟ ଜୟ କରି ଫେରିବା ବେଳେ ଦୁଇ ଭାରତୀୟ ପର୍ବତାରୋହୀ ମୃତ

**କାଠମାଣ୍ଡୁ:** ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ସଫଳତାର ସହ ଆରୋହଣ କରିବା ପରେ ଓହ୍ଲାଇବା ସମୟରେ ଦୁଇଜଣ ଭାରତୀୟ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ନେପାଳ ପର୍ବତାରୋହଣ ସଂଘର ସୂଚନା ଅନୁଯାୟୀ, ଚିହ୍ନଟ ହୋଇଥିବା ମୃତ ପର୍ବତାରୋହୀ ହେଲେ ଅରୁଣ କୁମାର ତିୱାରୀ ଓ ସନ୍ଦୀପ ଆରେ। ସନ୍ଦୀପ ବୁଧବାର ଦିନ ଓ ଅରୁଣ ଗୁରୁବାର ସନ୍ଧ୍ୟା ପ୍ରାୟ ୫.୩୦ ସମୟରେ ୮,୮୪୮.୮୬ ମିଟର ଉଚ୍ଚତା ବିଶିଷ୍ଟ ଏହି ଶିଖର ସଫଳତାର ସହ ଛୁଇଁଥିଲେ। ମାତ୍ର ଫେରିବା ବେଳେ ଦୁହେଁ ଅତ୍ୟଧିକ ଥକ୍କାପଣ ଏବଂ ଶାରୀରିକ ସମସ୍ୟାର ଶିକାର ହୋଇଥିଲେ। ଅଭିଜ୍ଞ ଶେରପା ଗାଇଡମାନେ ସେମାନଙ୍କୁ ସୁରକ୍ଷିତ ଭାବେ ତଳକୁ ଆଣିବା ପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ। ସନ୍ଦୀପ ଆରେଙ୍କ ଅବସ୍ଥା ବିଗିଡ଼ିବା ପରେ ଗାଇଡମାନେ ତାଙ୍କୁ ରାତାରାତି ବାଲକୋନି ଅଞ୍ଚଳରୁ ସାଉଥ୍ କଲକୁ ଉଦ୍ଧାର କରି ଆଣିଥିଲେ ହେଁ ଗୁରୁବାର ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେହିପରି ଦୁଇଜଣ ଶେରପା ଗାଇଡଙ୍କ ସହ ଫେରୁଥିବା ଅରୁଣ ତିୱାରୀ ସବୁଠାରୁ ବିପଜ୍ଜନକ "ହିଲାରୀ ଷ୍ଟେପ୍" ନିକଟରେ ଅତ୍ୟଧିକ ଦୁର୍ବଳ ହୋଇପଡ଼ିଥିଲେ ଏବଂ ବାରମ୍ବାର ଚେଷ୍ଟା ସତ୍ତ୍ୱେ ତାଙ୍କୁ ବଞ୍ଚାଯାଇ ପାରିନଥିଲା।



## ପାକ୍ ପାଇଁ ଗୁପ୍ତଚରୀ: ଜଣେ ଗିରଫ, ୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା



**ଚଣ୍ଡୀଗଡ଼:** ପଞ୍ଜାବ ପୁଲିସ ପଠାନକୋଟରେ ଏକ ସନ୍ଦିଗ୍ଧ ଗୁପ୍ତଚରୀ ରାକେଟର ପର୍ଦ୍ଦାଫାସ କରିଛି। ଭାରତୀୟ ସେନା ବାହିନୀ ଓ ଅର୍ଦ୍ଧସାମରିକ ବାହିନୀର ଗତିବିଧି ସମ୍ପର୍କରେ ପାକିସ୍ତାନର ସ୍ଥିତ ହ୍ୟାଣ୍ଡେଲରଙ୍କୁ ସୂଚନା ଦେବା ନେଇ ପଞ୍ଜାବରେ ଜଣଙ୍କୁ ଗିରଫ କରାଯାଇଛି।ପୁଲିସ ସୂଚନାନୁଯାୟୀ, ସେନା ଓ ଅର୍ଦ୍ଧସାମରିକ ବାହିନୀର ଗତିବିଧି ଉପରେ ନଜର ରଖିବାକୁ ଚାକ୍ ଧାରିୱାଲ ଗାଁର ବାସିନ୍ଦା ବଲଜିତ ସିଂହ ଓରଫ ବିଟ୍ଟୁ ପଠାନକୋଟ-ଜମ୍ମୁ ଜାତୀୟ ରାଜପଥ-୪୪ ରେ ବ୍ରିଜ୍ ନିକଟରେ ଏକ ଦୋକାନରେ ସିସିଟିଭି କ୍ୟାମେରା ଲଗାଇଥିଲା। ବରିଷ୍ଠ ପୁଲିସ ଅଧିକାରୀ ଦଲଜିନ୍ଦର ସିଂହ ଢିଲୋଁ କହିଛନ୍ତି ଯେ, ସିସିଟିଭି କ୍ୟାମେରାର ତଥ୍ୟ ଇଲେକ୍ଟ୍ରୋନିକ୍ ଭାବରେ ପାକିସ୍ତାନ ଓ ବିଦେଶରେ ଥିବା ହ୍ୟାଣ୍ଡଲର୍ଙ୍କ ନିକଟକୁ ପଠାଯାଉଥିଲା। ପଚରାଉଚରା ସମୟରେ ସିଂହ ସ୍ୱୀକାର କରିଛି ଯେ, ସେ ଜାନୁଆରି ମାସରୁ ସୁଜାନପୁର ନିକଟସ୍ଥ ରାଜପଥରେ ଥିବା ଏକ ଦୋକାନରେ ଏକ ଇଣ୍ଟରନେଟ୍-ଭିତ୍ତିକ ସିସିଟିଭି କ୍ୟାମେରା ଲଗାଇଥିଲା। ସେ ଦୁବାଇର ଜଣେ ଅଜଣା ବ୍ୟକ୍ତିଠାରୁ ନିର୍ଦ୍ଦେଶ ପାଉଥିଲା ଓ ଏଥିପାଇଁ ତାକୁ ୪୦,୦୦୦ ଟଙ୍କା ଦିଆଯାଇଥିଲା।ଅଭିଯୁକ୍ତ ନିକଟରୁ ଏକ ସିସିଟିଭି କ୍ୟାମେରା, ଏକ ଇଣ୍ଟରନେଟ୍ ୱାଇଫାଇ ରାଉଟର ଜବତ କରାଯାଇଛି। ପଠାନକୋଟ-ଜମ୍ମୁ ରାଜପଥରେ ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ସୂଚନା ପାଇବା ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ସୁଜନପୁର ପୁଲିସ ଚାରି ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ବଲଜିତ୍ ସିଂହ ବ୍ୟତୀତ ବିକ୍ରମଜିତ ସିଂହ ଓରଫ ଭିକ୍କା, ବଲବିନ୍ଦର ସିଂହ ଓରଫ ଭିକି ଓ ତରନପ୍ରୀତ ସିଂହ ଓରଫ ତନ୍ନୁଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ପୁଲିସ କହିଛି ଯେ, ଅଭିଯୁକ୍ତମାନେ ଅପରାଧିକ ଓ ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ଏ ସମ୍ପର୍କିତ ଏକ ବିସ୍ତୃତ ରିପୋର୍ଟ ବରିଷ୍ଠ କର୍ତ୍ତୃପକ୍ଷଙ୍କୁ ପଠାଯାଇଛି। ନେଟୱର୍କର ସୀମାପାର ଲିଙ୍କ୍ ସମ୍ପର୍କ ଜାଣିବା ଓ ଗୁପ୍ତଚର ରାକେଟର ପାଣ୍ଠିର ଉତ୍ସ ଖୋଜିବା ପାଇଁ ଅଧିକ ତଦନ୍ତ ଚାଲିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଚଢଉ ଜାରି ରହିଛି।

## ଭୋଜଶାଳାରେ ପ୍ରଥମ ଶୁକ୍ରବାର ପାଳନ

**ନୂଆଦିଲ୍ଲୀ:** ମଧ୍ୟପ୍ରଦେଶର ଧାର୍ରେ ଥିବା ଭୋଜଶାଳା ପରିସରକୁ ହାଇକୋର୍ଟ ଏକ ମନ୍ଦିର ଘୋଷଣା କରିବାର ସପ୍ତାହକ ପରେ ଆଜି ହିନ୍ଦୁମାନେ ଏଠାରେ ମହା ଆରତୀ କରିଛନ୍ତି। ପୂର୍ବରୁ ହିନ୍ଦୁମାନଙ୍କୁ ଏଠାରେ କେବଳ ମଙ୍ଗଳବାର ପୂଜାର୍ଚ୍ଚନା କରିବାପାଇଁ ଅନୁମତି ମିଳିଥିଲା। ଅନ୍ୟପକ୍ଷେ ମୁସଲିମ ମାନେ ଏଠାରେ ବର୍ଷ ବର୍ଷ ଧରି ଶୁକ୍ରବାର ପ୍ରାର୍ଥନା କରି ଆସୁଥିଲେ। ଉଭୟ ସମ୍ପ୍ରଦାୟ ଏହି ଧାର୍ମିକ ସ୍ଥଳ ଉପରେ ସେମାନଙ୍କ ଅଧିକାର ଦାବି କରି ଆସୁଥିଲେ। ତେବେ ହାଇକୋର୍ଟଙ୍କ ରାୟ ଗତ ସପ୍ତାହରେ ହିନ୍ଦୁଙ୍କ ପକ୍ଷରେ ଯିବାପରେ ଆଜି ପ୍ରଥମ ଥର ପାଇଁ ଶୁକ୍ରବାର ଦିନ ଭୋଜଶାଳା ପରିସରରେ ହିନ୍ଦୁମାନେ ମହା ଆରତୀ କରିଛନ୍ତି। ଅନ୍ୟପକ୍ଷେ ମୁସଲିମମାନେ ସେମାନଙ୍କ ଘରେ ଆଜି ନମାଜ ପାଠ କରିଛନ୍ତି। ହାତରେ କଳା ବ୍ୟାଣ୍ଡ ପିନ୍ଧି ସେମାନେ ଏହି ଘଟଣାକୁ ବିରୋଧ ପ୍ରଦର୍ଶନ କରିବାକୁ ଯାଇ କଳା ବ୍ୟାଣ୍ଡ ପିନ୍ଧି ନମାଜ ପାଠ କରିଛନ୍ତି।

## ମୋଦୀଙ୍କୁ ଝାଲମୁଢ଼ି ଖୁଆଇ ଚର୍ଚ୍ଚାକୁ ଆସିଥିବା ଦୋକାନୀଙ୍କୁ ହତ୍ୟା ଧମକ



**କୋଲକାତା:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପଶ୍ଚିମବଙ୍ଗର ପ୍ରସିଦ୍ଧ "ଝାଲମୁଢ଼ି" ଖୁଆଇ ରାତାରାତି ଚର୍ଚ୍ଚାକୁ ଆସିଥିବା ଜଣେ ସାଧାରଣ ଦୋକାନୀ ବିକ୍ରମ ସାଉଙ୍କ ନିକଟକୁ ଗୋଟିଏ ପରେ ଗୋଟିଏ ଧମକପୂର୍ଣ୍ଣ ଫୋନ କଲ୍ ଆସୁଛି। ତାଙ୍କୁ ଓ ତାଙ୍କ ପରିବାରକୁ ବୋମା ମାଡ଼ ଏବଂ ଜୀବନରୁ ମାରିଦେବା ପାଇଁ ପାକିସ୍ତାନ ଓ ବାଂଲାଦେଶର ବିଭିନ୍ନ ଆନ୍ତର୍ଜାତୀୟ ନମ୍ବରରୁ କ୍ରମାଗତ ଭାବେ ଧମକ ମିଳୁଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ବିକ୍ରମ ସାଉ ଓ ତାଙ୍କ ପରିବାର ଭୟଭୀତ ହୋଇପଡ଼ିଛନ୍ତି ଏବଂ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହି ସମ୍ପର୍କରେ ପୋଲିସ ନିକଟରେ ଏକ ଅଭିଯୋଗ ଦାଖଲ କରାଯିବା ପରେ ତଦନ୍ତ ଆରମ୍ଭ ହୋଇଛି। ଗତ ଏପ୍ରିଲ ୧୯ ତାରିଖରେ ଝାରଗ୍ରାମରେ ଏକ ନିର୍ବାଚନ ରାଲି ସାରି ଫେରିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହଠାତ୍ ରାସ୍ତା କଡ଼ରେ ଥିବା ବିକ୍ରମଙ୍କ ଦୋକାନରେ ଅଟକି ଝାଲମୁଢ଼ି ଖାଇଥିଲେ ଏବଂ ଏହାର ଫଟୋ ସୋସିଆଲ ମିଡିଆ ପ୍ଲାଟଫର୍ମ "ଏକ୍ସ"ରେ ମଧ୍ୟ ସେୟାର କରିଥିଲେ। ଏହି ଘଟଣାକୁ ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଭାରତୀୟ ଜନତା ପାର୍ଟିର ଏକ "ପୂର୍ବ ଯୋଜନାବଦ୍ଧ ନାଟକ" ବୋଲି କହି ତୃଣମୂଳ କଂଗ୍ରେସ (ଟିଏମସି) ଓ ବିଜେପି ମଧ୍ୟରେ ଏକ ବଡ଼ ରାଜନୈତିକ ବିବାଦ ସୃଷ୍ଟି କରିଥିଲେ। ଏହାର ଜବାବରେ ମୋଦୀ କହିଥିଲେ ଯେ ସେ ରାସ୍ତାରେ ମସଲାଯୁକ୍ତ ମୁଢ଼ି ଖାଇଛନ୍ତି ସତ, କିନ୍ତୁ ଏହାର ରାଗ ଟିଏମସିକୁ ଲାଗିଛି। ନିର୍ବାଚନ ସରିବା ପରେ ମଧ୍ୟ ପ୍ରଧାନମନ୍ତ୍ରୀ ନିଜର ନିକଟତମ ୫ଟି ଦେଶର ବିଦେଶ ଗସ୍ତ ସମୟରେ ନେଦରଲ୍ୟାଣ୍ଡସଠାରେ ପ୍ରବାସୀ ଭାରତୀୟମାନଙ୍କୁ ସମ୍ବୋଧିତ କରି ହସି ହସି ପଚାରିଥିଲେ, "ଝାଲମୁଢ଼ି ଏଠାରେ ମଧ୍ୟ ପହଞ୍ଚିଗଲାଣି କି?"।

# ଭାରତର ୯୭ଟି ସହର ଅଧିକ ଉତ୍ତପ୍ତ



**ନୂଆଦିଲ୍ଲୀ:** ଶୁକ୍ରବାର ଅପରାହ୍ଣରେ ବିଶ୍ୱର ୧୦୦ଟି ସବୁଠୁ ଉତ୍ତପ୍ତ ସହର ମଧ୍ୟରୁ ୯୭ଟି ଭାରତରେ ଥିବା ଜଣାପଡ଼ିଛି। ଦେଶର ଉତ୍ତର, ମଧ୍ୟ ଓ ପୂର୍ବ ଭାଗରେ ଭୟଙ୍କର ଗ୍ରୀଷ୍ମ ଲହରି ଜାରି ରହିଥିବା ବେଳେ ମଧ୍ୟାହ୍ନ ସୁଦ୍ଧା ତାପମାତ୍ରା ୪୫ ଡିଗ୍ରି ସେଲସିୟସରୁ ଅଧିକ ହୋଇଯାଇଥିଲା। ଏକ୍ୟୁଆଇ. ଇନ୍ ଅନୁଯାୟୀ, ଅପରାହ୍ଣ ୨ଟା ୫୦ ସୁଦ୍ଧା ବିଶ୍ୱର ସବୁଠୁ ଉତ୍ତପ୍ତ ୧୦୦ ସହର ତାଲିକାରେ ଭାରତର ୯୭ଟି ସହର ଥିବା ବେଳେ ଓଡିଶାର ବଲାଙ୍ଗୀର ୪୮ ଡିଗ୍ରି ସେଲସିୟସ୍ ତାପମାତ୍ରା ସହିତ ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ଉଭା ହୋଇଛି। ବିହାରର ସସାରାମ ସହରର ତାପମାତ୍ରା ମଧ୍ୟ ୪୮ ଡିଗ୍ରି ରହିଛି। ତା' ପଛକୁ ଉତ୍ତରପ୍ରଦେଶର ବାରାଣସୀରେ ୪୭ ଡିଗ୍ରି ସେଲସିୟସ ତାପମାତ୍ରା ରହିଛି। ଅନେକ ସହରରେ ଆର୍ଦ୍ରତା ସ୍ତର ୬ରୁ ୮ ପ୍ରତିଶତ ମଧ୍ୟରେ ରହିଥିଲା, ଯାହା ଅବସ୍ଥାକୁ ଅଧିକ ଖରାପ କରିଥିଲା। ଶୀର୍ଷ ୧୦୦ ତାଲିକାରେ କେବଳ ତିନୋଟି ସହର ହେଉଛି ନେପାଳର। ୨୩ତମ ସ୍ଥାନରେ ଥିବା ଧଙ୍ଗାଧି, ୩୪ତମ ସ୍ଥାନରେ ଥିବା ନେପାଳଗଞ୍ଜ ଓ ୭୬ତମ ସ୍ଥାନରେ ଥିବା ଲୁମ୍ବିନୀ ସାଂସ୍କୃତିକରେ ତାପମାତ୍ରା ୪୫ ଡିଗ୍ରିରୁ ୪୬ ଡିଗ୍ରି ସେଲସିୟସ ମଧ୍ୟରେ ରହିଥିଲା। ଏହି ତିନୋଟି ନେପାଳୀ ସହର ବ୍ୟତୀତ ତାଲିକାରେ ଥିବା ଅନ୍ୟ ସମସ୍ତ ସ୍ଥାନ ଭାରତରେ ଥିଲା। ଶୀର୍ଷ ୧୦୦ ତାଲିକାରେ ଥିବା ଅନ୍ୟ ସହରଗୁଡ଼ିକ ମଧ୍ୟରେ ଉତ୍ତରପ୍ରଦେଶର ମୁଜାଫରନଗର ୪୬ ଡିଗ୍ରି ସେଲସିୟସ୍ ସହ ୨୬ତମ ସ୍ଥାନରେ ଥିବା ବେଳେ ଉତ୍ତରପ୍ରଦେଶର ଅଯୋଧ୍ୟା ୪୬ ଡିଗ୍ରି ସହ ୩୨ତମ ସ୍ଥାନରେ ରହିଛି। ପଞ୍ଜାବର ପଟିଆଲାର ୪୬ ଡିଗ୍ରି ସେଲସିୟସ ସହ ୪୨ତମ ସ୍ଥାନରେ, ତେଲେଙ୍ଗାନାର ୱାରାଙ୍ଗଲରେ ୪୬ ଡିଗ୍ରି ସେଲସିୟସ ସହ ୫୫ତମ ଓ ଉତ୍ତରାଖଣ୍ଡର ହରିଦ୍ୱାର ୪୬ ଡିଗ୍ରି ସେଲସିୟସ ସହ ୫୬ତମ ସ୍ଥାନରେ ରହିଛି। ରାଜସ୍ଥାନର ଶ୍ରୀଗଙ୍ଗାନଗର ୪୫ ଡିଗ୍ରି ସେଲସିୟସ ସହ ୬୨ତମ, ମଧ୍ୟପ୍ରଦେଶର ଗ୍ୱାଲିୟର ୪୫ ଡିଗ୍ରି ସହ ୬୪ତମ, ଝାଡଖଣ୍ଡର ଧାନବାଦ ୪୫ ଡିଗ୍ରି ସହ ୭୧ତମ, ଚଣ୍ଡୀଗଡ଼ ୪୫ ଡିଗ୍ରି ସହ ୭୭ତମ, ଉତ୍ତରପ୍ରଦେଶର ଆଗ୍ରା ୪୪ ଡିଗ୍ରି ସହ ୯୦ତମ, ଭରତପୁର, ରାଜସ୍ଥାନ ୯୭ତମ ଏବଂ ମଧ୍ୟପ୍ରଦେଶର ସିଙ୍ଗରୌଲି ୪୪ ଡିଗ୍ରି ସହ ୧୦୦ତମ ସ୍ଥାନରେ ରହିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁଯାୟୀ, ମାର୍ଚ୍ଚ ଆରମ୍ଭରୁ ମେ ମଧ୍ୟଭାଗ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ଉତ୍ତାପ ସମ୍ବନ୍ଧୀୟ ରୋଗର ୩୦୦ରୁ ଅଧିକ ସନ୍ଦିଗ୍ଧ ମାମଲା ରିପୋର୍ଟ ହୋଇଛି। ମାର୍ଚ୍ଚ ୧ରୁ ମେ ୧୯ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ୩୨୫ଟି ସନ୍ଦିଗ୍ଧ ଅଂଶୁଘାତ ମାମଲା ରେକର୍ଡ କରାଯାଇଛି, ମେ ମାସ ଆରମ୍ଭରୁ ପ୍ରାୟ ଏକ ତୃତୀୟାଂଶ ରିପୋର୍ଟ ହୋଇଛି। ରାଜ୍ୟ କର୍ତ୍ତୃପକ୍ଷ ଲୋକଙ୍କୁ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୪ଟା ମଧ୍ୟରେ ବାହାରକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି। ମେ ୨୨ରୁ ୨୭ ମଧ୍ୟରେ ଦିଲ୍ଲୀ ଓ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଲାଗି ରହିବ ବୋଲି ଭାରତର ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପ୍ରବଳ ଗରମ ଯୋଗୁଁ ଦେଶର ବିଭିନ୍ନ ସ୍ଥାନରେ ଥିବା ଡାକ୍ତରଖାନାରେ ଡାଇରିଆ ଓ ଡିହାଇଡ୍ରେସନରେ ପୀଡିତ ରୋଗୀଙ୍କ ଲମ୍ବା ଧାଡ଼ି ଲାଗିଥିବା ବେଳେ ପଶ୍ଚିମ ରାଜ୍ୟ ଗୁଜୁରାଟରେ ଜଳ ଅଭାବ ଦେଖାଦେଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ସମତଳ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ଅତି କମ୍ରେ ୪୦ ଡିଗ୍ରି ସେଲସିୟସ ଓ ପାହାଡ଼ିଆ ଅଞ୍ଚଳରେ ୩୦ ଡିଗ୍ରି ସେଲସିୟସରେ ପହଞ୍ଚିବା ଏବଂ ସ୍ୱାଭାବିକଠାରୁ ୪.୫ରୁ ୬.୪ ଡିଗ୍ରି ସେଲସିୟସ୍ ଅଧିକ ରହିଲେ କିମ୍ବା ତାପମାତ୍ରା ୪୫ ଡିଗ୍ରି ସେଲସିୟସ୍ ଛୁଇଁଲେ ଗ୍ରୀଷ୍ମ ଲହରି ଘୋଷଣା କରାଯାଏ। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଚଳିତ ସପ୍ତାହ ଆରମ୍ଭରେ ଉତ୍ତରପ୍ରଦେଶର ବାନ୍ଦାରେ ଚଳିତ ବର୍ଷ ସର୍ବାଧିକ ତାପମାତ୍ରା ୪୮ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଥିଲା।

## ଆଜିର ମ୍ୟାଚ

- ଲକ୍ଷ୍ନୌ-ପଞ୍ଜାବ
- ସ୍ଥାନ- ଲକ୍ଷ୍ନୌ
- ସମୟ- ରାତି ୭.୩୦
- ପ୍ରସାରଣ- ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୪ | ୯ | ୫ | ୧୮ |
| ଗୁଜରାଟ | ୧୪ | ୯ | ୫ | ୧୮ |
| ହାଇଦ୍ରାବାଦ | ୧୪ | ୯ | ୫ | ୧୮ |
| ରାଜସ୍ଥାନ | ୧୩ | ୭ | ୬ | ୧୪ |
| ପଞ୍ଜାବ | ୧୩ | ୬ | ୬ | ୧୩ |
| ଚେନ୍ନାଇ | ୧୪ | ୬ | ୮ | ୧୨ |
| ଦିଲ୍ଲୀ | ୧୩ | ୬ | ୭ | ୧୨ |
| କୋଲକାତା | ୧୩ | ୬ | ୬ | ୧୩ |
| ମୁମ୍ବାଇ | ୧୩ | ୪ | ୯ | ୮ |
| ଲକ୍ଷ୍ନୌ | ୧୩ | ୪ | ୯ | ୮ |

### ଆଇପିଏଲ୍ ମହାସମର

# ଟେବୁଲ ଶୀର୍ଷରେ ବେଙ୍ଗାଲୁରୁ

ହାଇଦ୍ରାବାଦ,୨୨।୫(ଏଜେନ୍ସି): ଶୀର୍ଷ ସ୍ଥାନ ପାଇଁ ଲଢ଼େଇରେ ବେଙ୍ଗାଲୁରୁ ବାଜି ମାରିଛି। ମ୍ୟାଚ ପରାଜୟ ସତ୍ତ୍ୱେ ଶୀର୍ଷ ସ୍ଥାନ ହରାଇ ନାହିଁ। ଶୁକ୍ରବାର ଅନୁଷ୍ଠିତ ଆଇପିଏଲର ୬୭ତମ ଲିଗ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ ୫୫ ରନ୍ ବ୍ୟବଧାନରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାଜିତ କରିଛି। ଚଳିତ ଆଇପିଏଲରେ ସନରାଇଜର୍ସ ୯ ବିଜୟ ସହ ୧୮ ପଏଣ୍ଟ ହାସଲ କରିଛି। ବେଙ୍ଗାଲୁରୁ ୧୪ ମ୍ୟାଚରୁ ୧୮ ପଏଣ୍ଟ ପାଇଛି। ଏହି ମ୍ୟାଚରେ ସନରାଇଜର୍ସ ୨୦ ଓଭରରେ ୪ ୱିକେଟ୍ ହରାଇ ୨୫୫ ରନର ବିଶାଳ ସ୍କୋର କରିଥିଲା। ଜବାବରେ ବେଙ୍ଗାଲୁରୁ ୨୦ ଓଭରରେ ୨୦୦/୪ ରନ୍ କରିବାକୁ ସକ୍ଷମ ହୋଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ସନରାଇଜର୍ସ ପକ୍ଷରୁ ଅଭିଶେକ ଶର୍ମା, ଇଶାନ କିଷାନ ଓ ହେନରିଚ କ୍ଲାସେନ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଅଭିଶେକ ଶର୍ମାଙ୍କ ସହ ଟ୍ରେଭିସ ହେଡ ଇନିଂସ ଓପନ କରି ଆରମ୍ଭରୁ ହିଁ ଆକ୍ରମଣାତ୍ମକ ଖେଳିଥିଲେ। ୪ ଓଭରରେ ଦୁହେ ୪୫ ରନ୍ ସଂଗ୍ରହ କରିଥିଲେ। ଟ୍ରେଭିସ ହେଡ ୧୬ ବଲରୁ ୫ ଚୌକା ସହ ୨୬ ରନ କରିଥିଲେ। ଅଭିଶେକ ଶର୍ମା ୨୨ ବଲରୁ ୫୬ ରନ୍ କରି ପାଭିଲିୟନ୍ ଫେରିଥିବା ବେଳେ ଇଶାନ କିଷାନଙ୍କ ଇନିଂସରେ ଚମକ ଦେଖିବାକୁ ମିଳିଥିଲା। ୪୬ ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହାୟତାରେ ୭୯ ରନ୍ କରିଥିଲେ। କ୍ଲାସେନ ମଧ୍ୟ ଚୌକା ଓ ଛକାର ବର୍ଷା କରିଥିଲେ। ସେ ୨୪ ବଲରୁ ୨ଟି ଚୌକା ଓ ୫ଟି ଛକା ସହାୟତାରେ ୫୧ ରନ୍ କରିଥିଲେ। ନୀତିଶ କୁମାର ରେଡ୍ଡୀ ଅପରାଜିତ ୨୯ ରନ କରିଥିଲେ। ତେଣୁ ସନରାଇଜର୍ସ ୨୦ ଓଭରରେ ୪ ୱିକେଟ୍ ହରାଇ ୨୫୫ ରନ କରିଥିଲା।

ଜବାବରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୨୫୬ ରନକୁ ପିଛା କରି ୨୦୦/୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏତେ ବଡ଼ ସ୍କୋରକୁ ପିଛା କରି ବେଙ୍ଗାଲୁରୁ ଭଲ ଆରମ୍ଭ ସତ୍ତ୍ୱେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିନଥିଲା। ଅବଶ୍ୟ ବିରାଟ କୋହଲିଙ୍କ ବ୍ୟାଟରୁ ବଡ଼ ଇନିଂସ ଦେଖିବାକୁ ମିଳିନଥିଲା। କିନ୍ତୁ ଅଧିନାୟକ ରଜତ ପଟିଦାର ଅର୍ଦ୍ଧଶତକ ହାସଲ କରିଥିଲେ। ଓପନର ଭେଙ୍କଟେଶ ଆୟର ୪୪ ରନ, ବିରାଟ କୋହଲି ୧୫, ଦେବଦୂତ



ପଡିକାଲ ୨୧, ରଜତ ପଟିଦାର ୫୬ ରନ, କ୍ରୁନାଲ ପାଣ୍ଡ୍ୟା ଅପରାଜିତ ୪୧ ଓ ଟିମ ଡେଭିଡ ୧୫ ରନ କରିଥିଲେ। ଏହା ସତ୍ତ୍ୱେ ବେଙ୍ଗାଲୁରୁ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୦ ରନ କରିବାକୁ ସକ୍ଷମ ହୋଇଥିଲା।

# ୧୫ରୁ କିଟ୍‌ରେ ଜାତୀୟ ସିନିୟର ଆର୍‌ବିଟର ସେମିନାର

ଭୁବନେଶ୍ୱର,୨୨।୫(ସବ୍ୟୁ): ସର୍ବଭାରତୀୟ ଚେସ ମହାସଂଘ ତରଫରୁ ଆଗାମୀ ୨୫ ଓ ୨୬ ତାରିଖ ଦୁଇ ଦିନ ଧରି କିଟ୍ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ପରିସରରେ ନିଖିଳ ଓଡ଼ିଶା ଚେସ ସଂଘ ଆନୁକୂଲ୍ୟରେ ଜାତୀୟ ସିନିୟର ଆରବିଟର ସେମିନାର ପରୀକ୍ଷା ଆୟୋଜିତ ହେବ। ଦେଶର ଯେକୌଣସି ରାଜ୍ୟର ୧୭ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବିଶେଷ, ଚେସ ଖେଳ ବିଷୟରେ ଜ୍ଞାନ ଥିବା ଯେକୌଣସି ଖେଳାଳି ୪ ହଜାର ଟଙ୍କା ପ୍ରବେଶିକା ଦେୟ ଦେଇ ସିଧାସଳଖ ଏହି ଆରବିଟର ସମ୍ମିଳନୀରେ ଭାଗ ନେଇ ପରୀକ୍ଷା ଦେଇ ପାରିବେ। ସର୍ବାଧିକ ୪୦ରୁ ୪୫ ଜଣ ପରୀକ୍ଷାର୍ଥୀ ପ୍ରଥମ ବ୍ୟାଚ ପରୀକ୍ଷାରେ ଭାଗ ନେଇପାରିବେ। ପରୀକ୍ଷାର୍ଥୀମାନେ ପ୍ରଥମେ ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତିଙ୍କୁ ଇ-ମେଲ ମାଧ୍ୟମରେ ନିଜର ପ୍ରାର୍ଥିତ୍ୱକୁ ଜଣାଇ ସର୍ବଭାରତୀୟ ଚେସ ମହାସଂଘକୁ ନିଜ ନାମପଞ୍ଜିକରଣ ପାଇଁ ପଠାଇ ପାରିବେ। ଅଧିକ ସୂଚନା ପାଇଁ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି (୯୯୩୭୮୮୬୩୭୨) କିମ୍ବା କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ ମହାନ୍ତି (୯୯୩୭୦୫୩୬୩୭)ଙ୍କ ସହ ଯୋଗାଯୋଗ କରିବାକୁ ରାଜ୍ୟ ଚେସ ତରଫରୁ ଅନୁରୋଧ କରାଯାଇଛି।

### ଆନ୍ତଃ ଜିଲ୍ଲା କ୍ରିକେଟ

# ଭୁବନେଶ୍ୱର, ଢେଙ୍କାନାଳ, ଅନୁଗୁଳ, ଖୋର୍ଦ୍ଧା ବିଜୟୀ

ଭୁବନେଶ୍ୱର,୨୨।୫(ସବ୍ୟୁ): ଓଡ଼ିଶା କ୍ରିକେଟ ଆସୋସିଏସନର ଘରୋଇ ପ୍ରତିଯୋଗିତା ୧୯ ବର୍ଷରୁ କମ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ପର୍ଯ୍ୟାୟ ପ୍ରିମିଲିମିନାରୀ ଲିଗର ଦ୍ୱିତୀୟ ଦିନ ଅନୁଷ୍ଠିତ ମ୍ୟାଚ ଗୁଡିକରେ ଭୁବନେଶ୍ୱର ଏ', ଢେଙ୍କାନାଳ, ଅନୁଗୁଳ, ଖୋର୍ଦ୍ଧା, ଝାରସୁଗୁଡା, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ପୁରୀ ବିଜୟୀ ହୋଇଛନ୍ତି।

ଖୋର୍ଦ୍ଧା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ଏ ୧୫୧ ରନ ବ୍ୟବଧାନରେ ବଲାଙ୍ଗୀରକୁ ହରାଇଛି। ଏହି ମ୍ୟାଚରେ ଭୁବନେଶ୍ୱର ଏ' ୨୫ ଓଭରରେ ୫ ୱିକେଟ୍ ହରାଇ ୨୩୬ ରନ କରିଥିଲା। ଜବାବରେ ବଲାଙ୍ଗୀର ୨୫ ଓଭରରେ ୮୫/୮ ରନ କରିବାକୁ ସକ୍ଷମ ହୋଇଥିଲା। ଅଡଶପୁର ଗ୍ରାଉଣ୍ଡରେ ଢେଙ୍କାନାଳ ସୁପର ଓଭରରେ ବରଗଡ଼କୁ ହରାଇଛି। ଏହି ମ୍ୟାଚରେ ଢେଙ୍କାନାଳ ୩୯ ଓଭରରେ ୨୧୨ ରନ୍ କରିଥିଲା। ବରଗଡ଼ ୪୩ ଓଭରରେ ୨୧୨/୮ ରନ୍ କରିବାକୁ ମ୍ୟାଚ ଡ୍ର ହୋଇଥିଲା। ସୁପର ଓଭରରେ ୮ ରନ କରିଥିଲା। ବରଗଡ଼ ୭/୧ ରନ କରିବାକୁ ସକ୍ଷମ ହୋଇଥିଲା। ନିମପୁର ଗ୍ରାଉଣ୍ଡରେ ଅନୁଗୁଳ ୨୦ ରନ୍ ବ୍ୟବଧାନରେ କୋରାପୁଟକୁ ହରାଇଛି। ରେଭେନ୍ସା ନଂ.୧ ଗ୍ରାଉଣ୍ଡରେ ଖୋର୍ଦ୍ଧା ୭ ୱିକେଟରେ ମାଲକାନାଗିରିକୁ ହରାଇଥିବା ବେଳେ ରେଭେନ୍ସା ନଂ.୨ ଗ୍ରାଉଣ୍ଡରେ ଝାରସୁଗୁଡା ୯ ୱିକେଟରେ ଗଞ୍ଜାମକୁ ହରାଇଥିଲା। ବିଡାନାସୀ ଗ୍ରାଉଣ୍ଡରେ ମୟୁରଭଞ୍ଜ ୯ ୱିକେଟରେ ନୂଆପଡ଼ାକୁ, ଭୁବନେଶ୍ୱର ରେଳବାଇ ଗ୍ରାଉଣ୍ଡରେ କେନ୍ଦୁଝର ୮୫ ରନରେ ଭଦ୍ରକକୁ, ସନସାଇନ ଗ୍ରାଉଣ୍ଡରେ ବାଲେଶ୍ୱର ୧୫୮ ରନ୍ ବ୍ୟବଧାନରେ ସୋନପୁରକୁ, ଡ୍ରିମ୍ସ ଗ୍ରାଉଣ୍ଡରେ ପୁରୀ ୮ ୱିକେଟରେ ଜଗତସିଂହପୁରକୁ ପରାଜିତ କରିଛି।

### ଏଭରେଷ୍ଟ ଚଢ଼ି ସ୍ୱପ୍ନ ପୂରଣ କଲେ

# ଓହ୍ଲାଇବା ବେଳେ ଚାଲିଗଲା ଜୀବନ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଦୁଇ ଭାରତୀୟ ପର୍ବାତାରୋହୀ ଏଭରେଷ୍ଟ ଗିରି ଶୃଙ୍ଗ ସଫଳତାର ସହ ଚଢ଼ି ଫେରିବା ବେଳେ ଜୀବନ ହରାଇଛନ୍ତି। ଏନେଇ ନେପାଳର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ନେପାଳ ପର୍ବତାରୋହୀ ପରିଚାଳକ ସଂଘର ମହାସଚିବ ଋଷି ଭଣ୍ଡାରୀ ପିଟିଆଇକୁ ଦେଇଥିବା ସୂଚନା ଅନୁସାରେ, ଓହ୍ଲାଇବା ବେଳେ ଦୁଇ ପର୍ବତାରୋହୀଙ୍କ ଜୀବନ ଯାଇଛି। ସନ୍ଦୀପ ଅରେ ନାମକ ଜଣେ ପର୍ବତାରୋହୀ ଓହ୍ଲାଇବା ବେଳେ ଅତ୍ୟଧିକ ଥକି ପଡ଼ିଥିଲେ। ତାଙ୍କୁ ଶେରପା ଗାଇଡମାନେ ରାତି ସାରା ଅକ୍ଳାନ୍ତ ପରିଶ୍ରମ କରି ବାଲ୍କନୀରୁ ସାଉଥ କୋଲ କ୍ୟାମ୍ପ ପର୍ଯ୍ୟନ୍ତ ଆଣିଥିଲେ। ହେଲେ ସେମାନଙ୍କର ସବୁ ପ୍ରଚେଷ୍ଟା ସତ୍ତ୍ୱେ ପର୍ବତାରୋହୀଙ୍କୁ ବଞ୍ଚାଇଯାଇପାରିନାହିଁ। ସେହିଭଳି ଅନ୍ୟ ଜଣେ ପର୍ବତାରୋହୀ ଅରୁଣ ତିଓ୍ୱାରୀ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ବେଳେ ଏଭରେଷ୍ଟ ଶିଖରରେ ପହଞ୍ଚିଥିଲେ। ତାଙ୍କ ସହ ଦୁଇ ଅନୁଭବୀ ଶେରପା ପର୍ବତାରୋହୀ ଗାଇଡ ଥିଲେ। ତେବେ ସେମାନେ ତଳକୁ ଓହ୍ଲାଇବା ସମୟରେ ହିଲେରୀ ଷ୍ଟେପରେ ଅରୁଣ ତିଓ୍ୱାରୀ ଥକି ପଡ଼ିଥିଲେ। ସ୍ଥିତି ଏଭଳି ଥିଲା ଯେ, ତାଙ୍କୁ ଗାଇଡମାନେ ନିଜ ସାଙ୍ଗରେ ଆଣିପାରୁନଥିଲେ। ଆଉ କିଛି ସମୟ ମଧ୍ୟରେ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା। ସୂଚନା ଅନୁସାରେ, ଅରୁଣ ତିୱାରୀଙ୍କ ମୃତ୍ୟୁ ହିଲେରୀ ଷ୍ଟେପ ନିକଟରେ ହୋଇଥିଲା, ଯେତେବେଳେ ଚାରି ଜଣ ଶେରପା ଗାଇଡ଼ ତାଙ୍କୁ ତଳକୁ ଓହ୍ଲାଇବାକୁ ଚେଷ୍ଟା କରୁଥିଲେ। ସୂଚନାଯୋଗ୍ୟ, ଏଭଳି ଦୁଃଖଦ ଖବର ନିକଟରେ ୨୧ ବର୍ଷୀୟା ସାନିକା ଶାହ ଏବଂ ସୀମା ସୁରକ୍ଷା ବାହିନୀର ମହିଳା ପର୍ବତାରୋହୀ ଦଳ ସମେତ ଅନେକ ଭାରତୀୟଙ୍କ ସଫଳ ଏଭରେଷ୍ଟ ଶିଖର ଆରୋହଣ ମଧ୍ୟରେ ଆସିଛି। ଏମିତିରେ ବି ଖୁମ୍ବୁ ଆଇସ୍ ଫଲ୍ରେ ବିଳମ୍ବ ଯୋଗୁ ଚଳିତ ଥର ପର୍ବତାରୋହଣ ସିଜିନ ବିଳମ୍ବରେ ଆରମ୍ଭ ହୋଇଛି। ଫଳରେ ନେପାଳ ପଟୁ (ଦକ୍ଷିଣ ବେସ କ୍ୟାମ୍ପରୁ) ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ୨୭୪ ପର୍ବତାରୋହୀ ମାଉଣ୍ଟ ଏଭରେଷ୍ଟ ଶିଖରରେ ପହଞ୍ଚିଥିଲେ। ସେହିଭଳି ଏହା ପୂର୍ବରୁ ଏଭରେଷ୍ଟ ଶିଖର ପର୍ଯ୍ୟନ୍ତ ରସି ବାନ୍ଧିବା କାମ ମେ ୧୩ରେ ଶେଷ ହୋଇଥିଲା। ଚଳିତ ବର୍ଷ ଏଭରେଷ୍ଟରେ ଚଢ଼ିବାରେ ରେକର୍ଡ ହେବା ନେଇ ଅନୁମାନ କରାଯାଉଛି।

### ଜୁନିୟର ଏସିଆ କପ ହକି: ଜାତୀୟ ଦଳରେ ଓଡ଼ିଶାର ଅରମାନ

# ୮ ବର୍ଷ ପରେ ଓଡ଼ିଆ ଝିଅଙ୍କୁ ନେତୃତ୍ୱ

ଭୁବନେଶ୍ୱର,୨୨।୫(ସବ୍ୟୁ): ଜାପାନର କାକାମିଘାରାରେ ଆୟୋଜିତ ହେବାକୁଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ହକି ପାଇଁ ଭାରତୀୟ ପୁରୁଷ ଓ ମହିଳା ଦଳ ଘୋଷଣା ହୋଇଛି। ୧୮ ଜଣିଆ ପୁରୁଷ ଦଳରେ ଓଡ଼ିଶାର ଉଦୀୟମାନ ଡିଫେଣ୍ଡର ଅରମାନ ସୋରେଙ୍ଗଙ୍କୁ ସ୍ଥାନ ମିଳିଛି। ସାଇ ଭୋପାଳର କୋଚ ସର୍ଦ୍ଦାର ସିଂଙ୍କ ଅଧ୍ୟକ୍ଷତାରେ ଦଳ ଚୟନ କରାଯାଇଥିଲା। କେତନ କୁଶୱାହ ଦଳର ନେତୃତ୍ୱ ନେବେ। ପୁଲ ଏ'ରେ ଭାରତ ସ୍ଥାନ ପାଇଛି। ଚଳିତ ମାସ ୨୯ରେ କାଜାଖସ୍ତାନ ବିପକ୍ଷ ମ୍ୟାଚ ଅଭିଯାନ ଆରମ୍ଭ କରିବ। ଏହାପରେ ମେ' ୩୧ରେ ଜାପାନ, ଜୁନ ୧ରେ



ଦ.କୋରିଆ ଓ ୩ ତାରିଖରେ ଚାଇନିଜତାଇପେଇକୁ ଭେଟିବ। ଉଭୟ ପୁରୁଷ ଓ ମହିଳା ବର୍ଗର ପ୍ରତିଯୋଗିତା ମେ ୨୯ରୁ ଜୁନ ୬ ତାରିଖ ପର୍ଯ୍ୟନ୍ତ ଚାଲିବ।

ସେହିଭଳି ଘୋଷଣା ହୋଇଥିବା ମହିଳା ଦଳରେ ଓଡ଼ିଶାର ୪ ଜଣ ଝିଅ ସ୍ଥାନ ପାଇଛନ୍ତି। ଏମାନେ ହେଲେ ସ୍ୱିଟି କୁଜୁର, ରୁବିନା ବାର୍ଲା, ପ୍ରିୟଙ୍କା ମିଞ୍ଜ ଓ କିରଣ ଏକ୍କା। ୮ ବର୍ଷ ପରେ ଓଡ଼ିଆ ଝିଅଙ୍କୁ ଜାତୀୟ ଦଳରେ ନେତୃତ୍ୱ ମିଳିଛି। ୨୦୧୮ରେ ସୁନୀତା ଲାକ୍ରା ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ପୁଣି ୨୦୨୬ରେ ସ୍ୱିଟି କୁଜରଙ୍କୁ ଜୁନିୟର ଏସିଆ କପରେ ନେତୃତ୍ୱ ମିଳିଛି।

### ସର୍ବଭାରତୀୟ ମାଇକେଲ କିଣ୍ଡୋ ମହିଳା ହକି

# ସୁନ୍ଦରଗଡ଼, ସିଆଇଏସଏଫ ବିଜୟୀ

ଭୁବନେଶ୍ୱର,୨୨।୫(ସବ୍ୟୁ): ରାଜ୍ୟର କିମ୍ବଦନ୍ତୀ ହକି ଖେଳାଳି ମାଇକେଲ କିଣ୍ଡୋଙ୍କ ସ୍ମୃତିରେ ଦ୍ୱିତୀୟ ସର୍ବଭାରତୀୟ ମାଇକେଲ କିଣ୍ଡୋ ମହିଳା ହକି ଚାମ୍ପିଅନସିପ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିନ ଅନୁଷ୍ଠିତ ମ୍ୟାଚ ଗୁଡିକରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ଓ ସିଆଇଏସଏଫ ବିଜୟଲାଭ କରିଛନ୍ତି। ସିଆଇଏସଏଫ ୩-୧ ଗୋଲରେ ଓଡ଼ିଶା ପୋଲିସକୁ ଧରାଶାୟୀ କରିଥିବା ବେଳେ ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼ ୨-୧ ଗୋଲରେ ହକି ସିମଡେଗାକୁ ପରାସ୍ତ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼ ଓ ହକି ସିମଡେଗା ମଧ୍ୟରେ ଏକ ରୋଚକ ଲଢ଼େଇ ଦେଖିବାକୁ ମିଳିଥିଲା। ମ୍ୟାଚର ୧୫ତମ ଓ ୩୯ତମ ମିନିଟରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ୨ଟି ଗୋଲ ହୋଇଥିବା ବେଳେ ହକି ସିମଡେଗା ପକ୍ଷରୁ ୪୭ତମ ମିନିଟରେ ଏକମାତ୍ର ଗୋଲ ପରିଶୋଧ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ସିଆଇଏସଏଫ ୩-୧ ଗୋଲରେ ଓଡ଼ିଶା ପୋଲିସକୁ ହରାଇଛି। ମ୍ୟାଚର ୭ମ, ୨୦ତମ ଓ ୨୪ତମ ମିନିଟରେ ସିଆଇଏସଏଫ ପକ୍ଷରୁ ୩ଟି ଗୋଲ୍ ହୋଇଥିଲା। ୩୩ତମ ମିନିଟରେ ଓଡ଼ିଶା ପୋଲିସ ଏକମାତ୍ର ଗୋଲ ପରିଷଦ କରିବାକୁ ସକ୍ଷମ ହୋଇଥିଲା। ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଏବଂ ହକି ଆସୋସିଏସନ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ଗତବର୍ଷ ପ୍ରଥମ ସଂସ୍କରଣ ପୁରୁଷ ବର୍ଗରେ ହୋଇଥିଲା। ଏଥର ମହିଳା ବର୍ଗକୁ ନେଇ ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ୮ଟି ଦଳକୁ ୨ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପୁଲ୍ ଏ'ରେ ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା, ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ, ଦକ୍ଷିଣ ପୂର୍ବ ରେଳବାଇ ଏବଂ ସାଇ କୋଲକାତା ସ୍ଥାନ ପାଇଛନ୍ତି। ସେହିଭଳି ପୁଲ ବି'ରେ ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼, ହକି ସିମଡେଗା, ସିଆଇଏସଏଫ ଏବଂ ଓଡ଼ିଶା ପୋଲିସ ସ୍ଥାନ ପାଇଛନ୍ତି। ପ୍ରଥମ ଦିନ ୪ଟି ମ୍ୟାଚ ଖେଳାଯିବ। ସକାଳ ୬ଟାରୁ ମ୍ୟାଚ ଆରମ୍ଭ ହେବ। ସେହିଭଳି ଦିନର ଚତୁର୍ଥ ମ୍ୟାଚ ସନ୍ଧ୍ୟା ୫.୩୦ରେ ଆରମ୍ଭ ହେବ। ୬ ଦିନ ମଧ୍ୟରୁ ୫ ଦିନ ମ୍ୟାଚ ଖେଳାଯିବ। ୨୫ ତାରିଖ ବିଶ୍ରାମ ଦିବସ ରହିବ। ଏଥର ପ୍ରତିଯୋଗିତା ପାଇଁ ଆକର୍ଷଣୀୟ ପୁରସ୍କାର ରାଶି ରହିଛି। ବିଜେତା ଦଳକୁ ୧ ଲକ୍ଷ, ରନର୍ସ ଅପ୍ ଦଳ ୫୦ ହଜାର, ତୃତୀୟ ସ୍ଥାନ ୩୦ ହଜାର ଏବଂ ଚତୁର୍ଥ ସ୍ଥାନ ହାସଲକାରୀ ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ।

# ରାମେଶ୍ୱର କପ୍ ଯୁଗଳ ଟ୍ରଫି କ୍ରିକେଟ୍ ୨୪ରୁ

ଭୁବନେଶ୍ୱର,୨୨।୫(ସବ୍ୟୁ): ରାଜଧାନୀର ଅନ୍ୟତମ ଅଗ୍ରଣୀ କ୍ରିକେଟ୍ କ୍ଲବ୍ ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କନିଷ୍ଠ ବର୍ଗର ଖେଳାଳିଙ୍କ ପାଇଁ ସୀମିତ ଓଭର କ୍ରିକେଟ୍ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଓସିଏ ଅନ୍ତଃଜିଲ୍ଲା ଖେଳସୂଚୀକୁ ନଜରରେ ରଖି ଏହି ପ୍ରତିଯୋଗିତା ମେ' ୨୪ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥର ଦୁଇଟି ବୟସ ବର୍ଗରେ ଏହା ଲିଗ୍ ଭିତ୍ତିକ ଖେଳାଯିବ। ମେ' ୨୪ରୁ ୨୬ ପର୍ଯ୍ୟନ୍ତ ୧୫ ବର୍ଷରୁ କମ୍ ବର୍ଗ ଏବଂ ୨୭ରୁ ୨୯ ପର୍ଯ୍ୟନ୍ତ ୧୮ ବର୍ଷରୁ କମ୍ ପ୍ରତିଯୋଗିତାର ଲିଗ୍ ମ୍ୟାଚ୍‌ଗୁଡିକ ଖେଳାଯିବ। ୩୦ ତାରିଖରେ ୧୮ ବର୍ଷରୁ କମ୍ ବର୍ଗର ଫାଇନାଲ୍ ଏବଂ ୩୧ ତାରିଖରେ ୧୫ ବର୍ଷରୁ କମ୍ ବର୍ଗର ଫାଇନାଲ୍ ଖେଳାଯିବ ବୋଲି ରାମେଶ୍ୱର ସ୍ପୋର୍ଟିଂ କ୍ଲବର ସମ୍ପାଦକ ଦୀପକ କୁମାର ମଙ୍ଗରାଜ ସୂଚନା ଦେଇଛନ୍ତି। ଉଭୟ ବୟସ ବର୍ଗରେ ୪ଟି ଲେଖାଏଁ ଦଳ ଖେଳିବେ। ୧୮ ବର୍ଷରୁ କମ୍ ବର୍ଗରେ ରାମେଶ୍ୱର ସ୍ପୋର୍ଟିଂ, ଏମ୍ପିସି, ଟାଉନ୍ କ୍ଲବ୍, ରେଡ୍ ଷ୍ଟାର୍ ଏବଂ ୧୫ ବର୍ଷରୁ କମ୍ ବର୍ଗରେ ରାମେଶ୍ୱର ସ୍ପୋର୍ଟିଂ, ସହିଦ୍ ସ୍ପୋର୍ଟିଂ, ଗ୍ରିନ୍ସ କ୍ରିକେଟ୍ ଏକାଡେମୀ, ଫ୍ରେଣ୍ଡସ୍ କ୍ଲବ୍ ଅଂଶଗ୍ରହଣ କରିବେ। ଜଣେ ଖେଳାଳି ଉଭୟ ପ୍ରତିଯୋଗିତାରେ କେବଳ ଗୋଟିଏ କ୍ଲବ୍ର ପ୍ରତିନିଧିତ୍ୱ କରିପାରିବେ। ମୋଟ ୫୦ ହଜାର ଟଙ୍କାର ପୁରସ୍କାର ରାଶି ସହିତ ଅନ୍ୟ ସମସ୍ତ ବ୍ୟକ୍ତିଗତ ଓ ଦଳଗତ ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି ବୋଲି ଶ୍ରୀ ମଙ୍ଗରାଜ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

classifiedsamaya@gmail.com


### କାଭା ମହିଳା ଭଲିବଲ ଚାମ୍ପିଅନସିପ

# ଭାରତର ବିଜୟ ଅଭିଯାନ



ଭୁବନେଶ୍ୱର,୨୨।୫(ସବ୍ୟୁ): ନେପାଳରେ ଆୟୋଜିତ କାଭା ମହିଳା ଭଲିବଲ ଚାମ୍ପିଅନସିପରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତୀୟ ସିନିୟର ମହିଳା ଦଳ ପ୍ରଥମ ମ୍ୟାଚକୁ ନେପାଳକୁ ୩-୨ ସେଟ (୨୧-୨୫, ୨୫-୨୦, ୨୫-୧୯, ୨୧-୨୫, ୧୫-୯)ରେ ପରାସ୍ତ କରିଥିଲା। ଭାରତୀୟ ଖେଳାଳିଙ୍କ ଜମାଣିଆ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଛି। ଭାରତୀୟ ଦଳରେ ନନ୍ଦନ ଭାଲାପିଲ, ଚନ୍ଦନ ସୋନିଆ କୁମାର, ଶିଳ୍ପା ରାଜେନ୍ଦ୍ର ନାୟାରସିନ୍ଧୁ, ଆର୍ଯ୍ୟ କୁରିଏଡାର୍ଥ, ଆନ୍ନା ମାଥ୍ୟୁ, ଅନାମିକା ପାଲିଥ, ଆୟୋଷି ଭଣ୍ଡାରୀ, ସାଲିନୀ ସୋରଭନ, ପ୍ରିରୁନା ପାଲ, ଅନୁଶ୍ରୀ କାମ୍ବାର୍ଥ, କବିତା ଅଙ୍ଗ, ରାଧାକ୍ରିଷ୍ଣ ସାଥୀଦାଶ ଓ ଅନ୍ୟନ୍ୟା ଦାଶ ଜମାଣିଆ ପ୍ରଦର୍ଶନ ଦେଖାଇଛନ୍ତି। ଜନ କୁଲାଲ ଦଳର ମୁଖ୍ୟକୋଚ ଅଛନ୍ତି। ପ୍ରଥମ ମ୍ୟାଚରେ ଜମାଣିଆ ବିଜୟ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଓଡ଼ିଶା ଭଲିବଲ ଆସୋସିଏସନର ସଭାପତି ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

# ଭାରତରେ ବେସବଲର ଲୋକପ୍ରିୟତା ପାଇଁ ଏମଏଲବି - ରିଲାଏନ୍ସର ସହଭାଗିତା

ମୁମ୍ବାଇ,୨୨।୫(ଏଜେନ୍ସି): ମେଜର୍ ଲିଗ୍ ବେସବଲ (ଏମଏଲବି) ପକ୍ଷରୁ ରାଇଜ ୱାର୍ଲ୍ଡୱାଇଡ୍ ସହିତ ଏକ ନୂତନ ସହଭାଗୀତା ଘୋଷଣା କରାଯାଇଛି। ରାଇଜ ୱାର୍ଲ୍ଡୱାଇଡ୍ ହେଉଛି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଏକ ସମ୍ପୂର୍ଣ୍ଣ ମାଲିକାନା ଅଧୀନରେ ଥିବା ସହାୟକ କମ୍ପାନୀ। ଏହି ସହଭାଗିତାର ଉଦ୍ଦେଶ୍ୟ ହେଉଛି ବେସବଲକୁ ଭାରତର ଦର୍ଶକଙ୍କ ନିକଟତର କରିବା। ଏହି ସହଭାଗିତା ଅଧୀନରେ, ବ୍ୟାପକ ପ୍ରସାର ପାଇଁ ମାର୍କେଟିଂ ଅଭିଯାନ ଏବଂ ସୋସିଆଲ ମିଡିଆ ପ୍ରମୋସନ କରାଯିବ। ଅକ୍ଟୋବର ୨୦୨୬ ରେ ମୁମ୍ବାଇରେ ଏକ ପ୍ରମୁଖ ଲାଇଭ୍ ଇଭେଣ୍ଟ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଇଭେଣ୍ଟର ଲକ୍ଷ୍ୟ ହେଉଛି ଭାରତୀୟ ଦର୍ଶକଙ୍କୁ ବେସବଲ ସହିତ ପରିଚିତ କରାଇବା। ଏମଏଲବି ବିଗତ ବହୁ ବର୍ଷ ଧରି ଭାରତରେ ବେସବଲକୁ ପ୍ରୋତ୍ସାହିତ କରିବା ପାଇଁ କାମ କରିଆସୁଛି। ୨୦୧୯ ରେ ନୂଆଦିଲ୍ଲୀରେ ଏକ କାର୍ଯ୍ୟାଳୟ ଖୋଲିବା ପରଠାରୁ, ଲିଗ୍ ସକ୍ରିୟ ଭାବରେ ଏହି ଖେଳ ପ୍ରତି ସଚେତନତା ଏବଂ ଆଗ୍ରହ ବୃଦ୍ଧି କରିବାରେ ନିୟୋଜିତ ହୋଇଛି। "ଏମଏଲବି ଫର୍ଷ୍ଟ ପିଚ୍" କାର୍ଯ୍ୟକ୍ରମ ସାରା ଭାରତର ସ୍କୁଲଗୁଡ଼ିକରେ ଆରମ୍ଭ କରାଯାଇଥିଲା, ଏବଂ ଯୁବପିଢ଼ିଙ୍କ ପାଇଁ "ଏମଏଲବି କପ୍" ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହା ସହିତ, ଭାରତରେ ଏମଏଲବି ପୋଷ୍ଟ-ସିଜନ୍ ଖେଳ ପ୍ରସାରିତ ହୋଇଛି। ଏମଏଲବି "ଇଣ୍ଡିଆନ୍ ବେସବଲ୍ ଡ୍ରିମ୍ସ" ଭଳି ଭାରତ-କୈନ୍ଦ୍ରିକ ପଦକ୍ଷେପ ମଧ୍ୟ ଆରମ୍ଭ କରିଛି, ଯାହା ଜନସାଧାରଣଙ୍କ ମଧ୍ୟରେ ଏହି ଖେଳ ପ୍ରତି ଅଧିକ ଆଗ୍ରହ ସୃଷ୍ଟି କରିବାରେ ସାହାଯ୍ୟ କରିଛି। ଏମଏଲବିର ବ୍ୟବସାୟ ଏବଂ ଗଣମାଧ୍ୟମ ଡେପୁଟି କମିଶନର ନୋଆ ଗାର୍ଡନ କହିଛନ୍ତି, "ଏହି ସହଭାଗିତା ଏମଏଲବିର ଆନ୍ତର୍ଜାତୀୟ ଅଭିବୃଦ୍ଧି ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ରାଇଜ ୱାର୍ଲ୍ଡୱାଇଡ ସହିତ ସହଯୋଗ କରି, ଆମେ ଖେଳ ମାଧ୍ୟମରେ ସାଂସ୍କୃତିକ ସମ୍ପର୍କକୁ ଏକକାଳୀନ ଭାବରେ ସୁଦୃଢ଼ କରିବା ସହିତ ବେସବଲର ଉତ୍ସାହକୁ ବ୍ୟାପକ ଦର୍ଶକଙ୍କ ପାଖରେ ପହଞ୍ଚାଇପାରିବୁ।" ରାଇଜ ୱାର୍ଲ୍ଡୱାଇଡର ମୁଖ୍ୟ ନିଖିଳ ବାର୍ଡିଆ କହିଛନ୍ତି, "ଭାରତର କ୍ରୀଡା ବଜାର ନୂତନ ସୁଯୋଗ ସୃଷ୍ଟି କରିଚାଲିଛି। ବେସବଲର ବିଶ୍ୱସ୍ତରୀୟ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି, ମୁଁ ବିଶ୍ୱାସ କରେ ଯେ ଏହି ଖେଳକୁ ଭାରତୀୟ ଦର୍ଶକଙ୍କ ନିକଟକୁ ଆଣିବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ରାଇଜ ୱାର୍ଲ୍ଡୱାଇଡ୍ ଭାରତର ଲୋକଙ୍କ ନିକଟରେ ବେସବଲର ଉତ୍ସାହକୁ ପହଞ୍ଚାଇବା ପାଇଁ ଏମଏଲବି ସହିତ ସହଭାଗୀ ହୋଇ ବେଶ ଉତ୍ସାହିତ ରହିଛି। ଏପରି ଆକର୍ଷଣୀୟ ଅଭିଜ୍ଞତା ଦେଶବ୍ୟାପୀ ବେସବଲ୍ ପାଇଁ ନୂତନ ଦର୍ଶକଙ୍କ ନିକଟରେ ପହଞ୍ଚିବାରେ ସହାୟକ ହେବ।" ରାଇଜ ୱାର୍ଲ୍ଡୱାଇଡ୍ ଦୀର୍ଘ ସମୟ ଧରି କ୍ରୀଡା ଏବଂ ମିଡିଆ କ୍ଷେତ୍ରରେ ସକ୍ରିୟ ରହିଛି। କମ୍ପାନୀ ଭାରତରେ ନୂତନ ଦର୍ଶକଙ୍କ ନିକଟରେ ବେସବଲ୍ ପରିଚିତ କରାଇବା ପାଇଁ କାର୍ଯ୍ୟ କରିବ।


ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି